76th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

# The Prajatantra

ସାପ୍ତାହିକ

ମୂଲ୍ୟ: ୧୫ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 | @the_prajatantra | theprajatantra@yahoo.com | www.theprajatantra.org

୭୬ବର୍ଷ ❑ ସଂଖ୍ୟା-୨୧୯ ● କଟକ ● ସୋମବାର ● ୨୭ ମାର୍ଚ୍ଚ-୨୦୨୩ ● ଚୁଡ଼ା୨୦ ● ସାଲ୍ ୧୪୩୦

CUTTACK ● MONDAY ● 27 MARCH-2023 ● RNI Regd.No.4001/57

ମୂଲ୍ୟ : ₹୫ ଟଙ୍କା


# ବିକଶିତ ଭାରତ ଗଠନରେ ନାରୀଶକ୍ତିର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପବିତ୍ର ନବରାତ୍ର ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନାରୀ ଶକ୍ତିର ବିଶେଷତ୍ୱ ବିଷୟରେ ଉଲ୍ଲେଖ କରିବା ସହ ନାରୀଶକ୍ତିର ଏହି ଉର୍ଜା ହିଁ ବିକଶିତ ଭାରତର ପ୍ରାଣବାୟୁ ବୋଲି କହିଛନ୍ତି । ମନ କି ବାତ କାର୍ଯ୍ୟକ୍ରମରେ ସେ ଦେଶର ସଫଳ ମହିଳା ମାନଙ୍କର ନାମର ଉଲ୍ଲେଖ କରିବା ବେଳେ ଭାବା ଆଟମିକ ରିସର୍ଚ ସେଂଟରର କାର୍ଯ୍ୟରତ ଓଡିଶାର ମହିଳା ବୈଜ୍ଞାନିକ ଜ୍ୟୋତିର୍ମୟୀ ମହାନ୍ତିଙ୍କ ନାମ ମଧ୍ୟ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି ଯେ ଏହାହେଉଛି ପବିତ୍ର ନବରାତ୍ରର ସମୟ । ଶକ୍ତି ଉପାସନାର ସମୟ । ଆଜି, ଭାରତର ଯେଉଁ ସାମର୍ଥ୍ୟବାନ ସ୍ୱରୂପ ନୂଆ ଭାବରେ ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ହୋଇ ଉଦ୍ଭାସିତ ହେବାରେ ଲାଗିଛି, ତହିଁରେ ବହୁତ ବଡ଼ ଭୂମିକା ନାରୀଶକ୍ତିର ହିଁ ରହିଛି । ଏତେ ସମୟ ଭିତରେ ଏଇମିତି ଅନେକ ଉଦାହରଣ ଆମ ସାମ୍ନାରେ ଉପସ୍ଥିତ ହୋଇସାରିଛି । ଏସିଆର ପ୍ରଥମ ମହିଳା ଲୋକୋ ପାଇଲଟ୍ ସୁରେଖା ଯାଦବ ଙ ଏକ ନୂତନ କୀର୍ତିମାନ ସ୍ଥାପନ କରି ବନ୍ଦେ ଭାରତ ଏକ୍ସପ୍ରେସର ପ୍ରଥମ ମହିଳା ଲୋକୋ ପାଇଲଟ୍ ହୋଇପାରିଛନ୍ତି । ଏହି ମାସରେ ପ୍ରଯୋଜକ ଗୁନୀତ୍ ମୋଂଗା ଏବଂ ଡାଇରେକ୍ଟର କାର୍ତିକୀ ଗୋଁଜାଲ୍ଭିସ୍ ତାଙ୍କର ଡକ୍ୟୁମେଂଟାରୀ ଏଲିଫାଂଟ ହ୍ୱିସ୍ପର୍ସ ପାଇଁ ଓସ୍କାର ଜିତି ଭାରତବର୍ଷର ନାଁକୁ ଗୌରବମଣ୍ଡିତ କରିଛନ୍ତି । ଦେଶ ପାଇଁ ଆଉ ଏକ ଉପଲବ୍ଧି ଭାବା ଆଟମିକ ରିସର୍ଚ ସେଂଟରର ବୈଜ୍ଞାନିକ ଭଉଣୀ ଜ୍ୟୋତିର୍ମୟୀ ମହାନ୍ତି ମଧ୍ୟ ହାସଲ କରିଛନ୍ତି । ଜ୍ୟୋତିର୍ମୟୀ କେମିଷ୍ଟ୍ରି ଓ କେମିକାଲ ଇଂଜିନିୟରିଂ ଫିଲ୍ଡର ଆଇୟୁପିଏସି ର ବିଶେଷ ପୁରସ୍କାର ପାଇଛନ୍ତି । ଏହି ବର୍ଷର ପ୍ରାରମ୍ଭରେ ହିଁ ଭାରତର ୧୯ ବର୍ଷରୁ କ୍ରିକେଟ୍ ଟିମ୍ ଟି ୨୦ ବିଶ୍ୱକପ ଜିତି ନୂଆ ଇତିହାସ ସୃଷ୍ଟି କରିଛନ୍ତି । ଯଦି ଆପଣମାନେ ରାଜନୀତି ଆଡ଼େ ଆଖି ପକାଇବେ, ତେବେ ନାଗାଲାଣ୍ଡରେ ଏକପ୍ରକାର ନୂତନ ଅଧ୍ୟାୟ ଆରମ୍ଭ ହୋଇଯାଇଛି । ନାଗାଲାଣ୍ଡରେ ୭୫ ବର୍ଷ ଭିତରେ ପ୍ରଥମଥର ପାଇଁ ଦୁଇଜଣ ମହିଳା ବିଧାୟକ ବିଜୟଲାଭ କରି ବିଧାନସଭା ପହଂଚିଛନ୍ତି । ଏମାନଙ୍କ ମଧ୍ୟରୁ ଜଣଙ୍କୁ ନାଗାଲାଣ୍ଡର ସରକାରରେ ମନ୍ତ୍ରୀପଦ ମଧ୍ୟ ପ୍ରାପ୍ତ ହୋଇଛି ଅର୍ଥାତ୍ ରାଜ୍ୟବାସୀଙ୍କୁ ପ୍ରଥମଥର ପାଇଁ ଜଣେ ମହିଳା ମନ୍ତ୍ରୀ ମଧ୍ୟ ମିଳିଛି । ଆଜି, ଦେଶର ଝିଅମାନେ ଆମର ତିନୋଟିଯାକ ସେନାବାହିନୀରେ ନିଜର ଶୌର୍ଯ୍ୟ ଓ ସାହସର ପ୍ରଦର୍ଶନ କରିଚାଲିଛନ୍ତି । ଗ୍ରୁପ କ୍ୟାପେଟେନ ଶାଲିଜା ଧାମୀ କମ୍ବାଟ ୟୁନିଟର କମାଣ୍ଡ ଆପଏଂଟମେଂଟ ପାଇଥିବା ପ୍ରଥମ ମହିଳା ବାୟୁସେନା ଅଧିକାରୀ ହୋଇପାରିଛନ୍ତି । ତାଙ୍କ ପାଖରେ ପାଖାପାଖି ୩ ହଜାର ଘଂଟାର ଫ୍ଲାଂଇ ଏକ୍ସପେରିଏନ୍ସ ରହିଛି । ସେହିପରି ଭାରତୀୟ ସେନାର ସାହସୀ ମବଜୁ-ଶ୍ୱବସଭ ଶିବା ଚୌହାନ୍ ସିଆଚିନ୍ରେ ନିଯୁକ୍ତ ହୋଇଥିବା ପ୍ରଥମ ମହିଳା ଅଧିକାରୀ ଅଟନ୍ତି । ସିଆଚିନ୍ରେ ଯେଉଁଠି ପାରଦ ମାଇନସ୍ ସିକ୍ସଟି (-୬୦) ଡିଗ୍ରୀ ପର୍ଯ୍ୟନ୍ତ ଖସିଆସେ । ସେଠାରେ ଶିବା ତିନିମାସ ପର୍ଯ୍ୟନ୍ତ ଅବସ୍ଥାପିତ ରହିବେ । ସେ କହିଛନ୍ତି ଯେ ଏତେ ଲମ୍ବା ଯେ ଏଠାରେ ସମସ୍ତଙ୍କର ଚର୍ଚ୍ଚା କରିବା ସମ୍ଭବପର ନୁହେଁ । ଏହିପରି ସମସ୍ତ ମହିଳା, ଆମର ଝିଅମାନେ ଆଜି ଭାରତ ଏବଂ ଭାରତର ସ୍ୱପ୍ନ ତଥା ସଂକଳ୍ପକୁ ନୂତନ ଶକ୍ତି ପ୍ରଦାନ କରିଚାଲିଛନ୍ତି । ନାରୀଶକ୍ତିର ଏହି ଉର୍ଜା ହିଁ ବିକଶିତ ଭାରତର ପ୍ରାଣବାୟୁ ବୋଲି ସେ କହିଛନ୍ତି ।

## ବିଜେଡି କଂଗ୍ରେସଠୁ ବଳିଗଲାଣି : ଜୁଏଲ

ଭୁବନେଶ୍ୱର, (ପିପିଏସ) : ବିଜେଡି କଂଗ୍ରେସଠୁ ବଳିଗଲାଣି ବୋଲି କହିଛନ୍ତି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ସୁନ୍ଦରଗଡ ସାଂସଦ ଜୁଏଲ ଓରାମ । ଭୁବନେଶ୍ୱର ଠାରେ ମନମୋହନ ସାମଲଙ୍କୁ ସମ୍ବର୍ଧନା ଦେବା ଅବସରରେ ଉଦବୋଧନ ଦେଇ ଶ୍ରୀ ଓରାମ କହିଛନ୍ତି ଯେ କଂଗ୍ରେସ ଅତ୍ୟାଚାର ଚରମ ସୀମାରେ ଥିବାରୁ ବିଜେଡିକୁ ଗଠନ କରିଥିଲୁ । ବିଜେଡି ଯିଏ ଗଠନ କରିଥିଲେ ସେମାନେ ଆଉ ନାହାନ୍ତି । ବିଜେଡି କଂଗ୍ରେସଠୁ ବଳି ଗଲାଣି । ରାଜ୍ୟରେ ବିକଳ୍ପ ସରକାର ଗଠନ ପାଇଁ ମିଳିତ ଲଢ଼େଇ କରିବା ବୋଲି ସେ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଯେ ରାଜ୍ୟରେ ଦୁର୍ନୀତି ଅପାରଗ ଓ ଭ୍ରଷ୍ଟାଚାରୀ ସରକାରଙ୍କୁ ଜନସାଧାରଣ ତୁରନ୍ତ ଜବାବ ଦେଇ ବିଜେପିକୁ କ୍ଷମତାସୀନ କରିବେ ବୋଲି ସ୍ଥିର କରିନେଇଛନ୍ତି ।

# ମନରେଗା ଶ୍ରମିକଙ୍କ ମଜୁରୀ ବୃଦ୍ଧି

ନୂଆଦିଲ୍ଲୀ : ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା ଅନ୍ତର୍ଗତ ମଜୁରୀ ହାର ବୃଦ୍ଧି ପାଇଁ କେନ୍ଦ୍ର ସରକାର ଅଧିସୂଚନା ଜାରି କରିଛନ୍ତି । ହରିୟାଣାର ଦୈନିକ ସର୍ବାଧିକ ମଜୁରୀ ୩୫୭ ଟଙ୍କା ଥିବାବେଳେ ମଧ୍ୟପ୍ରଦେଶ ଏବଂ ଛତିଶଗଡରେ ସର୍ବନିମ୍ନ ସ୍ଥିର ମଜୁରୀ ଦିନକୁ ୨୨୧ ଟଙ୍କା ରହିଛି । କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ୨୪ ମାର୍ଚ୍ଚରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା ଅଧୀନରେ ବେତନ ହାରରେ ପରିବର୍ତ୍ତନ ସମ୍ପର୍କରେ ବିଜ୍ଞପ୍ତି ଜାରି କରିଛି । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆକ୍ଟ (ମନରେଗା), ୨୦୦୫ ର ଧାରା ୬(୧) ଅନୁଯାୟୀ ଏହି ବିଜ୍ଞପ୍ତି ଜାରି କରାଯାଇଛି । ମଜୁରୀ ୭ ରୁ ୨୬ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏପ୍ରିଲ ୨ ତାରିଖରୁ ଏହା କାର୍ଯ୍ୟକାରୀ ହେବ । ପୂର୍ବ ବର୍ଷର ହାର ତୁଳନାରେ ରାଜସ୍ଥାନ ସର୍ବାଧିକ ମଜୁରୀ ବୃଦ୍ଧି ପଞ୍ଜିକରଣ କରିଛି । ରାଜସ୍ଥାନ ପାଇଁ ସଂଶୋଧିତ ମଜୁରୀ ଦିନକୁ ୨୫୫ ଟଙ୍କା ରହିଛି । ୨୦୨୨-୨୩ ରେ ଏହା ୨୩୧ ଟଙ୍କା ଥିଲା । ଗତ ବର୍ଷ ତୁଳନାରେ ବିହାର ଏବଂ ଝାଡଖଣ୍ଡରେ ପ୍ରାୟ ଆ୦ ପ୍ରତିଶତ ବୃଦ୍ଧି ପଞ୍ଜିକୃତ ହୋଇଛି । ଗତ ବର୍ଷ ଏହି ଦୁଇ ରାଜ୍ୟରେ ମନରେଗା ଶ୍ରମିକଙ୍କ ଦୈନିକ ମଜୁରୀ ୨୧୦ ଟଙ୍କା ଥିଲା । ବର୍ତ୍ତମାନ ଏହାକୁ ୨୨୮ ଟଙ୍କାକୁ ସଂଶୋଧନ କରାଯାଇଛି । ଛତିଶଗଡ ଏବଂ ମଧ୍ୟପ୍ରଦେଶ ପାଇଁ ସର୍ବନିମ୍ନ ଦୈନିକ ମଜୁରୀ ୨୨୧ ଟଙ୍କା ରହିଛି । ପୂର୍ବ ବର୍ଷ ତୁଳନାରେ ଏଥିରେ ୧୭ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି । ୨୦୨୨-୨୩ ମସିହାରେ ଉଭୟ ରାଜ୍ୟରେ ଦୈନିକ ମଜୁରୀ ୨୦୪ ଟଙ୍କା ଥିଲା । ରାଜ୍ୟମାନଙ୍କ ପାଇଁ ମଜୁରୀ ବୃଦ୍ଧି ଦୁଇରୁ ୧୦ ପ୍ରତିଶତ ମଧ୍ୟରେ ରହିଛି । ସର୍ବନିମ୍ନ ପ୍ରତିଶତ ବୃଦ୍ଧି ପଞ୍ଜିକୃତ ରାଜ୍ୟଗୁଡ଼ିକ ମଧ୍ୟରେ କର୍ନାଟକ, ଗୋଆ, ମେଘାଳୟ ଏବଂ ମଣିପୁର ରହିଛନ୍ତି ।

## କୁଆପଥର ବୃଷ୍ଟି ସହ ଝଡ଼ବର୍ଷା ଆଶଙ୍କା

ଭୁବନେଶ୍ୱର : ସୋମବାରଠାରୁ ରାଜ୍ୟରେ ପଶ୍ଚିମ ଝଡ଼ର ପ୍ରଭାବ ଆରମ୍ଭ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ବିଶେଷ କରି ଉପକୂଳ ଓଡ଼ିଶାରେ ପବନର ବେଗ ଘଣ୍ଟାପ୍ରତି ୪୦ରୁ ୫୦ କିମି ଯାଏ ରହିବ । ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବ । ଆଜି (ରବିବାର) କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ବାଲେଶ୍ୱର, ଭଦ୍ରକ, ଅନୁଗୁଳ, ଢେଙ୍କାନାଳ, ରାୟଗଡ଼ା, କନ୍ଧମାଳ, ଗଞ୍ଜାମ, ଗଜପତି, ନୟାଗଡ଼ ଓ ଖୋର୍ଦ୍ଧା ଆଦି ଜିଲ୍ଲାରେ ୪୦ରୁ ୫୦ କିମି ବେଗରେ ପବନ ବହିବା ସହ ବିଜୁଳି, ଘଡ଼ଘଡ଼ି ସହ ଝଡ଼ବର୍ଷା ହେବ । କିଛି ସ୍ଥାନରେ କୁଆପଥର ବର୍ଷା ମଧ୍ୟ ହେବ । ବିଶେଷ କରି ମୟୂରଭଞ୍ଜ, ବାଲେଶ୍ୱର, ଗଞ୍ଜାମ ଓ ଗଜପତି ଜିଲ୍ଲାର କିଛି ଅଞ୍ଚଳରେ କୁଆପଥର ବର୍ଷା ସମ୍ଭାବନା ରହିଛି । ଏଣୁ ଉପରୋକ୍ତ ସମସ୍ତ ଜିଲ୍ଲା ପାଇଁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଯେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହଭଳି ରାଜ୍ୟରେ ୨୭ ତାରିଖ ଦିନ ଏହାର ପ୍ରଭାବ ଅଧିକ ରହିବ । ସମଗ୍ର ଉପକୂଳ ଓ ପାଖାପାଖି ଜିଲ୍ଲାରେ ଝଡ଼ବର୍ଷା ହେବ । ପବନର ବେଗ ଘଣ୍ଟାପ୍ରତି ୩୦ରୁ ୪୦ କିମି ପର୍ଯ୍ୟନ୍ତ ରହିବ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଓ ମୟୂରଭଞ୍ଜ ଜିଲ୍ଲାରେ ଏହାର ପ୍ରଭାବ ଅଧିକ ରହିବ । ଏଣୁ ଏହି ସବୁ ଜିଲ୍ଲା ପାଇଁ ପାଣିପାଗ କେନ୍ଦ୍ର ଯେଲୋ ୱାର୍ଣ୍ଣିଂ ଜାରି କରିଛି । ଏହାଛଡ଼ା ରାଜ୍ୟର ବାକି ସମସ୍ତ ଅଞ୍ଚଳରେ ହାଲୁକା ବର୍ଷା ସମ୍ଭାବନା ରହିଛି । ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ତେବେ ଆସନ୍ତା ୩୦ ତାରିଖ ଆଡ଼କୁ ଉତ୍ତର-ପଶ୍ଚିମ ଭାରତକୁ ଆଉ ଏକ ପଶ୍ଚିମା ଝଡ଼ ପ୍ରଭାବିତ କରିବ । ଏହାର ପ୍ରଭାବ ଓଡ଼ିଶା ଉପରେ କେତେ ରହିବ ତାହା ଏବେ ସ୍ପଷ୍ଟ ହୋଇନାହିଁ ।

## କାର ଓ ବାଇକ ମୁହାଁମୁହିଁ ଧକ୍କା, ୨ ମୃତ

ମାଲକାନଗିରି, (ହି.ସ.) : କାଳିମେଳା ଥାନା ଅନ୍ତର୍ଗତ ମାଲକାନଗିରି-କାଳିମେଳା ୩୨୬ ନମ୍ବର ଜାତୀୟ ରାଜପଥ ରେ ପୋତାଖାଲ କଲୋନି ନିକଟରେ ଆଜି ଏକ କାର୍ ସହିତ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି । ଦୁର୍ଘଟଣାରେ ଘଟଣାସ୍ଥଳରେ ୨ ଜଣ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତିମାନେ ହେଲେ ଗଙ୍ଗା କବାସୀ ଓ ଲଛା ମାଢ଼ି । ସୂଚନା ଅନୁସାରେ ଗଙ୍ଗା ଓ ଲଛା ନିଜ ସମ୍ପର୍କୀୟ ଘରକୁ ଯାଇ ଫେରୁଥିବା ବେଳେ ପୋତାଖାଲ ନିକଟରେ ବାଇକ ସହ କାର ମୁହାଁମୁହିଁ ଧକା ହୋଇଥିଲା । କାରଟି ଦ୍ରୁତଗତିରେ କାଳିମେଳା ଆଡୁ ମାଲକାନଗିରି ଅଭିମୁଖେ ଯାଉଥିଲା ।

କଟକର ବଙ୍ଗାଳି ସାହି ପୂଜା ମଣ୍ଡପରେ ମା' ବାସନ୍ତୀ ଦୁର୍ଗାଙ୍କ ମୂର୍ତ୍ତି ପ୍ରସ୍ତୁତ ।

(ଫଟୋ : ସରୋଜ)

# ଓଡିଶାବାସୀଙ୍କୁ ଏକ ନିର୍ମଳ, ସ୍ୱଚ୍ଛ ଶାସନ ଦେବା ପାଇଁ ପ୍ରସ୍ତୁତ ବିଜେପି : ମନମୋହନ ସାମଲ

ଭୁବନେଶ୍ୱର, (ପିପିଏସ) : ଭାରତୀୟ ଜନତା ପାର୍ଟୀ ହେଉଛି ଆଭ୍ୟନ୍ତରୀଣ ଗଣତାନ୍ତ୍ରୀକ ଏବଂ କ୍ୟାଡର ଭିତିକ ରାଜନୈତିକ ଦଳ । ଏହି ଦଳକୁ ଗଢି ତୋଳିବା ପାଇଁ କୋଟି କୋଟି କାର୍ଯ୍ୟକର୍ତାଙ୍କ ଅବଦାନ ଓ ବଳିଦାନ ଚିରସ୍ମରଣୀୟ । ସାମୁହିକ ନେତୃତ୍ୱ, ଜନ ବିଶ୍ୱାସ, କାର୍ଯ୍ୟକର୍ତାଙ୍କ କଠିନ ପରିଶ୍ରମ ଆଧାର ହେଉଛି ଦଳର ମୂଳମନ୍ତ୍ର । ଏହାକୁ ଆଧାର କରି ବିଜେପି ଲୋକଙ୍କ ସେବା କାର୍ଯ୍ୟ କରୁଛି ଏବଂ ଓଡିଶାବାସୀଙ୍କୁ ଏକ ନିର୍ମଳ, ସ୍ୱଚ୍ଛ ଶାସନ ଦେବା ପାଇଁ ପ୍ରସ୍ତୁତ ରହିଛି । ବିଶ୍ୱାସଭାଜନ ହୋଇପାରିଛି । ଥରୁଟିଏ ସୁଯୋଗ ଦେଲେ ୫ ବର୍ଷ ଭିତରେ ଅପାର ସମ୍ଭାବନା ଥିବା ଓଡିଶାକୁ ଏକ ବିକଶିତ ରାଜ୍ୟ ଭାବେ ଗଢି ତୋଳିବୁ ବୋଲି ନବନିଯୁକ୍ତ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି । ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସ୍ୱାଗତ ଓ ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇ ଶ୍ରୀ ସାମଲ କହିଛନ୍ତି ଯେ, କଂଗ୍ରେସ ଦଳର ଅନ୍ୟାୟ, ଅତ୍ୟାଚାର, ଦୁର୍ନୀତି ବିରୁଦ୍ଧରେ ଲଢିବାକୁ ଯାଇ ବିଜୁ ଜନତା ଦଳର ପ୍ରତିଷ୍ଠା ହୋଇଥିଲା । ଆଜି ତାଠୁ ବହୁ ଅଧିକ ଗୁଣା ଭୟାନକ ଓ ବିସ୍ଫୋରକ ସ୍ଥିତି ବିଜେଡି ଶାସନରେ ଦେଖାଯାଇଛି । ବିଜେଡି କଂଗ୍ରେସ ଦଳକୁ ବଳିଗଲାଣି । ଓଡିଶାରେ ସବୁକିଛି ଥାଇ ସୁଦ୍ଧା ଓଡିଆ ଆଜି ଗରୀବ । ଶାସନ ବ୍ୟବସ୍ଥା ସ୍ଥାଣୁ ପାଲଟିଯାଇଛି । ଗଣତନ୍ତ୍ର ବିପଦରେ । ବର୍ତମାନ ବିଜେଡି ସରକାରକୁ ତଡିବାର ସମୟ ଆସିଯାଇଛି । ଜନବିରୋଧୀ, ବିକାଶବିରୋଧୀ ବିଜେଡି ସରକାରକୁ ହଟାଇବା ହେଉଛି ଆମର ଏକ ମାତ୍ର ଲକ୍ଷ୍ୟ । ୨୦୦୦ ମସିହାରେ କଂଗ୍ରେସ ଦଳକୁ ହଟାଇବା ପାଇଁ ଶପଥ ନେଇଥିଲୁ, ଏବେ ବିଜେଡିକୁ ହଟାଇବା ପାଇଁ ଶପଥ ନେଉଛୁ । ଦୀର୍ଘ ୨୩ ବର୍ଷର ଦୁର୍ନୀତିଖୋର, ଭ୍ରଷ୍ଟାଚାରୀ ବିଜେଡି ସରକାର ବିରୁଦ୍ଧରେ ଲଢିବା, ଜିତିବା ଏବଂ ଏକ ନୂତନ ଇତିହାସ ସୃଷ୍ଟି କରିବା । ସାଢେ ଚାରି କୋଟି ଓଡିଆଙ୍କ ସ୍ୱର ପାଲଟିବ ବିଜେପି ବୋଲି ଶ୍ରୀ ସାମଲ କହିଛନ୍ତି ।ଓଡିଶାରେ ଆମକୁ ଅନ୍ୟ ରାଜନୈତିକ ଦଳ ଅତୀତରେ ସାଇନବୋର୍ଡ ପାର୍ଟୀ ବୋଲି କହିଥିବାବେଳେ ବିଜେପିର ଭୋଟ ଆଜି ୩୯ ପ୍ରତିଶତରେ ପହଂଚିଛି । ସଂଘର୍ଷରୁ ଆମ ଦଳ ଏହି ସ୍ଥାନରେ ପହଂଚିପାରିଛି । ବର୍ତମାନ ସମୟ ବଦଳି ଯାଇଛି । ସାଧାରଣ ଲୋକ ଏଥର ନିର୍ବାଚନ ଲଢିବେ ଏବଂ ସେମାନେ ସରକାର ଗଠନ କରିବେ । ଆମ ଦଳର ପୋଷ୍ଟର ମାରୁଥିବା ସାଧାରଣ କାର୍ଯ୍ୟକର୍ତାଟି ନବୀନ ପଟ୍ଟନାୟକଙ୍କଠାରୁ ଭଲ ଶାସନ ଦେବାକୁ ସକ୍ଷମ ବୋଲି ଶ୍ରୀ ସାମଲ କହିଛନ୍ତି ।ରାଜ୍ୟରେ ରାଜନୈତିକ ସିଷ୍ଟମକୁ ବିଜେଡି ନଷ୍ଟ କରିଦେଇଛି । ବିଜେଡି ସରକାରରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ସଚିବଙ୍କ ଦେଖା ମିଳୁ ନାହିଁ । କୃଷି, ଶିଳ୍ପ, ପର୍ଯ୍ୟଟନ, ଜଳସେଚନ ଆଦି କ୍ଷେତ୍ରରେ ଓଡିଶା ଆଜି ବହୁ ପଛରେ ପଡିଯାଇଛି । ଦାଦନ, କଟନୀ-ଛଟନୀରେ ଶିକାର ଆଜି ରାଜ୍ୟବାସୀ । ବିରୋଧୀଙ୍କୁ ପୋଲିସ ପ୍ରଶାସନର ଅପବ୍ୟବହାର କରି ମିଛ କେସ୍ରେ ଜେଲରେ ଭର୍ତି କରାଯାଉଛି । ୨୩ ଜଣ ଯୁବ କାର୍ଯ୍ୟକର୍ତାଙ୍କୁ ମିଛ କେସରେ ଜେଲରେ ଭର୍ତି କରିଦିଆଯାଇଛି ବୋଲି ସେ କହିଥିଲେ ।

## କେନ୍ଦୁଝରରେ ବାଘ ଆତଙ୍କ

କେନ୍ଦୁଝର, (ହି.ସ.) : କେନ୍ଦୁଝର ଜିଲ୍ଲାରେ ବାଘ ଆତଙ୍କ । ଘଟଗାଁ ବନାଞ୍ଚଳ ଅଟେଇ ସଂରକ୍ଷିତ ଜଙ୍ଗଲରେ ୪ଟି ମଇଁଷିକୁ ବାଘ ମାରି ଖାଇଥିବା ରେଞ୍ଜର ସୂଚନା ଦେଇଛନ୍ତି । ସୂଚନା ଅନୁସାରେ, ଅଟେଇ ସଂରକ୍ଷିତ ଜଙ୍ଗଲ ନିକଟରେ ଥିବା ଏକ ଗାଁର କିଛି ମଇଁଷି ଶୁକ୍ରବାର ରାତିରେ ଜଙ୍ଗଲରେ ଥିଲେ । ଏହି ମଇଁଷି ପଲରୁ ୪ଟିକୁ ବାଘ ମାରି ଦେଇଥିବା ଜଣାପଡ଼ିଛି । ଏନେଇ ସ୍ଥାନୀୟ ଲୋକେ ଗତକାଲି ସକାଳେ ବନ ବିଭାଗକୁ ଖବର ଦେଇଥିଲେ । ବନ ବିଭାଗ କର୍ମଚାରୀ ଘଟଣାର ତଦନ୍ତ କରୁଛନ୍ତି । କିଛିଦିନ ପୂର୍ବରୁ ଅଟେଇ ସଂରକ୍ଷିତ ଜଙ୍ଗଲରେ ମହାବଳ ବାଘ ଥିବା ଟ୍ରାକ କ୍ୟାମେରାରୁ ଜଣାପଡିଥିଲା । ପରେ ପରେ ବନ ବିଭାଗ ଅଟେଇ ସଂରକ୍ଷିତ ଜଙ୍ଗଲର ୪ ଗୋଟି ରାସ୍ତାରେ ଚଳପ୍ରଚଳ ଉପରେ ଅଙ୍କୁଶ ଲଗାଯାଇଥିଲା । ଏଥିସହିତ ଏସିଏଫଙ୍କ ନେତୃତ୍ୱରେ ଏକ ସ୍କ୍ୱାଡ୍ ଗଠନ କରାଯାଇ ବାଘର ଗତିବିଧି ଉପରେ ନଜର ରଖାଯାଇଥିଲା । ତେବେ ଗୋଟିଏ ବାଘ ମଇଁଷିଙ୍କୁ ମାରି ଖାଇଛି ନା ଆଉ ବାଘ ଅଛନ୍ତି, ସେ ନେଇ ବନ କର୍ମଚାରୀ ଅନୁସନ୍ଧାନ ଚଳାଇଛନ୍ତି । ଏହି ଘଟଣା ପରେ ଗ୍ରାମବାସୀଙ୍କ ଭିତରେ କୋକୁଆ ଭୟ ଖେଳିଯାଇଛି । ସୂଚନାଯୋଗ୍ୟ, ନୂଆପଡ଼ା ଜିଲ୍ଲାରେ ମଧ୍ୟ ବାଘ ଆତଙ୍କ ଦେଖିବାକୁ ମିଳିଛି । ଜିଲ୍ଲାର ଧରମବନ୍ଧା ସେକ୍ସନ ସିଲିଆରିବାହାଲ ଗାଁରେ ବାଘ ଏକ ବାଛୁରୀକୁ ଖାଇ ଦେଇଥିବା ଜଣାପଡ଼ିଛି ।

## କମିଶନରେଟ ପୋଲିସର ଏନକାଉଣ୍ଟର

ଭୁବନେଶ୍ୱର, (ପିପିଏସ) : ଶନିବାର ବିଳମ୍ବିତ ରାତ୍ରୀରେ ରାଜଧାନୀରେ ବନ୍ଧୁକ ଗର୍ଜିଛି । ପୋଲିସ ଗୁଳିରେ ହାର୍ଡକୋର ଅପରାଧି ଜିତେନ୍ଦ୍ର ପଲେଇ ଓରଫ ଜିତୁ ଆହତ ହୋଇଥିବା ଜଣା ପଡିଛି । ମିଳିଥିବା ସୂଚନା ଅନୁସାରେ ଖାରବେଳନଗର ଥାନାରେ ବମିଙ୍ଗ ସହ ଜୀବନରୁ ମାରିଦେବା ପାଇଁ ଧମକ ଦେବା ଭଳି ଅନେକ ମାମଲାରେ ଜିତୁର ସମ୍ପୃକ୍ତି ଥିଲା । ଫେରାର ଥିବା ଜିତୁ ଆଜି ଭୁବନେଶ୍ୱର ଆସୁଥିବା ବେଳେ ଟଙ୍କପାଣି ରୋଡ଼ ନିକଟରେ ଜିତୁର କାରକୁ ପୋଲିସ ଠାବ କରିଥିଲା । ଆଉ ଠିକ ଏହି ସମୟରେ ପୋଲିସ ପଞ୍ଚା ରୁ ଜିତୁ ବଞ୍ଚିବା ପାଇଁ ବଙ୍କୁଆଲ କୁଆଖାଇ ନଦୀ ଆଡ଼କୁ ଗାଡି ଚଢାଇବା ସମୟରେ ନିଜକୁ ସୁରକ୍ଷିତ ରଖିବା ପାଇଁ ପୋଲିସ ଅଧିକାରୀଙ୍କ ଉପରକୁ ଜିତୁ ଆଖିବୁଜା ଗୁଳି ଚାଳନା କରିଥିଲା ପରେ ନିଜକୁ ରକ୍ଷା କରିବାକୁ ଯାଇ ଖାରବେଳନଗର ଥାନାର ଥାନା ଅଧିକାରୀ ରଜନୀକାନ୍ତ ମିଶ୍ର ପାଲଟା ଗୁଳି ଚାଳନା କରିଥିଲେ । ଆଉ

## ଶୀଘ୍ର ବାର୍ଦ୍ଧକ୍ୟ କରାଇଦେବନି ଜିଙ୍କ୍ ଚା'

ଜିଙ୍କ୍‌କୁ ୱାଇନ୍, କଫି, ଚା' ଏବଂ ଚକୋଲେଟ୍ ଭଳି ଖାଦ୍ୟପାନୀୟରେ ବ୍ୟବହାର କରିବା ଦ୍ୱାରା ଶରୀରକୁ ବିଶେଷ ଲାଭ ମିଳିଥାଏ । ଏହାର ସେବନ ଅକ୍ସିଡେଟିଭ୍ ଷ୍ଟ୍ରେସ୍‌ରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ । ଏକ ଗବେଷଣାରେ ଏହି ଦାବି କରାଯାଇଛି । ଜର୍ମାନୀର ଏର୍‌ଲାନ୍‌ଜନ୍ ନ୍ୟୁମରବର୍ଗ ୟୁନିଭର୍ସିଟିର ଗବେଷକଙ୍କ ମତରେ, ବୃଦ୍ଧାପଣ ତଥା ଜୀବନ ପ୍ରତ୍ୟାଶା ଘଟାଇବା ପଛରେ କିଛି ମାତ୍ରା ପର୍ଯ୍ୟନ୍ତ ଅକ୍ସିଡେଟିଭ୍ ଅବସାଦ ଦାୟୀ ଥାଏ । ଏହି ଗବେଷଣାରୁ ଜଣାପଡ଼ିଛି, ଜିଙ୍କ ଏକ ଜୈବିକ ଅଣୁକୁ ସକ୍ରିୟ କରିଥାଏ, ଯାହା ଅକ୍ସିଡେଟିଭ୍ ଷ୍ଟ୍ରେସ୍‌ରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ । ୟୁନିଭର୍ସିଟି ମୁଖ୍ୟ ଗବେଷକଙ୍କ ମତରେ, ଏହା ନିଶ୍ଚିତଭାବେ ସମ୍ଭବ ଯେ ୱାଇନ୍, କଫି, ଚା' କିମ୍ବା ଚକୋଲେଟ୍ ଭବିଷ୍ୟତରେ ଜିଙ୍କ୍ ସହ ଉପଲବ୍ଧ ହେବ । ଜିଙ୍କ୍ ଏଭଳି ଏକ ଖଣିଜ, ଯାହାର ସାମାନ୍ୟ ମାତ୍ରା ମନୁଷ୍ୟକୁ ସୁସ୍ଥ ରହିବାରେ ବିଶେଷ ସହାୟକ ହୋଇଥାଏ । ଏହି ଗବେଷଣା ନେଚର୍ କେମିଷ୍ଟ୍ରି ପତ୍ରିକାରେ ପ୍ରକାଶିତ ହୋଇଛି ।

## ରଙ୍ଗବେରଙ୍ଗର ଅଣ୍ଡା

ଅଣ୍ଡାର ରଙ୍ଗ କ'ଣ ବୋଲି ପଚରାଗଲେ ଉତ୍ତର ମିଳିବ - ଧଳା ବା ଈଷତ୍ ବାଦାମୀ । ବେଳେବେଳେ ଅଣ୍ଡା ମଧ୍ୟ ଘିଅ ରଙ୍ଗର ହୋଇଥାଏ । କିନ୍ତୁ ବିଶ୍ୱର ବିଭିନ୍ନ ଅଞ୍ଚଳରେ ବାସ କରୁଥିବା ଭିନ୍ନ ଭିନ୍ନ ଜାତିର ପକ୍ଷୀ ବିଭିନ୍ନ ରଙ୍ଗର ଅଣ୍ଡା ଦେଇଥାନ୍ତି । ଆମେରିକାନ ରବିନ୍ ଦେଉଥିବା ଅଣ୍ଡାର ରଙ୍ଗ ନୀଳ । ଅବଶ୍ୟ ଏହା ପୂରା ଗାଢ଼ ନୁହେଁ । ସେଟି ୱାର୍ବଲର ଅଣ୍ଡା ଦେଖିବାକୁ ତାମ୍ରବର୍ଣ୍ଣ ବା ଲଟା ରଙ୍ଗର । ଏମୁର ଅଣ୍ଡା ଖୁବ୍ ସୁନ୍ଦର । ଏହା ନୀଳମିଶା ଶାଗୁଆ ଓଏହା ଛିଟ ଛିଟ । ମୋଜାଇକ୍ ଭଳି ଏହା ଖୁବ୍ ଚିକ୍କଣ ଦେଖାଯାଏ । ଗ୍ରେଟ୍ ଟିନାମାଓ ଫିକା ନୀଳ ରଙ୍ଗର ଅଣ୍ଡା ଦେଇଥାଏ । କେନ୍ଦ୍ରୀୟ ଓ ଦକ୍ଷିଣ ଆମେରିକାର ଦେଖ ଯାଉଥିବା ଏହି ପକ୍ଷୀ ବଣ୍ୟ କୁକୁଡା ରୂପେ ମଧ୍ୟ ପରିଚିତ । ପେରେଗ୍ରାଇନ୍ ଫାଲକନ୍ ଅଣ୍ଡାର ରଙ୍ଗ ବାଦାମୀ । ଗୋଲ୍ଡେନ୍ ପ୍ଲୋଭରର ଅଣ୍ଡା ଦାଗ ଦାଗ । ହଳଦିଆ, ଧଳା ଓ ପାଉଁଶିଆର ମିଶ୍ରିତ ରଙ୍ଗ ଉପରେ କଳା ଦାଗ ସବୁ ରହିଥାଏ । ଗ୍ରେଟ୍ ବୋୟରବାର୍ଡ ର ଅଣ୍ଡା ଖୁବ୍ ଆକର୍ଷଣୀୟ । ଘିଅ ରଙ୍ଗର ପୃଷ୍ଠ ଉପରେ ବାଦାମୀ ରଙ୍ଗର ଲମ୍ବା ଲମ୍ବା ଛିଟ ଦାଗ ଖୁବ୍ ସୁନ୍ଦର ଦେଖାଯାଏ ।

## ଆଜିର ରାଶିଫଳ

**ମେଷ** – କାବ୍ୟ ରଚନା ପ୍ରତି ରୁଚି ବଢ଼ିପାରେ । ମହିଳାମାନେ ଘରକାମରେ ବ୍ୟସ୍ତ ରହିପାରନ୍ତି । ଶନିଙ୍କ ପ୍ରଭାବ ହେତୁ ସତର୍କରେ ଚଳିବାକୁ ପଡ଼ିପାରେ । ଭାତୃ ବିବାଦର ସମାଧାନ ହେବ ।

**ବୃଷ** – ସୁଖ ସମ୍ମାନ ଲାଭ କରିବେ । ସରକାରୀ ସ୍ତରରୁ ଧନାଗମ ହେବାର ସୂଚନା ରହିଛି । ଉତ୍ତମ ବନ୍ଧୁ ଦର୍ଶନ ହେବ । ବାକ୍‌ସଂଯମତା ରକ୍ଷା କରନ୍ତୁ, ନଚେତ୍ ହଇରାଣରେ ପଡ଼ିବେ ।

**ମିଥୁନ** – ମହିଳାଙ୍କ ମନ ଭାଙ୍ଗିଯାଇପାରେ । ସମୟ ବିଭ୍ରାଟ ଦିଗରେ ଗତିକରିବ । ପ୍ରଭାବଶାଳୀ ଲୋକଙ୍କ ସହ ସାକ୍ଷାତ ହୋଇପାରେ । ଉଦ୍ୟମରେ ସଫଳତା ପାଇବେ । ଦେବଦର୍ଶନ ଯୋଗ ରହିଛି ।

**କର୍କଟ** – ପରାକ୍ରମୀ ହେବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତିତ ରହିବେ । ବିଦ୍ୟାର୍ଥୀ ସଫଳତା ପାଇବେ । ବିବାଦର ସମାଧାନ ହେବ । ଯୋଜନାରେ ତ୍ରୁଟି ପରିଲକ୍ଷିତ ହେବ । ନିଷ୍ଠାର ସହ କାର୍ଯ୍ୟ କରନ୍ତୁ, ସଫଳତା ପାଇବେ ।

**ସିଂହ** – ଆୟ ବଢ଼ିପାରେ । ନାନାବିଧ ସମ୍ମାନର ଅଧିକାରୀ ହୋଇପାରନ୍ତି । ଯାନବାହନ ସୁଖ ମିଳିବ । ଭୋଗବିଳାସରେ ସମୟ ଅତିବାହିତ କରିବେ । ଗୃହକୁ ପୁରୁଣା ବନ୍ଧୁ ଆଗମନ କରିପାରନ୍ତି ।

**କନ୍ୟା** – ଅର୍ଥ ପ୍ରା ପ୍ତି ଯୋଗ ରହିଛି । ଶତ୍ରୁ ବିନାଶ କରି ନିଶ୍ଚିତରେ ଦିନ କାଟିବେ । ପତ୍ନୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ବିବ୍ରତ ହେବେ । ବିବାଦୀୟ ଘଟଣାରେ ମୁଣ୍ଡ ଭର୍ତ୍ତି କରନ୍ତୁନି, ସମସ୍ୟା ଜଟିଳ ଆଡ଼କୁ ଗତିକର

**ତୁଳା** – ଭ୍ରମଣ ହେତୁକ କ୍ଳାନ୍ତି ଅନୁଭବ କରିବେ । ସାମାଜିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି । ବିଭିନ୍ନ ଦିଗରୁ ଧନାଗମର ସୂଚନା ମିଳୁଛି । ଚଞ୍ଚଳମନା ହୋଇପାରନ୍ତି । ଶତ୍ରୁ ଭୟ ଲାଗିରହିବ । କ୍ଷେତ୍ରରେ ଉନ୍ନତମାନର କାର୍ଯ୍ୟ ସମ୍ପନ୍ନ ହେବ

**ବିଛା** – ବଅସାବଧାନତାବଶତଃ କୌଣସି ଦ୍ରବ୍ୟ ହଜାଇ ପାରନ୍ତି । ଅଧିକ ଖର୍ଚ୍ଚାନ୍ତ ଯୋଗ ରହିଛି । ଚକ୍ଷୁଜନିତ ସମସ୍ୟାରେ ପୀଡ଼ିତ ହୋଇପାରନ୍ତି । ମଧୁର କଥାକହି ସମସ୍ୟାକୁ ସ ମ୍ଭାଳି ନେବେ । ସନ୍ତାନ ସୁଖ ମିଳିପାରେ ।

**ଧନୁ** – ସ୍ୱାସ୍ଥ୍ୟ ଭଲ ରହିବ । ଚନ୍ଦ୍ରଙ୍କ ଯୋଗୁ କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବ । ସୁସାଦୁ ବ୍ୟଞ୍ଜନରେ ଆପ୍ୟାୟିତ ହୋଇପାରନ୍ତି । ବ୍ୟବସାୟରେ ଲାଭ ପାଇବେ । କାର୍ଯ୍ୟାଳୟରେ ଉପରିସ୍ଥ ଅଧିକାରୀଙ୍କଠୁ ପ୍ରଶଂସା ପାଇବେ ।

**ମକର** – କୃଷିକ୍ଷେତ୍ରରୁ ଲାଭ ପାଇବେ । ଯାନବାହନ ସୁଖ ମିଳିପାରେ । ପ୍ରଦୂଷଣମୁକ୍ତ ଗୃହରେ ବସତି ସ୍ଥାପନ କରିପାରନ୍ତି । ଉତ୍ତମ ମିତ୍ରଙ୍କ ସାନ୍ନିଧ ପାଇବେ । ବିଦ୍ୟାର୍ଥୀ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହେବେ ।

**କୁମ୍ଭ** – ଭ୍ରମଣ ହେତୁକ କ୍ଳାନ୍ତି ଅନୁଭବ କରିବେ । ସାମାଜିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି । ବିଭିନ୍ନ ଦିଗରୁ ଧନାଗମର ସୂଚନା ମିଳୁଛି । ଚଞ୍ଚଳମନା ହୋଇପାରନ୍ତି । ଶତ୍ରୁ ଭୟ ଲାଗିରହିବ । କ୍ଷେତ୍ରରେ ଉନ୍ନତମାନର କାର୍ଯ୍ୟ ସମ୍ପନ୍ନ ହେବ ।

**ମୀନ** – ବୃଥା ଭ୍ରମଣ ଯୋଗୁ ବ୍ୟୟ ହୋଇପାରେ । ମାଙ୍ଗଳିକ କାର୍ଯ୍ୟରେ ସଫଳତା ମିଳିପାରେ । ମାନସିକ ସ୍ତରରେ ଅସହ୍ୟବୋଧ ମନେକରିବେ । ପୁରୁଣା ବିବାଦର ସମାଧାନ ହେବ । ଚାକିରିରେ ଉନ୍ନତି ଘଟିବ ।

## ପରିବାର ପାଇଁ ବାସ୍ତୁଶାସ୍ତ୍ରର ପ୍ରତିକାର

ଅନେକ ସମୟରେ ଆମେ ଦେଖି ଆସିଛୁ ବିବାହ, ସ୍ୱାସ୍ଥ୍ୟ, ଭବିଷ୍ୟତକୁ ନେଇ ସମସ୍ୟା ଉପୁଜୁଥିବାର । ଏପରି ସମସ୍ୟା ଉପୁଜିବାର କାରଣ ହେଉଛି ବାସ୍ତୁଶାସ୍ତ୍ର ନମାନି ଘର ତୋଳିବା, ଆସବାବ ପତ୍ର ରଖିବା ଇତ୍ୟାଦି । ଆପଣ ଯଦି ବାସ୍ତୁ ଶାସ୍ତ୍ରକୁ ଧ୍ୟାନ ଦେଉନାହାଁନ୍ତି ତେବେ ଏହି ସମସ୍ୟା ଉପୁଜିବା ସ୍ୱାଭାବିକ କଥା । ତେବେ ଆସନ୍ତୁ ଜାଣିବା ଏହି ସମସ୍ୟାକୁ କିପରି ଦୂର କରାଯାଇ ପାରିବ । ବାସ୍ତୁ ଶାସ୍ତ୍ର ଆପଣ ଯଦି ବାସ୍ତୁ ଶାସ୍ତ୍ରକୁ ଧ୍ୟାନ ଦେଉନାହାଁନ୍ତି ତେବେ ଏହି ସମସ୍ୟା ଉପୁଜିବା ସାଭାବିକ କଥା । ତେବେ ଆସନ୍ତୁ ଜାଣିବା ଏହି ସମସ୍ୟାକୁ କିପରି ଦୂର କରାଯାଇ ପାରିବ ବିବାହ ଝିଅଙ୍କ ପାଇଁ ବିବାହ ହେଉଛି ଜୀବନ ସଦୃଶ । ପ୍ରତ୍ୟକ ଝିଅ ଚାହାଁନ୍ତି ନିଜ ଘର, ନିଜ ବର ଭଲ ହେଉ । ସେ ସୁଖ, ଶାନ୍ତିରେ ଜୀବନ ବିତାନ୍ତୁ ଇତ୍ୟାଦି । କିନ୍ତୁ ଅନେକ ସମୟରେ ଦେଖାଯାଇଛି ଝିଅମାନଙ୍କର ବିବାହରେ ବାଧା ବିଘ୍ନ, ବିଳମ୍ବ ବିବାହ ଭଳି ବହୁ ସମସ୍ୟା । ସାଧାରଣତଃ ଝିଅମାନେ ଯଦି ଉତ୍ତର- ପଶ୍ଚିମ ଦିଗରେ ଥିବା ପ୍ରକୋଷ୍ଠରେ ରହିଥାନ୍ତି ତେବେ ଏହି ସମସ୍ୟା ଉପୁଜୁଥାଏ । ବାସ୍ତୁଶାସ୍ତ୍ର ନିୟମାନୁସାରେ ପୂର୍ବ-ପଶ୍ଚିମ ଦିଗ ଶୁଭଙ୍କର ହୋଇଥାଏ । ଭବିଷ୍ୟତ ସମସ୍ତେ ନିଜ ଜୀବନରେ ସଫଳତା ଆଶା କରିଥାନ୍ତି ଏହା ଦ୍ୱାରା ନିଜର ଗୌରବ ବୃଦ୍ଧି ହେବା ସହ ସମାଜରେ ଖ୍ୟାତି ମଧ୍ୟ ମିଳିଥାଏ । ହେଲେ କିଛି କାରଣ ପାଇଁ ଭବିଷ୍ୟତରେ ବାଧାବିଘ୍ନ ଉପୁଜିଥାଏ । ଯଦି ଦକ୍ଷିଣ-ପୂର୍ବ ଦିଗରେ ପ୍ରକୋଷ୍ଠର ଦରଜା ଥାଏ ତାହା ଶୁଭଙ୍କର ହୋଇଥାଏ । ଦକ୍ଷିଣ-ପଶ୍ଚିମ କୋଣରେ ବସୁଥିଲେ ତାହା ମଧ୍ୟ ଶୁଭଦାୟକ ହୋଇଥାଏ । ସ୍ୱାସ୍ଥ୍ୟ ଆପଣ କ୍ଳାନ୍ତି, ଦୁର୍ବଳ, ଅସୁସ୍ଥ ଅନୁଭବ କରୁଥିଲେ ତାହା ବାସ୍ତୁ ସମସ୍ୟା ବୋଲି ଆପଣଙ୍କୁ ମାନିନେବାକୁ ହେବ । ଏହା ଦ୍ୱାରା ହାଡ଼, ମେରୁଦଣ୍ଡରେ ସମସ୍ୟା ଦେଖାଯାଇଥାଏ । ବାସ୍ତୁ ଶାସ୍ତ୍ର ନିୟମାନୁସାରେ ଏଭଳି ସମସ୍ୟାର ଉପଚାର କଲେ ତ୍ରାହି ମିଳିଥାଏ ।

## ଧ୍ୟାନ ଦିଅନ୍ତୁ ଶିଶୁଙ୍କୁ ଜ୍ୱର ହେଲେ କଣ କରିବେ ?



ଶିଶୁ ଶୋଇବାକୁ ଯଦି କଷ୍ଟସାଧ୍ୟ ମଣୁଥାଏ, ଯଦି ଠିକ୍ ଭାବେ ଖାଦ୍ୟ ଖାଉ ନଥାଏ କିମ୍ବା ଖେଳକୁଦ କରୁନଥାଏ, ଏସବୁ ଲକ୍ଷଣ ଜରର ପ୍ରତୀକ ବୋଲି ଆମକୁ ଜାଣିବାକୁ ହେବ । ଶିଶୁମାନଙ୍କ କ୍ଷେତ୍ରରେ ଜର ଅନେକ ସମୟରେ ପରିଲକ୍ଷିତ ହୋଇଥାଏ । ସାଧାରଣତଃ ଶିଶୁମାନଙ୍କ ଶରୀରରେ ସାଧାରଣ ତାପମାତ୍ରା ଥାଏ । ଜରର ସଙ୍କେତ କେତେକ ରୋଗ ସଂକ୍ରମଣ ଦେଇ ଶିଶୁର ଶରୀର ମଧ୍ୟକୁ ଯାଏ । ଆମେ ଶିଶୁର କପାଳରେ ହାତ ରଖି ଜରର ପରିମାଣ ଜାଣି ପାରିଥାଉ । ଶିଶୁର ଦେହରେ ଯଦି ୯୭ ଡ଼ିଗ୍ରୀର ତାପମାତ୍ରା ରହୁଥାଏ ତେବେ ଏହା ସାଧାରଣ ବୋଲି ଆମକୁ ଜାଣିବାକୁ ହେବ କିନ୍ତୁ ଶିଶୁର ଦେହରେ ଯଦି ୧୦୦.୪ ଡ଼ିଗ୍ରୀର ତାପମାତ୍ରା ଥାଏ ତେବେ ଶିଶୁକୁ ଜର ହୋଇଛି ବୋଲି ଜଣାଯାଏ । ଜର ହେବା ଫଳରେ ଶିଶୁର ଶରୀର ଦୁର୍ବଳ, କାନରେ ରୋଗ ସଂକ୍ରମଣ ଓ ଅନେକ ସାଙ୍ଘାତିକ ଅବସ୍ଥାରେ ମସ୍ତିଷ୍କ ଆବରକ ଝିଲ୍ଲୀର ପ୍ରବାହ ଓ ରକ୍ତରେ ବୀଜାଣୁ ରୋଗ ସଂକ୍ରମଣ ହୋଇଥାଏ । ଶିଶୁ ଶୋଇବାକୁ ଯଦି କଷ୍ଟସାଧ୍ୟ ମଣୁଥାଏ, ଯଦି ଠିକ୍ ଭାବେ ଖାଦ୍ୟ ଖାଉ ନଥାଏ କିମ୍ବା ଖେଳକୁଦ କରୁନଥାଏ, ଏସବୁ ଲକ୍ଷଣ ଜରର ପ୍ରତୀକ ବୋଲି ଆମକୁ ଜାଣିବାକୁ ହେବ । ତେଣୁ ଡ଼ାକ୍ତରଙ୍କ ସହ ପରାମର୍ଶ କରି ଜର କମିବା ଯାଏ ନିୟମିତ ଔଷଧ ଦିଆଯିବା ଉଚିତ୍ । ଆପଣ ମଧ୍ୟ ଶିଶୁ ପ୍ରତି ଅଧିକ ଯତ୍ନଶୀଳ ହେଲେ ଶିଶୁ ଖୁବ୍ ଶୀଘ୍ର ଆରୋଗ୍ୟ ଲାଭ କରି ପାରିବ । ଶିଶୁକୁ ଜର ହେଉଥିଲେ ତିନିମାସ ଯାଏ ଡ଼ାକ୍ତରଙ୍କ ନିକଟରେ ଶିଶୁଟିର ଚିକିତ୍ସା କରାଗଲେ ଭଲ ।

## ପ୍ରଥମ ଘୋଡ଼ା ଚାଳିତ ଆମ୍ବୁଲାନ୍ସ

ପ୍ରଥମ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଥିଲା ଫ୍ରାନ୍ସରେ । ଫ୍ରାନ୍‌ସର ସମ୍ରାଟ ନେପୋଲିଅନ୍‌ଙ୍କ ଶଲ୍ୟ ଚିକିତ୍ସକ ଡ଼ୋମିନିକ୍ ଜିନ୍ ଲାରି ୧୭୯୨ରେ ଏହି ସେବା ଆରମ୍ଭ କରିଥିଲେ । ଯୁଦ୍ଧକ୍ଷେତ୍ରରେ ହିଁ ଆହତ ସୈନିକମାନଙ୍କୁ ତତ୍କାଳ ଚିକିତ୍ସା ସେବା ଯୋଗାଇ ଦେବା ଲାଗି ନୋପୋଲିଅନ୍ ପରାମର୍ଶ ଦେଇଥିଲେ । ନେପୋଲିଅନ୍‌ଙ୍କ ପରାମର୍ଶ ଅନୁଯାୟୀ ଲାରିଙ୍କ ଦ୍ୱାରା ଘୋଡ଼ାଗାଡ଼ିରେ କିଛି ଡ଼ାକ୍ତରୀ ଉପକରଣ ଓ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କୁ ନେଇ ଏହି ସେବାର ଆୟମାରମ୍ଭ ହୋଇଥିଲା । ଲାରି ତାଙ୍କର ଅନ୍ୟ ଜଣେ ସହଯୋଗୀ ଡାକ୍ତର ପି.ପର୍ସିଙ୍କ ସହ ଏକ ଆମ୍ବୁଲାନ୍ସ ବାହିନୀ ଗଠନ କରିଥିଲେ । ଏହି ବାହିନୀରେ କେତେକ ଶଲ୍ୟ ଚିକିତ୍ସକଙ୍କ ସହ ଷ୍ଟ୍ରେଚର ମଧ୍ୟ ରଖାଯାଇଥିଲା । ଅବଶ୍ୟ ୧୮୯୫ ଡିସେମ୍ବରରେ ପ୍ୟାରିସ୍‌ର ଏକ ସାଇକେଲ୍ ପ୍ରଦର୍ଶନୀରେ ପ୍ରଥମ 'ମୋଟର ଗାଡ଼ି ଆମ୍ବୁଲାନ୍ସ' ପ୍ରଦର୍ଶନ କରାଯାଇଥିଲା । ୧୯୦୦ ମସିହାରେ ଫ୍ରାନ୍ସର ଆଲେଁକନ୍‌ଠାରେ ବିଶ୍ୱର ପ୍ରଥମ ଆଧୁନିକ ଆମ୍ବୁଲାନ୍ସ ପ୍ରଚଳନ ଆରମ୍ଭ ହୋଇଥିଲା । ଏହାପରଠାରୁ ଅନ୍ୟାନ୍ୟ ଦେଶରେ ଆମ୍ବୁଲାନ୍ସ ସେବାର ପ୍ରସାର ଘଟିଥିଲା । ଆଜିକାଲି ପ୍ରାୟ ସହରାଞ୍ଚଳର ସବୁ ଡାକ୍ତରଖାନାରେ ଏକ ବା ଏକାଧିକ ଆମ୍ବୁଲାନ୍ସ ଦେଖିବାକୁ ମିଳେ ।

## ଫିଲ୍ମ ଟକ୍

## ଦୁବାଇ ସିଫ୍ଟ ହେଲେ ଏରିକା ଫର୍ଣ୍ଣାଣ୍ଡିସ

'କସୋଟି ଜିନ୍ଦେଗୀ କି ୨' ଏବଂ 'କୁଛ ରଙ୍ଗ ପ୍ୟାର କେ ଏସେ ଭୀ' ଭଳି ଟିଭି ସିରିଏଲରେ କାମ କରିଥିବା ଅଭିନେତ୍ରୀ ଏରିକା ଫର୍ଣ୍ଣାଣ୍ଡିସ୍ । ବର୍ତ୍ତମାନ ସେ ମୁମ୍ବାଇ ଛାଡି ଦୁବାଇକୁ ଶିଫ୍ଟ ହେବାକୁ ନିଷ୍ପତ୍ତି ନେଇଛନ୍ତି । ନିକଟରେ ତାଙ୍କୁ ଦୁବାଇର କିଛି ଶୋ'ରେ ମଧ୍ୟ ଦେଖିବାକୁ ମିଳିଥିଲା । ଏନେଇ ଏରିକା କହିଛନ୍ତି ଯେ ସେ ନିଜର କାର୍ଯ୍ୟ ପ୍ରତିଶ୍ରୁତି ପୂରଣ କରିବା ପାଇଁ ଭାରତ ଆସିବେ । ଏହା ବ୍ୟତୀତ ସେ ଆହୁରି ମଧ୍ୟ ମୁମ୍ବାଇର ଟ୍ରାଫିକକୁ ନେଇ କହିଛନ୍ତି ଯେ ଗୋରେଗାଓଁରୁ ନାଇଗାଓଁରେ ପହଞ୍ଚିବା ଅପେକ୍ଷା ଦୁବାଇରୁ ମୁମ୍ବାଇ ପହଞ୍ଚିବା ସହଜ ଅଟେ । ଏରିକା ଫର୍ଣ୍ଣାଣ୍ଡିସ୍ ହିନ୍ଦୁସ୍ଥାନ ଟାଇମ୍ସକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି, 'ମୁଁ ଗ୍ରୋଥ ହେବାର ଖୋଜୁଥିଲି । ମୁଁ ଏଠାରେ ଅଭିନୟ କରିବା ପରେ ପରବର୍ତ୍ତୀ ସମୟରେ କ'ଣ କରିବାକୁ ଚାହୁଁଛି ବୁଝିପାରିଲି ନାହିଁ ? ଏଠାରେ ରହିବା ବେଳେ ଲାଗୁଥିଲା ଯେପରି ମୋର ଗ୍ରୋଥ ବନ୍ଦ ହୋଇଯାଇଛି । କିନ୍ତୁ, ମୁଁ ଆଗକୁ ଯିବାକୁ ଚାହୁଁଥିଲି । ସେଥିପାଇଁ ମୁଁ ଏତେ ବଡ ପଦକ୍ଷେପ ନେଇଛି । ଏରିକା ଆହୁରି ମଧ୍ୟ କହିଛନ୍ତି, 'ଦୁବାଇ ମୋ ପାଇଁ ଦ୍ୱିତୀୟ ଘର ପରି, ତେଣୁ ମୁଁ କହିବି ନାହିଁ ଯେ ମୁଁ କଫର୍ଟ ଜୋନରୁ ବାହାରକୁ ଯାଉଛି । ମୋର ପୁରା ପରିବାର ଏଠାରେ ରୁହନ୍ତି, ତେଣୁ ଏହା ମୋ ପାଇଁ ଏକ ସହଜ ନିଷ୍ପତ୍ତି ଥିଲା । ଦୁବାଇ ଏକ ସୁନ୍ଦର ସ୍ଥାନ ଏବଂ ଏହା ଏକ ବିଶ୍ୱସ୍ତରୀୟ ହବ । ମୁଁ ଏଠାରେ ବହୁତ କିଛି ଶିଖିବାକୁ ପାଇବି ବୋଲି ଭାବୁଛି ।

## ଖାଆନ୍ତୁ ଓ ଖୁଆନ୍ତୁ:ଦଲିଆ ବର୍ଫି

ସାମଗ୍ରୀ - ୧୫୦ ଗ୍ରାମ୍ ଗହମର ଦଲିଆ , ୩୦୦ ମି.ଲି କ୍ଷୀର, ୧୦୦ ଗ୍ରାମ୍ ଘିଅ, ୨୫୦ ଗ୍ରାମ୍ ଚିନି, ୧୫ଟି କଟା ହୋଇଥିବା କାଜୁ, ୧ ଚାମଚ କଳା ଜିରା, ୭ଟି କଟା ଯାଇଥିବା ପିସ୍ତା, କିଛି ଗୁଜୁରାତି । ପ୍ରଣାଳୀ - ଦଲିଆର ବର୍ଫି ତିଆରି କରିବା ପାଇଁ ଗୋଟେ ପ୍ୟାନ୍‌ରେ ତିନି ଚାମଚ ଘିଅ ପକାନ୍ତୁ । ସେଥିରେ ଦଲିଆ ପକେଇ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ । ପ୍ୟାନ୍‌କୁ ଆଞ୍ଚରୁ ଓହ୍ଲାଇ ଦିଅନ୍ତୁ । ଗୋଟେ କଡ଼େଇରେ କ୍ଷୀର ଫୁଟାନ୍ତୁ । କ୍ଷୀର ଫୁଟିଗଲେ ମଧ୍ୟମ ଆଞ୍ଚରେ ଭଜା ଯାଇଥିବା ଦଲିଆକୁ କଡ଼େଇରେ ପକାନ୍ତୁ । ଏଇ ମିଶ୍ରଣକୁ ମଧ୍ୟମ ଆଞ୍ଚରେ ମଝିରେ ମଝିରେ ଚଲାନ୍ତୁ । ଅଧ ଘଣ୍ଟା ପରେ କ୍ଷୀର ଶୁଖିଯିବ । ତେବେ ଧୀମା ଆଞ୍ଚରେ ଏଥିରେ ଦଲିୟା, ଚିନି, ଗୁଜୁରାତି ପାଉଡ଼ର, କାଜୁ, କଳା ଜିରା ଓ ପିସ୍ତା ପକାନ୍ତୁ । ଧ୍ୟାନ ରଖିବେ ଦଲିୟା ଓ କ୍ଷୀରର ମିଶ୍ରଣରେ ଖୋଆ, କ୍ଷୀର ଶୁଖିଯିବା ପରେ ପକେଇବେ । ଏବେ ୧୫ ମିନିଟ୍ ପର୍ଯ୍ୟନ୍ତ ମିଶ୍ରଣକୁ ଚଲେଇବା ପରେ ସବୁ ସାମଗ୍ରୀକୁ ଭଲ ଭାବରେ ମିଶାଇ ଦିଅନ୍ତୁ ଓ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ଗୋଟିଏ ଚଟକା ବାସନରେ ଘିଅ ଲଗାଇ ଏଇ ମିଶ୍ରଣକୁ ଖେଳେଇ ଦିଅନ୍ତୁ । ମିଶ୍ରଣ ଥଣ୍ଡା ହେବା ପରେ ବର୍ଫି ଆକାରରେ ମନ ମୁତାବକ କାଟନ୍ତୁ । ତା ଉପରେ କଟା ଯାଇଥିବା ପିସ୍ତାକୁ ପକାନ୍ତୁ । ଗୋଟେ ସପ୍ତାହ ପର୍ଯ୍ୟନ୍ତ ଏୟାର୍ ଟାଇଟ୍ ଡ଼ବାରେ ଏହାକୁ ରଖି ପାରିବେ ।

## ସୁନ୍ଦର ତ୍ୱଚା ପାଇଁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ



ଆପଣ ଯଦି ଉଜ୍ଜ୍ୱଳ ତ୍ୱଚା ପାଇଁ ଚାହୁଁଛନ୍ତି ତେବେ ଆପଣଙ୍କୁ କିଛି ଟିପ୍‌ସକୁ ଆପଣେଇବାକୁ ପଡ଼ିବ । ଆଜିର ସମାଜରେ ଅନେକ କିଛି ତ୍ୱଚା ପାଇଁ କ୍ରିମ୍ ଓ ଚିକିତ୍ସା କରୁଥିବାର ନଜର ରହିଛି । ବିଶେଷ କରି ଗ୍ଲାମର ଦୁନିଆରେ ଅଧିକ ପରିମାଣରେ ତ୍ୱଚାର ସୌନ୍ଦର୍ଯ୍ୟ ପାଇଁ ଭିନ୍ନ ଭିନ୍ନ ପନ୍ଥା ଅବଲମ୍ବନ କରୁଥିବାର ଜଣାଯାଏ । ଫଳ ଓ ପନିପରିବାରେ ଅଧିକ ପରିମାଣର ଆଣ୍ଟି ଅକ୍ସାଇଡ୍ ଭାଗ ରହୁଥିବାରୁ ଏହା ଅଧିକ ଉଜ୍ଜ୍ୱଳପଣ ସୃଷ୍ଟି କରିବାରେ ସହାୟ ହୋଇଥାଏ । ସେହିପରି ଆପଣ ଯଦି ଅଧିକ ପରିମାଣ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଉଛନ୍ତି ତେବେ ଏହା ତ୍ୱଚା ପାଇଁ ମଧ୍ୟ ଭଲ । ପ୍ରତିଦିନ ୬ରୁ ୮ ଗ୍ଲାସ୍ ପାଣି ମଧ୍ୟ ପିଇବା ଉଚିତ୍ । କାରଣ ଚର୍ମ ଆର୍ଦ୍ରତା ଚାହିଁଥାଏ । ଯେତେବେଳେ ତ୍ୱଚା ଶୁଷ୍କ ଦେଖାଯାଏ ନିର୍ଜଳୀକରଣ ପାଇଁ ହୋଇଥାଏ । ସାଧାରଣତଃ ମୌଳିକ ସମସ୍ୟା ଧୂମପାନ, ବାୟୁ ପ୍ରଦୂଷଣ ଓ ଟାଣ ସୂର୍ଯ୍ୟକିରଣ ଯୋଗୁ ତ୍ୱଚାରେ ଦାଗ ପରିଲକ୍ଷିତ ହୋଇଥାଏ । ଏସବୁର ନିରାକାରଣ ସହ ପ୍ରୋଟିନ୍‌ଯୁକ୍ତ ଫଳ, ପନି ପରିବାକୁ ନିୟମିତ ଖାଦ୍ୟ ରୂପେ ଗ୍ରହଣ କରିବା ଉଚିତ୍ ।

# ଆମେରିକାର ଭାରତୀୟ ଦୂତାବାସ ବାହାରେ ଖଲିସ୍ତାନ ସମର୍ଥକଙ୍କ ଉତ୍ତେଜନା

ୱାଶିଂଟନ୍ : ଖଲିସ୍ତାନ ସମର୍ଥକମାନେ ଶନିବାର ୱାଶିଂଟନରେ ଭାରତୀୟ ସାମ୍ବାଦିକ ଲଲିତ ଝାଙ୍କୁ ଆକ୍ରମଣ କରିଥିଲେ। ଆମେରିକାର ରାଜଧାନୀ ୱାଶିଂଟନ ଡିସିରେ ଭାରତୀୟ ଦୂତାବାସ ସାମ୍ନାରେ ପ୍ରଦର୍ଶନ କରୁଥିବା ଖଲିସ୍ତାନ ସମର୍ଥକ ଭାରତୀୟ ଖବରଦାତା ଲଲିତ ଝାଙ୍କ ଉପରେ ଆକ୍ରମଣ କରିଛନ୍ତି । ଖବରଦାତା ଲଲିତଙ୍କୁ ଗାଳି ଗୁଲଜ କରିବା ସହ ମାରପିଟ ହୋଇଛି । ଶନିବାର ଅର୍ଥାତ୍ ୨୫ ମାର୍ଚ୍ଚ ମଧ୍ୟାହ୍ନରେ ଯେତେବେଳେ ଭାରତୀୟ ଦୂତାବାସ ବାହାରେ ଖଲିସ୍ତାନ ସମର୍ଥକଙ୍କ ବିରୋଧ ପ୍ରଦର୍ଶନକୁ ଲଲିତ କଭର କରୁଥିଲେ ସେତେବେଳେ ଏହି ଘଟଣା ଘଟିଛି । ଏସବୁ ପଛରେ ସବୁଠରୁ ବଡ କାରଣ ହେଉଛି ଭାରତରେ ଖଲିସ୍ତାନୀ ସମର୍ଥକ ଅମୃତପାଲ ସିଂଙ୍କ ବିରୋଧରେ ସରକାରଙ୍କ କାର୍ଯ୍ୟାନୁଷ୍ଠାନ। ଶନିବାର ଅପରାହ୍ନରେ ଯେତେବେଳେ ୱାଶିଂଟନ୍‌ରେ ଥିବା ଭାରତୀୟ ଦୂତାବାସ ବାହାରେ ଖଲିସ୍ତାନ ସମର୍ଥକଙ୍କ ଦ୍ୱାରା ଲଲିତ ଝା ଏକ ବିରୋଧ ପ୍ରଦର୍ଶନ କରିଥିଲେ, ସେତେବେଳେ କିଛି ଉଗ୍ରବାଦୀ ତାଙ୍କ ଉପରେ ଆକ୍ରମଣ କରିଥିଲେ। ଏହା ପରେ ଝା ପୋଲିସକୁ ଡାକିଥିଲେ। ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଲଲିତ ଝାଙ୍କୁ ସୁରକ୍ଷା ଦେଇଥିଲା। ଲଲିତ ଝା ରବିବାର ଦିନ ଆମେରିକାର ଗୁପ୍ତ ସେବାକୁ ତାଙ୍କୁ ସୁରକ୍ଷା ଦେଇଥିବାରୁ ଏବଂ ତାଙ୍କୁ ତାଙ୍କ କାର୍ଯ୍ୟରେ ସାହାଯ୍ୟ କରିଥିବାରୁ ଧନ୍ୟବାଦ ଜଣାଇଛନ୍ତି। ରବିବାର ଟୁଇଟ୍ କରି ଏହି ଘଟଣା ସମ୍ପର୍କରେ ସୂଚନା ଦେଇ ଲଲିତ ଝା କହିଛନ୍ତି ଯେ ଯଦି ସିକ୍ରେଟ୍ ସର୍ଭିସ ତାଙ୍କୁ ସେହି ସ୍ଥାନରେ ସୁରକ୍ଷା ଦେଇ ନଥାନ୍ତା, ତେବେ ସେ ଡାକ୍ତରଖାନାରୁ ଏସବୁ ଲେଖିଥାନ୍ତେ। ୱାଶିଂଟନ୍ ଡିସିରେ ଥିବା ଭାରତୀୟ ଦୂତାବାସ ଏହି ଆକ୍ରମଣକୁ ନିନ୍ଦା କରିଛି। ଭାରତୀୟ ଦୂତାବାସ ଏକ ବିବୃତ୍ତିରେ କହିଛି ଯେ ୱାଶିଂଟନ୍ ଡିସିରେ ତଥାକଥିତ ଖାଲିସ୍ତାନ ବିରୋଧ ବିଷୟରେ କଭର୍ କରୁଥିବାବେଳେ ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ଜଣେ ବରିଷ୍ଠ ଭାରତୀୟ ସାମ୍ବାଦିକଙ୍କ ଉପରେ ନିର୍ଯାତନା, ଭୟଭୀତ ତଥା ଶାରୀରିକ ନିର୍ଯାତନାର ଦୃଶ୍ୟ ଦେଖିଛୁ। ସାମ୍ବାଦିକଙ୍କୁ ପ୍ରଥମେ ପାଟିତୁଣ୍ଡ କରାଯାଇଥିଲା, ପରେ ଶାରୀରିକ ନିର୍ଯାତନା ଦିଆଯାଉଥିଲା ଏବଂ ତାଙ୍କ ବ୍ୟକ୍ତିଗତ ନିରାପତ୍ତା ତଥା ସୁସ୍ଥତା ପାଇଁ ତାଙ୍କୁ ଆଇନ ପ୍ରଣୟନକାରୀ ସଂସ୍ଥାକୁ ଡାକିବାକୁ ପଡିଲା, ଯାହା ତୁରନ୍ତ ଜବାବ ଦେଇଥିଲା। ଉଲ୍ଲେଖନୀୟ ବିଷୟ ହେଉଛି, ଖଲିସ୍ତାନ ସମର୍ଥକମାନେ ନିକଟ ଅତୀତରେ ସାନ ଫ୍ରାନ୍ସିସ୍କୋରେ ଥିବା ଭାରତୀୟ ଦୂତାବାସ ଏବଂ କନସୁଲେଟ୍ ବାହାରେ ଅନେକ ଥର ବିରୋଧ ପ୍ରଦର୍ଶନ କରିଥିଲେ। ମାର୍ଚ୍ଚ ୨୦ ରେ ସାନ ଫ୍ରାନ୍ସିସ୍କୋରେ ଥିବା ଭାରତୀୟ କନସୁଲେଟ ଉପରେ ଆକ୍ରମଣ କରାଯାଇଥିଲା ଏବଂ ପରିସର ଚଢ଼ାଉ କରାଯାଇଥିଲା।

# ପୋଲିସ ଅନୁମତି ବିନା କଂଗ୍ରେସର ସତ୍ୟାଗ୍ରହ ଆରମ୍ଭ

ନୂଆଦିଲ୍ଲୀ : କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସଂସଦର ସଦସ୍ୟତା ବାତିଲ ଏବଂ ସୁରଟ କୋର୍ଟ ଦ୍ୱାରା ଦୁଇ ବର୍ଷ ଦଣ୍ଡାଦେଶ ବିରୋଧରେ କଂଗ୍ରେସ ରବିବାର ଦିଲ୍ଲୀର ରାଜଘାଟରେ ଏକ ସତ୍ୟାଗ୍ରହ ଆୟୋଜନ କରିଛି। ଦିଲ୍ଲୀର ରାଜଘାଟରେ କଂଗ୍ରେସର ସତ୍ୟାଗ୍ରହ ପାଇଁ ଅନୁମତି ଦେବାକୁ ଦିଲ୍ଲୀ ପୋଲିସ ମନା କରିଦେଇଛି। ଏହା ସତ୍ତ୍ୱେ କଂଗ୍ରେସ ସତ୍ୟାଗ୍ରହ ଆରମ୍ଭ କରିଛି। ଏକ ଚିଠିରେ ଦିଲ୍ଲୀ ପୋଲିସ କହିଛି ଯେ ରାଜସ୍ଥାନ ଏବଂ ଏହାର ଆଖପାଖରେ ଧାରା ୧୪୪ ସିଆରପିସି ଅନୁଯାୟୀ ଆଇନ ଶୃଙ୍ଖଳା, ଟ୍ରାଫିକ କାରଣ ତଥା ନିଷେଧ ନିର୍ଦ୍ଦେଶ ଯୋଗୁଁ ଏହି ଅନୁରୋଧ ପ୍ରତ୍ୟାଖ୍ୟାନ କରାଯାଇଛି। ତେବେ କଂଗ୍ରେସର ପ୍ରଦର୍ଶନକୁ ଦୃଷ୍ଟିରେ ରଖି ପୋଲିସ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା କରିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ମହାସଚିବ ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଜୟରାମ ରମେଶ, କେସି ଭେନୁଗୋପାଲ, ଜଗଦୀଶ ଟାଇଟଲର ଏବଂ ଅନ୍ୟ ନେତାମାନେ ସତ୍ୟାଗ୍ରହ ପାଇଁ ରାଜ ଘାଟରେ ପହଞ୍ଚିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ପୁଣି ଥରେ ଭାଜପାକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ରାହୁଲ ଗାନ୍ଧୀଙ୍କୁ କହିବାକୁ ଭାଜପା ଅନୁମତି ଦେଉନାହିଁ। ରାହୁଲ ଗାନ୍ଧୀ ଦେଶ ତଥା ଲୋକଙ୍କ ଅଧିକାର ପାଇଁ ଲଢୁଛନ୍ତି ଏବଂ ଆମେ ଆଉ ଏହାକୁ ସହ୍ୟ କରିବୁ ନାହିଁ। ଆମେ ଗାନ୍ଧୀ ସ୍ମାରକରେ ସତ୍ୟାଗ୍ରହ କରିବୁ।

# ଇତିହାସ ରଚିଲା ଇସ୍ରୋ, ଏକାସଙ୍ଗେ ମହାକାଶକୁ ପଠାଇଲା ୩୬ ସାଟେଲାଇଟ୍

ଚେନ୍ନାଇ : ରବିବାର ସକାଳ ୯ଟାରେ 'ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ ବା ଇସ୍ରୋ ଚେନ୍ନାଇ ନିକଟ ଶ୍ରୀହରିକୋଟା ସ୍ପେସ୍‌ପୋର୍ଟରୁ ଗୋଟିଏ ରକେଟ୍ ଯୋଗେ ୩୬ଟି ୱାନ୍‌ୱେବ୍ ସାଟେଲାଇଟ୍ ଉତ୍କ୍ଷେପଣ କରିଛି। ୱାନ୍‌ୱେବ୍ ଇଣ୍ଡିଆ-୨ ଅଭିଯାନର ଅଂଶବିଶେଷ ଭାବେ ଲଞ୍ଚ ଭେଇକ୍ଲ ମାର୍କ-୩ ରକେଟ୍ ସତୀଶ ଧୱନ୍ ସ୍ପେସ୍ ସେଣ୍ଟରରୁ ଇଂଲଣ୍ଡସ୍ଥିତ କମ୍ପାନିର ତତ୍ତ୍ୱାବଧାନରେ ଏହି ୩୬ଟି କୃତ୍ରିମ ଉପଗ୍ରହକୁ ନେଇ ମହାକାଶକୁ ଯାତ୍ରା କରିଥିଲା। ଏହି ସାଟେଲାଇଟ୍ ବା କୃତ୍ରିମ ଉପଗ୍ରହ ଗୁଡ଼ିକୁ ଲୋ ଆର୍ଥ ଅରବିଟ୍ ବା ପୃଥିବୀଠୁ ସ୍ୱଳ ଉଚ୍ଚରେ ଘୂରିବା ଭଳି କକ୍ଷପଥରେ ସ୍ଥାପନ କରାଯିବ। ସମୁଦାୟ ୫,୮୦୫ କିଲୋଗ୍ରାମ୍ ଓଜନର ଏହି ୱାନ୍‌ୱେବ୍ ଜେନ୍-୧ ସାଟେଲାଇଟ୍‌ଗୁଡ଼ିକୁ ମହାକାଶରେ ୮୭.୪ ଡିଗ୍ରି ଅଣେଇ ରଖାଯାଇ ୪୫୦ କିଲୋମିଟର ବୃତ୍ତାକାର କକ୍ଷପଥରେ ସ୍ଥାପନ କରାଯିବ। ପ୍ରାପ୍ତସୂଚନା ଅନୁସାରେ ପ୍ରତି ସାଟେଲାଇଟ୍‌ର ଓଜନ ୧୫୦ କିଲୋଗ୍ରାମ୍। ସେଗୁଡ଼ିକୁ ୧୨ଟି ବିମାନରେ ରଖାଯାଇଛି। ଏହି ବିମାନ ସବୁ ମହାକାଶରେ ପରସ୍ପର ମଧ୍ୟରେ ଧକ୍କା ନ ଖାଇବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ତେଣୁ ମହାକାଶରେ ପ୍ରତି ବିମାନ ପରସ୍ପର ଠାରୁ ୪ କିଲୋମିଟର ଉଚ୍ଚ ବ୍ୟବଧାନରେ ପୃଥକ୍ ହୋଇଯିବେ। ଇସ୍ରୋ ଏବଂ ଇଂଲଣ୍ଡର ୱାନ୍‌ୱେବ୍ ଗ୍ରୁପ୍ ମିଳିତ ଭାବେ ଏହି ବ୍ୟାବସାୟିକ କୃତ୍ରିମ ଉପଗ୍ରହଗୁଡ଼ିକୁ ଉତ୍କ୍ଷେପଣ କରିଛନ୍ତି। ୱାନ୍‌ୱେବ୍ ହେଉଛି ଏକ ବୈଶ୍ୱିକ କମ୍ୟୁନିକେସନ୍ ନେଟ୍‌ୱାର୍କ ଯିଏ ସରକାର ଓ କମ୍ପାନିମାନଙ୍କୁ କନେକ୍ଟିଭିଟି ଯୋଗାଉଛି। ୱାନଓ୍ୱେବ ହେଉଛି ବ୍ରିଟେନର ଏକ ଯୋଗାଯୋଗ କମ୍ପାନୀ ଯାହାକି ବ୍ରିଟିଶ ସରକାର ଭାରତର ଭାରତୀ ଏଣ୍ଟରପ୍ରାଇଜେସ୍, ଫ୍ରାନ୍ସର ଇଟେଲସାଟ, ଜାପାନର ସଫ୍ଟବ୍ୟାଙ୍କ, ଆମେରିକାର ହ୍ୟୁଜ୍ ନେଟୱାର୍କ ଏବଂ ଦକ୍ଷିଣ କୋରିଆ ପ୍ରତିରକ୍ଷା କମ୍ପାନୀ ହାନୱାଙ୍କର ମାଲିକାନା ଅଟେ।

# ୟୁକ୍ରେନ୍ ଯୁଦ୍ଧ ପାଇଁ ଆଉ ୪ ଲକ୍ଷ ସୈନ୍ୟଙ୍କୁ ନିଯୁକ୍ତ କରିବ ରୁଷିଆ

ମସ୍କୋ : ରୁଷର ୟୁକ୍ରେନ୍ ଆକ୍ରମଣକୁ ୧୩ ମାସ ଚାଲିଥିବା ବେଳେ ୟୁକ୍ରେନ୍‌ରେ ଏହା ଆଶାନୁରୂପ ସଫଳତା ପାଇପାରି ନାହିଁ। ଆମେରିକାର ନାନାବିଧ କଟକଣାକୁ ବେଖାତିର କରି ଏହା ଆଗାମୀ ଗ୍ରୀଷ୍ମଋତୁରେ ଆକ୍ରମଣକୁ ଆହୁରି ଜୋରଦାର କରିବାକୁ ଯୋଜନା କରୁଛି। ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମସ୍କୋ ଗସ୍ତ ପରେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ପ୍ରତି ଜନସମର୍ଥନ ମଧ୍ୟ ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ କ୍ରେମ୍‌ଲିନ ସେନାରେ ଆଉ ୪ ଲକ୍ଷ ଠିକା ସୈନିକ ନିଯୁକ୍ତ କରିବାକୁ ନିଷ୍ପତ୍ତି ନେଇଛି। ନିଜ ନାମ ଗୋପନ ରଖିବା ସର୍ତ୍ତରେ କ୍ରେମ୍‌ଲିନର ଜନୈକ ଅଧିକାରୀ ଏହା ପ୍ରକାଶ କରିଛନ୍ତି। ଆଗରୁ କ୍ରେମ୍‌ଲିନ ସଂରକ୍ଷିତ ସୈନିକଙ୍କୁ ଜବରଦସ୍ତ ୟୁକ୍ରେନ୍ ଯୁଦ୍ଧ ପାଇଁ ନିୟୋଜିତ କରିବା ବେଳେ ତାହା ବିରୋଧରେ ଜନମତ ସୃଷ୍ଟି ହୋଇଥିଲା। ବହୁ ଲୋକ ଦେଶଛାଡ଼ି ପଳାୟନ କରିଥିଲେ। କିନ୍ତୁ ଏଥର ଏହି ନିଯୁକ୍ତିରେ କାହାକୁ ଜବରଦସ୍ତି କରାଯିବ ନାହିଁ। ସ୍ୱେଚ୍ଛାକୃତ ଭାବେ ଯେଉଁମାନେ ସେନାରେ ଯୋଗ ଦେବାକୁ ଚାହାନ୍ତି, କେବଳ ସେହିମାନଙ୍କୁ ନିଯୁକ୍ତି ଦିଆଯିବ ବୋଲି ଉକ୍ତ ଅଧିକାରୀ ଜଣକ କହିଛନ୍ତି। ଚଳିବର୍ଷର ନିର୍ବାଚନରେ ପୁନଶ୍ଚ ରାଷ୍ଟ୍ରପତି ହେବାକୁ ଚାହୁଥିବା ପୁଟିନ କୌଣସି ଜନମତ-ବିରୋଧୀ ନିଷ୍ପତ୍ତି ନେବାକୁ ଚାହାନ୍ତି ନାହିଁ।

# ଏମ୍‌ପି, ବିଧାୟକଙ୍କ ସଦସ୍ୟତା ରଦ୍ଦକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ : ବିଧାୟକ କିମ୍ବା ଏମ୍‌ପି କୌଣସି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୨ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ଜେଲଦଣ୍ଡ ପାଇଥିଲେ ଲୋକ ପ୍ରତିନିଧି ଆଇନର ଧାରା ୮(୩) ଅନୁଯାୟୀ ସେମାନଙ୍କ ସଭ୍ୟ ପଦ ସ୍ୱତଃ ରଦ୍ଦ ହୋଇଯାଉଛି। ଏଭଳି ସଦସ୍ୟତା ରଦ୍ଦକୁ କେରଳର ଜଣେ ସାମାଜିକ କର୍ମୀ ଶନିବାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ୨୦୧୯ର ଏକ ମାନହାନି ମାମଲାରେ ଗୁଜରାଟର ସୁରଟସ୍ଥିତ ଏକ ଅଦାଲତ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲଦଣ୍ଡ ଶୁଣାଇବା ପରେ ୱାୟନାଡ୍ ଲୋକ ସଭା ଆସନରୁ ତାଙ୍କ ସଦସ୍ୟତାକୁ ରଦ୍ଦ କରିଦିଆଯାଇଛି। ଏହା ଉପରେ ଆବେଦନକାରୀ ଆଭା ମୁରଲୀଧରନ୍ ପ୍ରଶ୍ନ ଉଠାଇଛନ୍ତି। ଲୋକ ପ୍ରତିନିଧି ଆଇନ, ୧୯୫୧ର ଧାରା ୮(୩)ରେ ସ୍ୱତଃ ସଭ୍ୟପଦ ରଦ୍ଦ ମନମାନି ଓ ବେଆଇନ ହୋଇଥିବାରୁ ଏହାକୁ ସମ୍ବିଧାନ ଅଧିକାର ବାହାରେ ବୋଲି ଘୋଷଣା କରିବାକୁ ମୁରଲୀଧରନ ପିଟିଶନରେ ଦାବି କରିଛନ୍ତି। ନିର୍ବାଚନ ମଣ୍ଡଳୀର ଭୋଟରଙ୍କ ଦ୍ୱାରା ନିର୍ବାଚିତ ଜନପ୍ରତିନିଧିଙ୍କ ସଦସ୍ୟତା ରଦ୍ଦ କରାଯିବା ଦ୍ୱାରା ତାଙ୍କ ଉପରେ ଜନସାଧାରଣ ନ୍ୟସ୍ତ କରିଥିବା ଦାୟିତ୍ୱ ନିର୍ବାହ କରିବାରୁ ସେ ବଞ୍ଚିତ ହୋଇଥାନ୍ତି। ଏହା ଗଣତାନ୍ତ୍ରିକ ନୀତିର ପରିପନ୍ଥୀ ବୋଲି ମୁରଲୀଧରନ କହିଛନ୍ତି। ଅପରାଧକୁ ବିଚାରକୁ ନିଆ ନ ଯାଇ ସଦସ୍ୟତା ସ୍ୱତଃ ରଦ୍ଦ କରିଦିଆଯିବା, ସ୍ୱାଭାବିକ ନ୍ୟାୟ ବିରୁଦ୍ଧ। ଅନେକ ସମୟରେ ତଳ କୋର୍ଟଙ୍କ ରାୟ ଉଚ୍ଚତର କୋର୍ଟରେ ବଦଳିଯାଇଥାଏ। ଏଭଳି ସ୍ଥିତିରେ ଯେଉଁ ଜନପ୍ରତିନିଧି ଜନସାଧାରଣଙ୍କ ପାଇଁ କାର୍ଯ୍ୟ କରିବା ଲାଗି ଜନାଦେଶ ପାଇଥିଲେ, ତାଙ୍କର ମୂଲ୍ୟବାନ ସମୟକୁ ବ୍ୟର୍ଥ କରାଯାଇପାରିବ କି ବୋଲି ପିଟିଶନରେ ପ୍ରଶ୍ନ କରାଯାଇଛି। ଆଇନଜୀବୀ ଦୀପକ ପ୍ରକାଶଙ୍କ ଜରିଆରେ ମୁରଲୀଧରନ ଏହି ପିଟିଶନ ଦାଏର କରିଛନ୍ତି।

# ଭଗବାନ୍ ଶ୍ରୀରାମ ଏବଂ ପାଣ୍ଡବ ଥିଲେ ପରିବାରବାଦୀ : ପ୍ରିୟଙ୍କା ଗାନ୍ଧୀ

ନୂଆଦିଲ୍ଲୀ : ରବିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଲୋକସଭା ସଦସ୍ୟତା ରଦ୍ଦକୁ ବିରୋଧ କରି କଂଗ୍ରେସ ଦେଶବ୍ୟାପୀ ସତ୍ୟାଗ୍ରହ ଆନ୍ଦୋଳନ କରୁଛି। ଦିଲ୍ଲୀର ରାଜଘାଟରେ ଆୟୋଜିତ କଂଗ୍ରେସର ସଙ୍କଳ୍ପ ସତ୍ୟାଗ୍ରହକୁ ସମ୍ବୋଧିତ କରି ଦଳର ମହା ସଚିବ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଭାଜପା ସରକାରଙ୍କୁ କଡ଼ା ସମାଲୋଚନା କରଛନ୍ତି। ସେ କହିଛନ୍ତି ଯେ ମୁଁ ପଚାରିବାକୁ ଚାହେଁ ପ୍ରଭୁ ରାମ କିଏ ? ସେ ତାଙ୍କ ପରିବାର, ତାଙ୍କ ଜନ୍ମଭୂମି ପାଇଁ ଧର୍ମ ରକ୍ଷା କରିଥିଲେ ସେ ପରିବାରବାଦୀ ଥିଲେ ଅବା ପାଣ୍ଡବମାନେ ପରିବାରବାଦୀ ଥିଲେ। ସେମାନେ ନିଜ ପରିବାରର ସଂସ୍କାର ପାଇଁ ଲଢ଼ିଥିଲେ। ଆମ ପରିବାର ସଦସ୍ୟ ଏହି ଦେଶ ପାଇଁ ଶହୀଦ ହୋଇଥିଲେ। ଏଥିପାଇଁ ଆମେ ଲଜ୍ଜିତ ହେବା ଉଚିତ କି ? ପ୍ରିୟଙ୍କା ଗାନ୍ଧୀ କହିଛନ୍ତି ଯେ ମୋ ପରିବାର ଏହି ଦେଶକୁ ନିଜ ରକ୍ତରେ ଛିଞ୍ଚିଛନ୍ତି। ଆମେ ଭୟ କରିବୁ ନାହିଁ। ଏହି ଦେଶର ଗଣତନ୍ତ୍ର ପାଇଁ ଆମେ ଅଧିକ ଜୋରଦାର ସଂଗ୍ରାମ କରିବୁ। ଆଜି ବି କଂଗ୍ରେସ ଦଳ ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ କରୁଛି। ଦେଶର ସମସ୍ତ ସମ୍ପତ୍ତି ଜଣେ ବ୍ୟକ୍ତିଙ୍କୁ ଦିଆଯାଉଛି। ଦେଶର ଏହି ଧନ ରାହୁଲ ଗାନ୍ଧୀଙ୍କ ସମ୍ପତ୍ତି ନୁହେଁ। ଏହା ଦେଶର ସମ୍ପତ୍ତି। ସେ ଆହୁରି କହିଛନ୍ତି ଯେ ସମଗ୍ର ସରକାର ଜଣେ ପୁରୁଷକୁ ବଞ୍ଚାଇବା ପାଇଁ କାହିଁକି ଛିଡ଼ା ହୋଇଛନ୍ତି ? ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଦେଶର ପ୍ରଧାନମନ୍ତ୍ରୀ କାୟର, ଭୟଭୀତ ଏବଂ ଅହଂକାରୀ। ଏହା ଭାରତ ଏବଂ ହିନ୍ଦୁ ଧର୍ମର ଏକ ପୁରୁଣା ପରମ୍ପରା ଯାହା ଦେଶ ଅହଂକାରୀକୁ ଶିକ୍ଷା ଦିଏ। ପ୍ରିୟଙ୍କା ଗାନ୍ଧୀ କହିଛନ୍ତି, ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଆମେ ସବୁକିଛି କରିବୁ। ଦେଶର ସମ୍ପତ୍ତି ଲୁଟ୍ ହେଉଛି। ରାହୁଲ ଗାନ୍ଧୀ କେଉଁ ଅପରାଧ କରିଛନ୍ତି ? କେବଳ ଦୁଇଟି ପ୍ରଶ୍ନ ପଚାରିଥିଲେ। ଆଦାନୀ କିଏ ? ସମଗ୍ର ସଂସଦ ଜଣେ ବ୍ୟକ୍ତିଙ୍କୁ ବଞ୍ଚାଇବାରେ ବ୍ୟସ୍ତ କାହିଁକି ? ଦେଶରେ ଏତେ ମୁଦ୍ରାସ୍ଫୀତି କାହିଁକି ? ସିଲିଣ୍ଡରର ମୂଲ୍ୟ ହଜାରେରୁ ଅଧିକ କ୍ଷୁଦ୍ର ବ୍ୟବସାୟୀଙ୍କୁ ସାହାଯ୍ୟ କରାଯାଉ ନାହିଁ।

# ରାହୁଲଙ୍କ ପରେ ଏବେ ତେଜସ୍ୱୀଙ୍କ ବିରୋଧରେ ମାନହାନୀ ମାମଲା : ଛତିଶଗଡ଼ରେ ମାମଲା ରୁଜୁ

ପାଟନା : ବିବାଦୀୟ ମନ୍ତବ୍ୟ ଯୋଗୁଁ ରାହୁଲ ଗାନ୍ଧୀ ସଦସ୍ୟତା ହରାଇଛନ୍ତି। ତାଙ୍କୁ ଗୁଜୁରାଟ କୋର୍ଟ ଦ୍ୱାରା ଦୁଇ ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ଏବେ ବିହାରର ଉପବମୁଖ୍ୟମନ୍ତ୍ରୀ ତେଜନ୍ତସ୍ୱୀ ଯାଦବଙ୍କୁ ମଧ୍ୟ ଟାର୍ଗେଟ କରାଯାଇଛି। ଗୁଜରାଟୀ ସମ୍ପ୍ରଦାୟ ବିଷୟରେ ତାଙ୍କର ମନ୍ତବ୍ୟ ଯୋଗୁଁ ତାଙ୍କ ବିରୋଧରେ ପୋଲିସକୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିସହ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଗୋଟିଏ ପଟେ ଶନିବାର ସିବିଆଇ ତାଙ୍କୁ ଘଣ୍ଟା ଘଣ୍ଟା ଧରି ପ୍ରଶ୍ନ କରିଥିଲା, ଅନ୍ୟପଟେ ତାଙ୍କ ସମସ୍ୟା ଆହୁରି ବଢ଼ିପାରେ ବୋଲି କୁହାଯାଉଛି। ଛତିଶଗଡରେ ତେଜସ୍ୱୀଙ୍କ ବିରୋଧରେ ଅଭିଯୋଗ ହୋଇଛି। କୁହାଯାଉଛି ଯେ ତେଜସ୍ୱୀ ଯାଦବ ଗୁଜରାଟୀ ସମାଜକୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଏହାର ପ୍ରତିବାଦରେ ବର୍ତ୍ତମାନ ଧାମତରୀ ଏସପିଙ୍କ ନାମରେ ଏକ ସ୍ମାରକପତ୍ର କୋଟୱାଲି ପୋଲିସ ଷ୍ଟେଶନ ଦାୟିତ୍ୱରେ ଥିବା ପ୍ରସାଦ ବୈଦ୍ୟଙ୍କ ନିକଟରେ ଦାଖଲ କରାଯାଇଛି। ଯେଉଁଥିରେ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ତାଙ୍କର ଏହି ବିବୃତ୍ତି ଗୁଜରାଟୀ ସମାଜକୁ ଅସନ୍ତୁଷ୍ଟ କରିଛି। ଜମି ବଦଳରେ ଚାକିରି ଦେବା ପ୍ରସଙ୍ଗରେ, ସିବିଆଇର ଲଗାତାର ଆକ୍ରମଣ ଯୋଗୁଁ ତେଜସ୍ୱୀ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରୁଛନ୍ତି। ଏହି ସବୁ ଜିନିଷ ପାଇଁ ସେ କେନ୍ଦ୍ର ସରକାରଙ୍କୁ ଦାୟୀ କରୁଛନ୍ତି। ସେ ମଧ୍ୟ କ୍ରମାଗତ ଭାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧ ସମାଲୋଚନା କରୁଛନ୍ତି ଏବଂ ଏହି କ୍ରମରେ ସେ କହିଥିଲେ ଯେ ଆମ ଦେଶରେ ଦୁଇଜଣ ଠକ ଅଛନ୍ତି। ଯଦି ଆଜି ଆମ ଦେଶର ପରିସ୍ଥିତି ପ୍ରତି ଧ୍ୟାନ ଦିଆଯାଏ, ତେବେ କେବଳ ଗୁଜରାଟୀମାନେ ଠକ ହୋଇପାରିବେ ଏବଂ ତେଣୁ ଅନୁସନ୍ଧାନକାରୀ ସଂସ୍ଥା ସେମାନଙ୍କ ସହିତ ଜଡ଼ିତ ହେବା ସମୟରେ ସତର୍କ ରହିବା ଉଚିତ। ନଚେତ ସେମାନେ ମଧ୍ୟ ଠକମାନଙ୍କର ଶିକାର ହେବାର ଆଶଙ୍କା ରହିଛି। ଛତିଶଗଡ ଗୁଜରାଟୀ ସମାଜ ପକ୍ଷରୁ କୁହାଯାଇଛି ତେଜସ୍ୱୀ ଦେଇଥିବା ବିବୃତ୍ତି ଅତ୍ୟନ୍ତ ନିନ୍ଦନୀୟ। ତାଙ୍କର ରାଜନୈତିକ ଲାଭ ପାଇଁ ସେ ଏପରି ଭାଷା ବ୍ୟବହାର କରିଛନ୍ତି ଯାହା ଭୁଲ ଅଟେ। ତାଙ୍କ ବିବୃତ୍ତିରେ ଗୁଜରାଟୀ ସମ୍ପ୍ରଦାୟ ତଥା ସମଗ୍ର ଗୁଜରାଟର ଲୋକମାନେ ମାନସିକସ୍ତରରେ ଆଘାତ ପାଇଛନ୍ତି। ଏଥି ସହିତ ଏହି ମାମଲାରେ ଷ୍ଟେଶନ ଦାୟିତ୍ୱରେ ଥିବା ବୈଦ କହିଛନ୍ତି ଯେ ଗୁଜରାଟ ସମାଜ ଛତିଶଗଡ ପକ୍ଷରୁ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉଚ୍ଚ ପଦାଧିକାରୀଙ୍କ ନିର୍ଦ୍ଦେଶରେ ଅଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଲମାନଙ୍କୁ ହତ୍ୟା ଧମକ ଦେଇଥିବା ବ୍ୟକ୍ତି ଗିରଫ

ଯୋଧପୁର : ଚଳଚ୍ଚିତ୍ର ଅଭିନେତା ସଲମାନ ଖାନଙ୍କୁ ଧମକ ଦେବା ଘଟଣାରେ ମୁମ୍ବାଇ ପୋଲିସ ପ୍ରମୁଖ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ଘଟଣାରେ ଅଭିଯୁକ୍ତ ଧାକଡ ରାମ ବିଷ୍ଣୋଇଙ୍କୁ ଯୋଧପୁରରୁ ପୋଲିସ ଗିରଫ

# କଣ୍ଟାପଡାରେ ବିକ୍ରି ହେଉଛି ଏକ୍ସପାୟାରି ମଦ

କଣ୍ଟାପଡା, (ପିପିଏସ) : ୨୦୧୨ ମସିହା ଟୋକଲିପଡା ମଦମୃତ୍ୟୁ ବିଭୀଷିକା ପୀଡିତ ପରୀବାରଙ୍କ ମନରୁ ଯାଉନି । କେତେ ଘର ବେଘର ହୋଇଗଲା । ପରିବାର ବୋଝ ସମ୍ଭାଳୁଥିବା ଯବାନ ପୁଅକୁ ହରାଇ ବାପମାଙ୍କ ଆଖିରୁ ଏବେବି ଲୁହ ଝରୁଛି । ଇତି ମଧ୍ୟରେ ଏହି ଘଟଣାକୁ ସମସ୍ତେ ଭୁଲି ଯାଇଥିଲେ ମଧ୍ୟ ପୀଡିତ ପରିବାର ସଦସ୍ୟଙ୍କ ମନରୁ ଏବେବି ସେ ଦାରୁଣ ଦୁଃଖର ଚିତ୍ର ଲିଭି ପାରିନି । ତେବେ କଣ୍ଟାପଡା ଅଞ୍ଚଳରେ ପୁଣି ଏକ ମଦମୃତ୍ୟୁର ସମ୍ଭାବନା ସୃଷ୍ଟି ହେଲାଣି । ଯଦିଓ ଟୋକଲିପଡା ମଦମୃତ୍ୟୁ ପଛରେ ଚୋରା ନିଶା ବ୍ୟବସାୟ ମୁଖ୍ୟ ଥିଲା କିନ୍ତୁ ସଂପ୍ରତି ସରକାରୀ ଲାଇସେନ୍ସ ପ୍ରାପ୍ତ ମଦ ଦୋକନୀଙ୍କ ଖାରମଖିଆଲି ଓ ଲାଭଖୋର ମନୋଭାବ ଅଞ୍ଚଳରେ ଆଉଏକ ମଦମୃତ୍ୟୁର ପରିସ୍ଥିତି ସୃଷ୍ଟି କରିବାଯର ସମ୍ଭାବନା ସୃଷ୍ଟି ହୋଇଛି । ଘଟଣାଟି ଘଟିଛି ଅଡଶପୁର ଅଞ୍ଚଳରେ ଥିବା ଏକ ସରକାରୀ ମଦ ଦୋକାନରେ । ଏହି ଦୋକାନରୁ କିଛି ଯୁବକ ଗୋଟିଏ ବିୟର କିଣିଥିଲେ । ହେଲେ ପିଇବା ସମୟରେ ଏହି ବିୟର ଏକ୍ସପାୟରୀ ହୋଇଯାଇଥିବା ଜାଣିବାକୁ ପାଇଥିଲେ । ଯଦିଓ ଏ ସଂକ୍ରାନ୍ତରେ ସେମାନେ ସଂପୃକ୍ତ ମଦ ଦୋକାନକୁ ଜଣାଇଥିଲେ ହେଲେ ସେହି ଦୋକାନରୁ ମଦ କିଣିଥିବାର କୌଣସି ପ୍ରମାଣ ନଥିବାରୁ କିଛି କରିପାରି ନଥିଲେ । ଅନ୍ୟପଟେ ଏ ସଂକ୍ରାନ୍ତରେ କଟକ ଅବକାରୀ ଆରକ୍ଷୀ ଅଧିକ୍ଷକଙ୍କୁ ଘଟଣା ସମ୍ପର୍କରେ ଜଣାଯାଇଥିବା ଜଣାପଡିଛି । ଆରକ୍ଷୀ ଅଧିକ୍ଷକ କି ପଦକ୍ଷେପ ନେଉଛନ୍ତି ତାହା ସମୟ କହିବ । ତେବେ ଏହି ଯୁବକ ମାନେ ଶିକ୍ଷିତ ହୋଇଥିବାରୁ ଏକ୍ସପାୟରୀ ତାରିଖ ଜାଣିପାରିଥିଲେ । ଯଦି କୌଣସି ସାଧାରଣ ଲୋକଟିଏ ଏପରି ବେପାରର ଶିକାର ହୁଏ ତେବେ ପରିସ୍ଥିତି କଣ ହେବ ତାହା ଚିନ୍ତା କରିବାର ବିଷୟ । ଏଣୁ ସମସ୍ତେ ଏଥିପ୍ରତି ସଚେତନ ହେବା ଆବଶ୍ୟକ ମନେହୁଏ । କିଏ ଚାଲିଗଲେ ଦଳ ଚାଲି ଯାଏନି ।

## ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ନୟାଗଡ, (ପିପିଏସ) : ପୌର ପରିଷଦ ତରଫରୁ ନୟାଗଡ ତ୍ରିନାଥ ଛକ ଠାରେ ଜାତିର ପିତା ମହାତ୍ମା ଗାନ୍ଧୀ ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ଆମପାଇଁ ବଡ଼ ଆମ ନୟାଗଡ ର ଉଦ୍ ଘାଟନ ହୋଇଯାଇଛି ।ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଡ,ଅରୁଣ କୁମାର ସାହୁ,ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ,ନୟାଗଡ ଜିଲ୍ଲା ପାଳ ରବିନ୍ଦ୍ର ନାଥ ସାହୁ, ପୌର ଧକ୍ଷା ନିରୁପମା ଖଟେଇ, ଉପାଧକ୍ଷ୍ୟ ଗୁରୁପ୍ରସାଦ ଜେନା ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ , ସ୍ୱାତି ମିଶ୍ର ପ୍ରମୁଖା ମଞ୍ଚାସିନ ଥିଲେ ନୟାଗଡ ବିଧାୟକ ଡ, ଅରୁଣ କୁମାର ସାହୁ ତାଙ୍କ ବକ୍ତବ୍ୟରେ ନୟାଗଡ ପୌର ପରିଷଦର ଉନ୍ନତି ମୂଳକ କାର୍ଯ୍ୟ ଓ ମାଟି ମାକୁ ସମ୍ମାନ ଦେଇ ଆମପାଇଁ ବଡ଼ ଆମ ନୟାଗଡର ବାର୍ତ୍ତା ରଖିଥିଲେ ।

# ୪୨ ମୌଜା ଆଇତଳଙ୍ଗ ଗ୍ରାମରେ ଲୋକରଞ୍ଜନ ମହତାବ

୪୨ମୌଜା, (ପିପିଏସ) : କଟକ ସଦର ପ୍ରେସଛକ ଠାରୁ ମାତ୍ର ୭ କି.ମି. ସିତୁଆ ନଦୀ ବାମ ପାର୍ଶ୍ୱରେ ନଦୀ ବନ୍ଧକୁ ଲାଗି ଗାଁଟି । ଗାଁର ନାମ ଆଇତଳଙ୍ଗ । ଏବେବି ପଡ଼ା ଗ୍ରାମ ଭାବେ ଦଧିବାମନପୁର ଗ୍ରାମପଞ୍ଚାୟତରେ ରହିଅଛି । ଗ୍ରାମରେ ୧୫୦ ପାଖାପାଖି ପରିବାର (ଘରସଂଖ୍ୟା) ରହୁଛନ୍ତି । ବିଭିନ୍ନ ବର୍ଗର ଓ ଜାତିର ଲୋକମାନେ ବସବାସ କରୁଛନ୍ତି । ପ୍ରାୟ ଶତକଡ଼ା ୭୦ ଭାଗ ଚାଷବାସ କରି ଚଳିଥାନ୍ତି । ଆଉ ୩୦ ଭାଗ ବ୍ୟବସାୟ, ଚାକିରି ଓ କୌଳିକ ବୃତ୍ତିରେ ନିଜର ଗୁଜୁରାଣ ମେଣ୍ଟାଇଥା'ନ୍ତି । ଗ୍ରାମରେ ୩ଟି ୱାର୍ଡ଼, ଭୋଟର ସଂଖ୍ୟା ୯୧୧ । ଗ୍ରାମର ୧୯୦୫ ମସିହାରୁ ଆଇତଳଙ୍ଗ ପ୍ରାଇମେରୀ ବିଦ୍ୟାଳୟଟିଏ ରହିଅଛି । ପିଲାମାନଙ୍କ ସଂଖ୍ୟା ୬୩ । ୧ମ ଶ୍ରେଣୀରୁ ୫ମ ଶ୍ରେଣୀ ଯାଏ ରହିଛି । ଗ୍ରାମ୍ୟ ରାସ୍ତା କଡ଼କୁ ଲାଗି ବିଦ୍ୟାଳୟ । ଗ୍ରାମରେ ପ୍ରାୟ ୫୦ ବର୍ଷ ତଳର ଏକ ମହିଳା ସମିତି ଗଠିତ ହୋଇଛି । ତାହା ରେଜିଷ୍ଟ୍ରିଭୁକ୍ତ । ବର୍ତ୍ତମାନ ତାହାର ସଭ୍ୟା ସଂଖ୍ୟା ୬୨ ଜଣ । ବର୍ତ୍ତମାନ ଏହି ଝାଡୁମଲ୍ଲି ମହିଳା ସମିତିର ସଭାପତି ରୂପମା ତ୍ରିପାଠୀ ଝାଡୁମଲ୍ଲୀ ମହିଳା ସମିତିର ନିଜସ୍ୱ ଗୃହ ସାଂସଦ ଭର୍ତ୍ତୃହରି ମହତାବଙ୍କ ସାଂସଦ ଉନ୍ନୟନ ପାଣ୍ଠିରୁ ସଂପୂର୍ଣ୍ଣ ହୋଇଛି । ଯାହା ସଭାପତି ନିରୂପମା ତ୍ରିପାଠୀ ପ୍ରକାଶ କରିଛନ୍ତି । ଗ୍ରାମରେ ବହୁ ପ୍ରାଚୀନ ଶୈବପୀଠ ଯାହା ସ୍ୱପ୍ନେଶ୍ୱର ମହାଦେବଙ୍କ ନାମରେ ନାମିତ । ପାତାଳ ଫୁଟା ମହାଦେବ । ଏଠାରେ ପୂଜାର୍ଚ୍ଚନା ସହିତ ଉପାଧିଆ ପଡ଼ିଲେ ଭକ୍ତର ମନସ୍କାମନା ପୂରଣ ହୋଇଥାଏ । ପ୍ରତି ଶିବରାତ୍ରି ଦିନ ପୂର୍ଣ୍ଣାହୁତି ହୋଇଥାଏ । ଶହଶହ ଭକ୍ତଙ୍କ ଭିଡ଼ ଲାଗିଥାଏ । ଫଗୁଣ ମାସରେ ଏକାଦଶୀ ମେଳଣରେ ପ୍ରାରମ୍ଭିକ ଦୋଳମେଳଣ ହରିହର ଭେଟ ହୋଇ ଆରମ୍ଭ ହୋଇଥାଏ । ଚତୁର୍ଦ୍ଦଶୀ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥାଏ । ପଣ୍ଡୁ ଓଷାରେ ତରଣ ଭୋଗ ଲୋକମାନେ ଆସି ରାନ୍ଧି ଠାକୁରଙ୍କୁ ସମର୍ପଣ କରିଥାନ୍ତି । ମକରମେଳା ଓ ପ୍ରତି ସୋମବାରରେ ପଞ୍ଚାନନ ମେଳା ହୋଇ ଚୁଡ଼ାଘଷା ଓ ଶିରିଣି ଭୋଗ ହୋଇଥାଏ । ଏହି ପୀଠରେ ରୋଷଘରଟିଏ ନାହିଁ । ହାତପାଦ ପ୍ରକ୍ଷାଳନ ପାଇଁ ସୁବିଧା ନାହିଁ ଓ ଏକ ହାଇମାସ ଲାଇଟଟିଏ ନାହିଁ । ଆଜି ଲୋକରଞ୍ଜନ ମହତାବଙ୍କ ସ୍ୱପ୍ନେଶ୍ୱର ମହାଦେବଙ୍କୁ ଦର୍ଶନ ଓ ପୂଜା କରିବା ସମୟରେ ଗ୍ରାମବାସୀମାନେ ଜଣାଇଥିଲେ । ଗ୍ରାମରେ ଅଧିଷ୍ଠାତ୍ରୀ ଦେବୀ ମା' ଝାଡୁମଲ୍ଲୀଙ୍କ ମନ୍ଦିର ନିର୍ମାଣ ହୋଇଛି, କାର୍ଯ୍ୟ ସଂପୂର୍ଣ୍ଣ ହୋଇନାହିଁ । ମୂର୍ତ୍ତି ରାଜସ୍ଥାନରେ ତିଆରି ହୋଇ ଆମ ମାତ୍ର ଅଳ୍ପ ଦିନରେ ଆଇତଳଙ୍ଗରେ ପହଞ୍ଚିବ । ସେ ବ୍ୟବସ୍ଥାରେ ଗ୍ରାମର ଯୁବକ ଓ ମୁରବିମାନେ ଲାଗିପଡ଼ିଛନ୍ତି । ପ୍ରାୟ ୮୦ ଜଣ ସଭ୍ୟଙ୍କୁ ନେଇ ଝାଡୁମଲ୍ଲୀ ଚାରିଟେବୁଲ ଇ ସେବା ଟ୍ରଷ୍ଟ ଗଠନ ହୋଇଛି । ଯାହାର ସଭାପତି ଅଛନ୍ତି । କବିରାଜ ବେହେରା, ସଂପାଦକ ସୁଧାକର ଦେବତା, ସହ ସଂପାଦକ ମନୋରଞ୍ଜନ ଆଚାର୍ଯ୍ୟ, ଉପସଭାପତି ଉପେନ୍ଦ୍ର ତ୍ରିପାଠୀ ଓ କୋଷାଧକ୍ଷ ସୁଦର୍ଶନ ବେହେରା ଓ ଟ୍ରଷ୍ଟି ସଦାନନ୍ଦ ମହାନ୍ତି । ଆଜି ଗ୍ରାମର ସମସ୍ତ ମହିଳା ଓ ଯୁବକ ବନ୍ଧୁ ଓ ମୁରବିମାନେ ଲୋକରଞ୍ଜନ ମହତାବଙ୍କୁ ଝାଡୁମଲ୍ଲୀ ସାଂସ୍କୃତିକ ସଦନ ନିର୍ମାଣ ନିମନ୍ତେ ସାଂସଦ ପାଣ୍ଠିରୁ ଅର୍ଥର ବ୍ୟବସ୍ଥା କରିବାକୁ ନିବେଦନ କରିଥିଲେ । ନଦୀବନ୍ଧଠାରୁ ଝାଡୁମଲ୍ଲୀ ମନ୍ଦିର ମଝିରେ ବିରାଟ ଖାଲ ଥିବାରୁ ତାହା ଗ୍ରାମ ପ୍ରତି ବିପଦ । ବର୍ଷାଦିନେ ନଦୀ ବଢ଼ିରେ ବିପଦ, ବିଭାଗୀୟ ମନ୍ତ୍ରୀଙ୍କୁ ଜଣାଇ ସେ ଜାଗାଟିକୁ ସମତୁଲ କରିବା ନିମନ୍ତେ ଅନୁରୋଧ କରିଥିଲେ । ଗ୍ରାମରେ ପ୍ରତିବର୍ଷ ବାଦୀପାଲା ପରିବେଷଣ ହୁଏ । ମେଳା ମଧ୍ୟ ହୁଏ । ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ସବୁଜ ବନାନୀ ତଥା ଶାନ୍ତି ପ୍ରକିତିଚ ଗ୍ରାମଟି ଖୁବ୍ ସୁନ୍ଦର ଶୋଭାବର୍ଦ୍ଧନ କରିଛି । ସିତୁଆ ନଦୀର କୂଳରେ ରେଭିନ୍ୟୁ ଗ୍ରାମର ମାନ୍ୟତା ପାଇଁ ଆବେଦନ କରାଯାଇଛି । ଏ ପର୍ଯ୍ୟନ୍ତ ଘୋଷଣା ହୋଇପାରିନାହିଁ । ସେହି ପଡ଼ା ଗ୍ରାମରେ ଅଛି । ଆଦି ଗ୍ରାମର ମହିଳାମାନେ ଓ ଯୁବକମାନେ, ମୁରବି ବୃନ୍ଦ ଲୋକରଞ୍ଜନ ମହତାବଙ୍କୁ ପାଖରେ ପାଇ ସମସ୍ତ କଥା ଓ ଗ୍ରାମର ଅସୁବିଧା ବିଷୟରେ ଜଣାଇବା ସହିତ, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସ୍ୱପ୍ନେଶ୍ୱରଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ ।

# କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଦେଲେ ଗୁରୁମନ୍ତ୍ର

ବରୀ, (ପିପିଏସ) : ଯାଜପୁର ଜିଲ୍ଲା ଗସ୍ତ ରେ ଆସିଥିବା ଆଦିବାସୀ ଜନଜାତି ବ୍ୟାପାର କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା ରବିବାର ବରୀ ବ୍ଲକ ରେ ପାଞ୍ଚ ଘଣ୍ଟା କାଳ ରହି ବରୀର ଭୌଗଳିକ ଭିତ୍ତିଭୂମି ଉପରେ ଅନୁଧ୍ୟାନ କରିଛନ୍ତି, ପ୍ରଥମେ ବରୀ ର ମାତୃମଙ୍ଗଳ କେନ୍ଦ୍ର ରେ ପହଞ୍ଚି ସେବା ଘର ବୁଲି ପରିଦର୍ଶନ କରିଥିଲେ, ସେଠାରୁ ଏକ ବିରାଟ ଶୋଭାଯାତ୍ରାରେ ଭାଜପା କାର୍ଯ୍ୟ କର୍ତ୍ତା ଓ କର୍ମୀ ମାନେ ପାଛୋଟି ନେଇ ମା ରମାଦେବୀ ଆଶ୍ରମ ପରିସରରେ ବୁଲି ରାମପୁର ସ୍ଥିତ ଭାଜପା କାର୍ଯ୍ୟାଳୟ ରେ କାର୍ଯ୍ୟ କର୍ତ୍ତା ମାନଙ୍କୁ ଦଳୀୟ ସଂଗଠନ କୁ ତୃଣମୂଳ ସ୍ତର ରୁ ମଜଭୁତ କରିବା ପାଇଁ ଗୁରୁ ମନ୍ତ୍ର ପ୍ରଦାନ କରିଥିଲେ, ପରେ ଶୁକ୍ଳ ଗ୍ରାମ ସ୍ଥିତ ସହିଦ୍ ମାୟା ଧର ଭୂୟାଁ ଙ୍କ ବାସଭବନରେ ପହଞ୍ଚି ମଧ୍ୟାହ୍ନ ଭୋଜନ ରେ ସାମିଲ ହୋଇଥିଲେ, ଅପରାହ୍ନରେ ଭାଜପା ନେତା ଉମେଶ ଜେନା ଙ୍କ କାର୍ଯ୍ୟାଳୟରେ ବରୀ ଅଞ୍ଚଳ ର ବୁଦ୍ଧିଜିବୀ, ସାମ୍ବାଦିକ ମାନଙ୍କ ସହିତ ଏକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ, ଜିଲ୍ଲା ଭାଜପା ନେତା ଗୌତମ ରାୟ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବରୀ ଦ୍ୱୀପାଞ୍ଚଳ ର ସଭାପତି ବରୀର ଭୌଗଳିକ ଅବସ୍ଥିତି ସ୍ଥିତି ସମସ୍ୟା ଉପରେ ମନ୍ତ୍ରୀ ଙ୍କୁ ଅବଗତ କରାଇଥିଲେ, ଅବସରପ୍ରାପ୍ତ ଶିକ୍ଷକ କର୍ଣ୍ଣ ଚନ୍ଦ୍ର ଘଡ଼େଇ ବ୍ରାହ୍ମଣୀ ବଞ୍ଚାଅ ଅଭିଯାନ ଆରମ୍ଭ ର ଲକ୍ଷ୍ୟ ଓ ଶୁଷ୍କ ହୋଇଯାଉଥିବା ବ୍ରାହ୍ମଣୀ ନଦୀ କୁ ଚିରସ୍ରୋତା କରିବା ପାଇଁ ପ୍ରସ୍ତାବ ଦେଇଥିଲେ, ଅବସରପ୍ରାପ୍ତ ନୌସେନା ର ଅଧିକାରୀ ତରୁଣ କାନ୍ତ ଦାସ ବରୀ ର କୃଷି ସମସ୍ୟା ଉପରେ ଆଲୋଚନା କରି ଜଳ ସେଚିତ ରୁ ବଞ୍ଚିତ ହେଉଥିବା କୃଷି କ୍ଷେତ୍ର କଥା ଉପସ୍ଥାପନ କରିଥିଲେ, ମନ୍ତ୍ରୀ ବୁଦ୍ଧିଜିବୀ ମାନଙ୍କ ଠାରୁ ବରୀ ର ସମସ୍ୟା ଉପରେ ଶୁଣି ପ୍ରତିକାର କରିବାକୁ ଆମ ସରକାର ବଦ୍ଧପରିକର ବୋଲି କହିଥିଲେ, ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଜନକଲ୍ୟାଣ ଯୋଜନା ଗ୍ରାମାଞ୍ଚଳର ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ସାରିଛି ।

## ବାଙ୍କୀ ଓକିଲ ସଂଘ ନିର୍ବାଚନ

ବାଙ୍କୀ, (ପିପିଏସ) : ବାଙ୍କୀ ଓକିଲ ସଂଘ ନିର୍ବାଚନରେ ଶ୍ରୀନିବାସ ମହାପାତ୍ର ସଭାପତି ଓ ଅଜୟ କୁମାର ପଟ୍ଟନାୟକ ସମ୍ପାଦକ ଭାବରେ ନିର୍ଦ୍ୱନ୍ଦ ଭାବେ ନିର୍ବାଚିତ ହୋଇଛନ୍ତି । ବିଭୂଦତ୍ତ ଟିକାୟତ ଉପସଭାପତି, ରବିନ୍ଦ୍ରନାଥ ମହାପାତ୍ର ସହ ସଂପାଦକ, ପ୍ରଦୀପ୍ତ କୁମାର ମିଶ୍ର କୋଷାଧକ୍ଷ, ପ୍ରଦୀପ କୁମାର ମହାପାତ୍ର ଲାଇବ୍ରେରୀଆନ୍ ଭାବରେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ମିଶ୍ର ନିର୍ବାଚନ ଅଧିକାରୀ ଭାବରେ ସୂଚାରୁ ରୂପେ ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିଲେ ।

## ଅଙ୍ଗନୱାଡି କେନ୍ଦ୍ର ପାଲଟିଛି ଶସ୍ୟ ଅମଳ କେନ୍ଦ୍ର

ଖଣ୍ଡପଡା,(ପିପିଏସ) : ଖଣ୍ଡପଡା ବ୍ଲକ ଅଧିନ ଗଡିଆସାହି ପଂଚାୟତର ସରପୋଖରୀ ଗ୍ରାମରେ ବ୍ଲକ ପ୍ରଶାସନ ପକ୍ଷରୁ ୨ ଲକ୍ଷ ଟଙ୍କା ବ୍ୟୟରେ ନବ ନିର୍ମିତ ଅଙ୍ଗନୱାର୍ଡି କେନ୍ଦ୍ରଟି ଏବେ ଶସ୍ୟ ଅମଳ କେନ୍ଦ୍ର ପାଲଟିଛି । ସ୍ଥାନୀୟ ବାସିନ୍ଦା ମୁଗ, ବିରି ଆଦି ରବି ଫସଲ ଅମଳ କରି ଉକ୍ତ କେନ୍ଦ୍ର ପରିସରରେ ମହଜୁଦ ରଖିଥିବା ପରିଲକ୍ଷିତ ହେଉଛି । ତୁରନ୍ତ ନୂତନ ଅଙ୍ଗନୱାର୍ଡି କେନ୍ଦ୍ରଟିକୁ କାର୍ଯ୍ୟକ୍ଷମ କରିବା ଦିଗରେ ଖଣ୍ଡପଡା ବ୍ଲକ କର୍ତ୍ତୃପକ୍ଷ ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଗଞ୍ଜାମ ଓକିଲ ସଂଘରେ ଇତିହାସ ରଚିଲେ ତାପସ

ବ୍ରହ୍ମପୁର, (ପିପିଏସ) : ଗଞ୍ଜାମ ଓକିଲ ସଙ୍ଘ ନିର୍ବାଚନରେ ସର୍ବାଧିକ ୭୧୩ ଭୋଟ ପାଇଁ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହେଲେ ତାପସ କୁମାର ସାହୁ । ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀଙ୍କୁ ୨୭୬ ଖଣ୍ଡ ଭୋଟରେ ପରାଜିତ କରିଛନ୍ତି । ନବନିର୍ବାଚିତ ସମ୍ପାଦକ ତାପସ ସାହୁ ନିଜର ବିଜୟ ନେଇ ଗଞ୍ଜାମ ଓକିଲ ସଂଘର ସମସ୍ତ ଆଣିନଜୀବୀଙ୍କୁ କୃତଜ୍ଞତା ଜଣାଇବା ସହ ତାଙ୍କ ସହଯୋଗୀଙ୍କୁ ବିଜୟର ଶ୍ରେୟଦେଇଛନ୍ତି । ଉକ୍ତ ନିର୍ବାଚନରେ ଯୁଗ୍ମ ସମ୍ପାଦକପ୍ରାର୍ଥୀ ଭାବେ ୩ଜଣ ଲଢେଇ କରୁଥିଲେ । ୨ଜଣଙ୍କୁ ପଛରେ ପକାଇ ବିଜୟ ମୁକୁଟ ପିନ୍ଧିଛନ୍ତି ତାପସ କୁମାର ସାହୁ । ତାପସ କୁମାର ସାହୁ ୭୧୩ ସର୍ବାଧିକ ଭୋଟ, ଗିରିଜା ଶଙ୍କର ବେହେରା ୪୩୭ ଓ ଜେ ଶ୍ରୀନିବାସ ମୋଟ୧୭୫ ଭୋଟ ପାଇଥିଲେ । ତାପସ ପ୍ରଥମ ରାଉଣ୍ଡରୁ ହିଁ ଆଗରେ ରହିଥିଲେ । ତାପସ ମୋଟ ୨୭୬ ଅଧିକ ଭୋଟ ପାଇ ବିଜୟୀ ହୋଇଥିବା ନେଇ ନିର୍ବାଚନ ଅଧିକାରୀ ଅକ୍ଷୟ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି । ତାପସଙ୍କ ସର୍ବାଧିକ ୭୧୩ ଭୋଟକୁ ନେଇ କୋର୍ଟରେ ଏବେ ଚର୍ଚ୍ଚା ଚାଲିଛି । ଏହା ଗଞ୍ଜାମ ଓକିଲ ସଙ୍ଘ ନିର୍ବାଚନର ସମସ୍ତ ରେକର୍ଡ ଭାଙ୍ଗିଥିବା ଜଣାପଡିଛି । ତାପସଙ୍କ ବିଜୟକୁ ନେଇ ତାଙ୍କ ସମର୍ଥକମାନେ କୋର୍ଟ ପରିସରରେ ବାଣ ଫୁଟାଇ ଖୁସି ମନଇଥିଲେ । ବିପୁଳ ସମର୍ଥନ ରହିଥିବାରୁ ଶୋଭାଯାତ୍ରାରେ ଶତାଧିକ ଆଣିନଜୀବୀ ବାଜା ରୋଷଣିରେ ସହର ପରିକ୍ରମା କରିଥିଲେ । ଏହି ବିଜୟ ଶୋଭାଯାତ୍ରାରେ ପ୍ରମିତ୍ ରଞ୍ଜନ ମହାପାତ୍ର, ମଳୟ କୁମାର ଦାଶ, ବି ନଗେଶ୍ୱର ରାଓ, ଜ୍ୟୋତି ରଞ୍ଜନ ସାହୁ,ବାବା ପଟ୍ଟନାୟକ, ନଳିନୀକାନ୍ତ ଦେବଦର୍ଶୀ,ଅସିତ ସାବତ,ସୂର୍ଯ୍ୟ ନାରାୟଣ ଚୌଧୁରୀ,ରାଜା ରାଓ, ଧୀରେନ ଜେନା, ହୁଶ୍ରୀ ପ୍ରଧାନ,ରାଜେଶ ପଟ୍ଟନାୟକ,ଚନ୍ଦ୍ରଗୁପ୍ତ ପଟ୍ଟନାୟକ,ଜିତେନ୍ଦ୍ର ପ୍ରଧାନ ,ନଦିଆଚାନ୍ଦ ବିଶ୍ୱାଳ, ପଞ୍ଚାନନ ସାବତ, ରଘୁନାଥ ହୋତା, ସୂର୍ଯ୍ୟକାନ୍ତ ସୁବୁଦ୍ଧି,ସନ୍ତୋଷ ପଣ୍ଡା,ପ୍ରବୀଣ ସମେତ ବହୁ ଆଇନଜୀବୀ ସାମିଲ ଥିଲେ ।

# କଣ୍ଟାପଡାରେ କଂଗ୍ରେସ କର୍ମୀ ସମ୍ମିଳନୀ

କଣ୍ଟାପଡା, (ପିପିଏସ) : କଂଗ୍ରେସ ଦଳର ଦୀର୍ଘ ବର୍ଷର ଇତିହାସ ଅଛି । ଇତି ମଧ୍ୟରେ ଏହି ଦଳକୁ କେତେ ନେତା ନେତୃତ୍ୱ ଦେଇଛନ୍ତି । ସେହିପରି ଏହି ଦଳରେ ରହି ନିଜର ସ୍ୱାର୍ଥ ସାଧନ ପରେ କେତେ ନେତା ଅନ୍ୟଦଳକୁ ଚାଲି ଯାଇଛନ୍ତି । ହେଲେ କଂଗ୍ରେସ ଦଳ ଥିଲା ,ରହିଛି ଓ ଭବିଷ୍ୟତରେ ରହିଥିବ ମଧ୍ୟ । ଏପରି କିଛି ବକ୍ତବ୍ୟ ଦେଇ ଭାଙ୍ଗିପଡିଥିବା କଣ୍ଟାପଡା କଂଗ୍ରେସ କର୍ମୀଙ୍କ ମଧ୍ୟରେ ପୁଣି ଜୀବନ ଦେବାର ପ୍ରୟାସ କରିଛନ୍ତି ଜିଲ୍ଲା ସ୍ତରୀୟ କଂଗ୍ରେସ ନେତୃବର୍ଗ । ଆଜି କଣ୍ଟାପଡା ବ୍ଲକ ଅନ୍ତର୍ଗତ କଣ୍ଟାପଡା ବଟଗାଦୀ ନିକଟରେ ବ୍ଲକ କଂଗ୍ରେସର ଏକ କର୍ମୀ ସମ୍ମିଳନୀର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ମାନସ ଚୌଧୁରୀ,ଜଗତସିଂହପୁର ସଂସଦୀୟ କ୍ଷେତ୍ର ଯୁବ କଂଗ୍ରେସ ସଭାପତି ଶଶିକାନ୍ତ ଲେଙ୍କା ଅତିଥି ଭାବେ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମରେ ପୁରୁଖା କଂଗ୍ରେସ କର୍ମୀ ପ୍ରଦ୍ୟୁମ୍ନ ଖଟାଇ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାହନ ପରୀଡା,ଲକ୍ଷ୍ମୀଧର ସ୍ୱାଇଁ,ଭରତ ବେହେରା,ବିଶ୍ୱରଞ୍ଜନ କାନୁନଗୋ,ପ୍ରବୀର ଭୋଇ,ନବ କିଶୋର ପାତ୍ର,ସୁବାସ ପାତ୍ର,ପ୍ରଫୁଲ୍ଲ ଭୋଇ,ସୁରେନ ପ୍ରଧାନ ଓ ବିକ୍ରମ ଭୋଇଙ୍କ ପରି ପୁରୁଣା କଂଗ୍ରେସ କର୍ମୀ ଉପସ୍ଥିତ ରହି ବ୍ଲକର ବିଭିନ୍ନ ପଞ୍ଚାୟତର କଂଗ୍ରେସ ସଂଗଠନ ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା ।

# ରାଜ ଯୋଗିନୀଜୀଙ୍କର ସ୍ମୃତି ଦିବସ

ବଡମ୍ବା, (ପିପିଏସ) : ବଡମ୍ବା ସ୍ଥିତ ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ସେବା କେନ୍ଦ୍ରରେ ପରମ ପୂଜନୀୟା ରାଜ ଯୋଗିନୀ ଦାଦି ଜାନକୀ ଜୀଙ୍କ ର ପୁଣ୍ୟ ସ୍ମୃତି ଦିବସ ପାଳନ କରାଯାଇଛି ଓ କାର୍ଯ୍ୟକ୍ରମ କୁ ବଡମ୍ବା ସେବାକେନ୍ଦ୍ର ର ମୁଖ୍ୟ ବ୍ରହ୍ମକୁମାରୀ ସବିତା ଭଉଣୀ ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ହୋଇ ଥିଲା ଓ ଜୀବନ ମାୟା ରେ ରହିଥିବା ମଣିଷ ର ମନ ସବୁବେଳେ ଦୁଃଖ ରେ ରହିବ ବୋଲି ପ୍ରବଚନ ମାଧ୍ୟମରେ ବାବା ଙ୍କ ର ଆଶ୍ରୀତ ତଥା ଅନୁଗାମୀ ଭାଇ, ଭଉଣୀ ମାନଙ୍କୁ ସବିତା ଭଉଣୀ ବୁଝାଇ ବା ସହିତ ସେବାକେନ୍ଦ୍ର ର ପ୍ରକାଶିତ ହେଉଥିବା ପୁସ୍ତିକା 'ମୁରଲୀ '

## ବିବାହର ପ୍ରତିଶ୍ରୁତି ଦେଇ ଯୁବତୀକୁ ପ୍ରତାରଣା
# ଫେରାର ପ୍ରେମିକ ତେଲେଙ୍ଗାନାରୁ ଗିରଫ

ଖପ୍ରାଖୋଲ, (ପିପିଏସ): ଅନେକ କ୍ଷେତ୍ରରେ ପ୍ରେମରେ ଧୋକା ପାଇବାର ଘଟଣା ମାନ ଶୁଣି ପ୍ରେମ ଶବ୍ଦ ଉପରୁ ବିଶ୍ୱାସ ଉଠିଯାଉଛି । ଏହିପରି ଏକ ଧୋକା ସମ୍ବନ୍ଧିତ ଲଜ୍ୟାକର ଘଟଣା ଘଟିଯାଇଛି । ସୂଚନା ଅନୁଯାୟୀ (ଲହରୀ)(୨୩ବର୍ଷ) ଛଦ୍ମନାମ ସେ ତାଙ୍କ ପରିବାର ସହିତ ଦାଦନ ଖଟିବାକୁ କର୍ଣ୍ଣାଟକ ରାଜ୍ୟସ୍ଥିତ ଅତ୍ତୀପୁଲ୍ଲାକୁ ଇଟା ଗଢିବା ପାଇଁ ଯାଇଥିଲେ । ସେହି ଇଟାଭାଟିରେ ଖପ୍ରାଖୋଲ ଥାନା ଧଣ୍ଡାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ପାଟିମାଲ ଗ୍ରାମର ନିଲକାନ୍ତ କାଲସାଏଙ୍କ ପୁତ୍ର ସ୍ୱର୍ଣ୍ଣ କାଲସାଏ (୨୭) ଆଗରୁ କାମ କରୁଥିଲେ । କାମକଲା ସମୟରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଥିଲା । ଯୁବକ ତାଙ୍କୁ ବିବାହ କରିବାର ପ୍ରତିଶୃତି ଦେଇ ବାରମ୍ବାର ଯୌନ ସମ୍ପର୍କ ରଖି ଯୁବତୀକୁ ଗର୍ଭବତୀ କରି କୁଆଡେ ଫେରାର ହୋଇଥିବାବେଳେ ୨୦୨୩ ଜାନୁଆରୀ ୧ ତାରିଖ ଦିନ ପୀଡିତା ଯୁବତୀ ଗୋଟିଏ କନ୍ୟା ସନ୍ତାନକୁ ଜନ୍ମ ଦେଇଥିବା ଜଣାପଡିଛି । ଏନେଇ ଯୁବତୀ ଜଣକ ଗତ ୨୦ ଅକ୍ଟୋବର ୨୦୨୨ ରେ ଖପ୍ରାଖୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ଖପ୍ରାଖୋଲ ଥାନା କେସ୍ ନଂ ୧୭୦/୨୨ ରେ ଏକ ମାମଲା ରୁଜୁ ହୋଇଥଲା । ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଅଭିଯୁକ୍ତ କୁ ଧରିବା ପାଇଁ ଖପ୍ରାଖୋଲ ଥାନାଧିକାରୀ ରମାକାନ୍ତ ସାହୁ ଗୋଟିଏ ଟିମ୍ ଗଠନ କରି ତେଲେଙ୍ଗାନା ରାଜ୍ୟ ପଇଦାପଲ୍ଲି ନିକଟସ୍ଥ ରାଘାପୁରର ଏକ ଇଟାଭାଟିରୁ ଅଭିଯୁକ୍ତକୁ ଗିରଫ କରି ଖପ୍ରାଖୋଲ ଥାନାକୁ ଅଣାଯାଇଥିଲା । ପରେ ଗିରଫ ଅଭିଯୁକ୍ତ ସର୍ଣ୍ଣ କାଲସାଏକୁ ଖପ୍ରାଖୋଲ ଥାନା କେସ୍ ନଂ ୧୭୦/ ୨୨ ଧାରା ୪୯୩/୪୧୭/୫୦୬ ଆଇପିସି ଅନୁଯାୟୀ ପାଟଣାଗଡ଼ କୋର୍ଟକୁ ଚାଲାଣ କରାଯାଇଥିବା ନେଇ ଖପ୍ରାଖୋଲ ଥାନାଧିକାରୀ ରମାକାନ୍ତ ସାହୁ ଏବଂ କେସ୍ ଇନ୍‌ଚାର୍ଜ ଅଧିକାରୀ ଗୋପୀନାଥ ମହାକୁଡ଼ ସୂଚନା ଦେଇଛନ୍ତି ।

# ମହୁମାଛି ଆକ୍ରମଣରେ ବୃଦ୍ଧ ଗୁରୁତର

ପାରଳାଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲା ମୋହନା ବ୍ଲକ ମେରାପଲ୍ଲୀ ପଞ୍ଚାୟତ ବନ୍ଧାଗୁଡା ଗ୍ରାମରେ ଜଣେ ବୃଦ୍ଧ ଜଙ୍ଗଲକୁ ମହୁଲ ଗୋଟାଇବା ପାଇଁ ଯାଇଥିବା ବେଳେ ମହୁମାଛି ଆକ୍ରମଣରେ ବୃଦ୍ଧ ଜଣକ ଗୁରୁତର ଆହତ ହୋଇଛନ୍ତି । ବୃଦ୍ଧ ଜଣକ ମହୁଲ ଆଣିବା ପାଇଁ ଗାଁ ପାଖ ଜଙ୍ଗଲକୁ ଯାଇଥିଲେ । ସେଠାରେ ମହୁଲ ଗୋଟାଇବା ବେଳେ ମହୁଲ ଗଛରେ ବସା ବାନ୍ଧିଥିବା ବାଘୁଆ ମହୁମାଛି ଗୋଡ଼ାଇ ଗୋଡ଼ାଇ ବୃଦ୍ଧଙ୍କୁ ଆକ୍ରମଣ କରିଥିଲା । ଏଥିରେ ବୃଦ୍ଧ ଜଣକ ଗୁରୁତର ଆହତ ହୋଇଥିଲେ । ପରେ ପରିବାର ଲୋକେ ବୃଦ୍ଧଙ୍କୁ ଗୁରୁତର ଅବସ୍ଥାରେ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ବୃଦ୍ଧଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି ।

## ପାରଳା ବାର୍ ଆସୋସିଏସନ୍‌ର ନିର୍ବାଚନ
# ସଭାପତି ସିଦ୍ଧେଶ୍ୱର, ସମ୍ପାଦକ ପୃଥ୍ୱୀରାଜ

ପାରଳଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳଖେମୁଣ୍ଡି ବାର ଆସୋସିଏସନର ସଭାପତି ଭାବେ ସିଦ୍ଧେଶ୍ୱର ମିଶ୍ର ନିର୍ବାଚିତ ହୋଇଛନ୍ତ । ଜିଲ୍ଲାଜଜ୍‌ଙ୍କ ଅଦାଲତ ପରିସରରେ ଥିବା ବାର୍ ଆସୋସିଏସନ କାର୍ଯ୍ୟାଳୟରେ ନିର୍ବାଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ନିର୍ବାଚନ କେ.ତଣ୍ଡେୟା ନିର୍ବାଚନ ଅଧିକାରୀ ଭାବେ ଯୋଗେଦଇ ନିର୍ବାଚନ ପରିଚାଳନା କରିଥିଲେ । ଗଣତି ପେର ବରିଷ୍ଠ ଆଇନଜୀବୀ ସିଦ୍ଧେଶ୍ୱର ମିଶ୍ର ସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ପାଣ୍ଡଲା ପ୍ରସାଦଙ୍କୁ ୧୨ ଗୋଟି ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି । ସେହିପରି ସମ୍ପାଦକ ଭାବେ ଏମ. ପୃଥ୍ୱୀରାଜ ନିର୍ବାଚିତ ହୋଇଥିବାବେଳ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ କୃଷ୍ଣମୋହନ ପଟ୍ଟନାୟକଙ୍କୁ ୪ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି । ଏହି ପଦ ପଦବୀ ନିମନ୍ତେ ନିର୍ବାଚନ ହୋଇଥିବାବେଳେ ଅନ୍ୟସବୁ ପଦ ପଦବୀଗୁଡିକରେ ନିର୍ଦ୍ଦନ୍ଦ୍ୱରେ ନିର୍ବାଚିତ ହୋଇଥିବାର ଜଣା ପଡିଛି । ସେଗୁଡିକ ହେଲା ଯଥା ଉପସଭାପତି ଭାବେ କେ. ବାବୁ ରାଓ, ସହ ସମ୍ପାଦକ ଭାବେ ସତ୍ୟନାରାୟଣ ପାଢୀ, କୋଷାଧକ୍ଷ ଭାବେ ଶଶାଙ୍କଶେଖର ସାବତ, ଲାଇବ୍ରେରିଆନ ଭାବେ ସନ୍ଦୀପ ପଟ୍ଟନାୟକ ନିର୍ଦ୍ଦ୍ୱନ୍ଦ୍ୱର ନିର୍ବାଚିତ ହୋଇଥିବାର ଜଣା ପଡିଛି । ଏତ୍‌ଦବ୍ୟତୀତ କାର୍ଯ୍ୟକାରୀ ସଦସ୍ୟ ଭାବେ ଜିତେନ୍ଦ୍ର ପଟ୍ଟନାୟକ, ଏମ. ଗୋପାଳ ରାଓ, ୱାଇ ଶିବ କୁମାର, ଗୌରୀ ଦେବୀ, ବି. ଚନ୍ଦନ ପଟ୍ଟନାୟକ, ପି.ବିଶ୍ୱନାଧମ ପ୍ରମୁଖ ନିର୍ଦ୍ଦ୍ୱନ୍ଦ୍ୱରେ ନବ ନିର୍ବାଚିତ ହୋଇଥିବାର ଘୋଷଣା କରାଯାଇଛି । ନବ ନିର୍ବାଚିତଙ୍କୁ ଜିଲ୍ଲା କୋର୍ଟ ତରଫରୁ ଏବଂ ଅନ୍ୟାନ୍ୟ କୋର୍ଟ ଓ ଓକିଲବୃନ୍ଦ ଶୁଭେଚ୍ଛା ଜଣାଇଛନ୍ତି ।

## କୈଶୋର ଅନୁକୂଳ କାର୍ଯ୍ୟକ୍ରମ

ପାଟଣାଗଡ,(ପିପିଏସ୍): ବ୍ଲକ ଅନ୍ତର୍ଗତ କେନ୍ଦୁମୁଣ୍ଡି ଉପ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ, ବଲାଙ୍ଗିର ଏବଂ ସେବା ଜଗତ ଅନୁଷ୍ଠାନର ମିଳିତ ଉଦ୍ୟମରେ କୈଶୋର ଅନୁକୂଳ ସ୍ୱାସ୍ଥ୍ୟ ମହାସଂଘ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁମୁଣ୍ଡି ଅଞ୍ଚଳର ବହୁ କିଶୋର-କିଶୋରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଉତ୍ତମ ସ୍ୱାସ୍ଥ୍ୟ, ବାଲ୍ୟ ବିବାହର କୁ ପରିଣାମ, ଖୁସି କାର୍ଯ୍ୟକ୍ରମ, ମାଦକ ଦ୍ରବ୍ୟ ସେବନର କୁ ପ୍ରଭାବ ଇତ୍ୟଅଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା ହୋଇଥିଲା । ବ୍ଲକ ସଂଯୋଜକ ହେମସାଗର ଭୁଏ, ମହିଳା ସ୍ୱାସ୍ଥ୍ୟ କର୍ମି ଉଷା ନାଏକ, ପୁରୁଷ ସ୍ୱାସ୍ଥ୍ୟ କର୍ମି ଦେବେନ୍ଦ୍ର ମେହେର ଏବଂ ବହୁ ଆଶା କର୍ମି ଯୋଗ ଦେଇଥିଲେ ।

# ବିଦାୟକାଳୀନ ସମ୍ବର୍ଦ୍ଧନା ସଭା
# ପିଲାଏ କାନ୍ଦିଲେ, ଶିକ୍ଷକ ଓ ଶିକ୍ଷୟିତ୍ରୀ ବି କାନ୍ଦିଲେ

ରାୟଗଡ଼ା(ପିପିଏସ୍): ରାୟଗଡ ଜିଲ୍ଲା ସଦର ମହକୁମାସ୍ଥିତ ସ୍ଥାନୀୟ ଇନ୍ଦିରାନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ରୂପେ ସ୍ଥାନୀୟ କାଉନସିଲର ସର୍ମିତା ପାଢ଼ୀ ଯୋଗଦେଇଥିଲେ । ଅନ୍ୟତମ ଅତିଥି ରୂପେ ରାୟଗଡ଼ା ବି ଆରସିସି ବଳରାମ ହୁଇକା, ଏବିଇଓ ଓ୍ୱାଂଗ୍ରାହି ଶବର ଓ ଛବିଲାଲ ସିଂ, ସିଆରସିସି ପ୍ରଶାନ୍ତି ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ । ଅତିଥି ଶ୍ରୀମତୀ ପାଢ଼ୀ ପିଲାଙ୍କ ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳ ନିମନ୍ତେ କାମନା କରିବା ସହ ଦୃଢତାର ସହ ସମସ୍ତ ଆହ୍ୱାନକୁ ସମ୍ମୁଖୀନ ହୋଇ ସମାଜରେ ପ୍ରତିଷ୍ଠିତ ହେବା ନିମନ୍ତେ ପ୍ରେରଣା ଦେଇଥିଲେ । ଶ୍ରେଣୀ ଶିକ୍ଷକ ରାଜେଶ ସିଂ ସମେତ ସମସ୍ତ ଅତିଥି, ଶିକ୍ଷକ, ଶିକ୍ଷୟିତ୍ରୀ ଭବିଷ୍ୟତ ଗଠନ, ନୈତିକ ମୂଲ୍ୟବୋଧ ସହ ଉଚ୍ଚାଭିଳାଷି ହେବା ଦିଗରେ ପ୍ରବର୍ତ୍ତାଇଥିଲେ । ପିଲାଙ୍କ ବିଦାୟୀ ବେଳା ଅତିବ ଦୁଃଖ ଦାୟକ ଥିଲା ।ବିଦ୍ୟାଳୟର କନିଷ୍ଠ ଛାତ୍ର, ଛାତ୍ରୀ କାନ୍ଦି, କାନ୍ଦି ବିଦାୟ ଦେଇଥିବା ବେଳେ ଶିକ୍ଷକ ଓ ଶିକ୍ଷୟିତ୍ରୀ ନିଜ କୋହ ସମ୍ବରଣ କରିପାରିନଥିଲେ । ଅଷ୍ଟମ ଶ୍ରେଣୀ ରେ ସମସ୍ତ ପିଲା କାନ୍ଦି, କାନ୍ଦି ରାସ୍ତାରେ ଯାଉଥିବା ବେଳେ ଇନ୍ଦିରାନଗର ବାସୀ ସମଦୁଃଖି ହେବା ସହ ପିଲାଙ୍କୁ ସାନ୍ତ୍ୱନା ପ୍ରଦାନ କରୁଥିବା ଦେଖାଯାଇଥିଲା । ପିଲାଙ୍କ ବିଦ୍ୟାଳୟ ପ୍ରତି ବନ୍ଧନ ନିବିଡ଼ ଥିବାରୁ ଏହି ବିଦାୟୀ ସମୟ ଦୁଃଖ ଦାୟକ ଥିବା ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନିଳାଞ୍ଚଳ ମିଶ୍ର ପ୍ରକାଶ କରିଛନ୍ତି ।

## ଚମ୍ପୁଆ ରାମନବମୀ ଉପଲକ୍ଷେ ଶାନ୍ତି କମିଟି ବୈଠକ

ଚମ୍ପୁଆ: ଚମ୍ପୁଆ ଥାନା ପରିସରରେ ଆସନ୍ତା ରାମନବମୀ ଉପଲକ୍ଷେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚମ୍ପୁଆ ଏସଡିପିଓ ରାମରାୟ ମୁର୍ମୁ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଆଗକୁ ହେବାକୁ ଥିବା ରାମନବମୀ ଉତ୍ସବ କିପରି ସାମାଜିକ ସୌହାର୍ଦ୍ୟ ର ସହ ପାଳିତ ହେବ ସେ ନେଇ ବିଭିନ୍ନ ଆଲୋଚନା ହେବା ସହିତ ବୈଠକ ରେ ସମସ୍ତଙ୍କ ସହମତି ପ୍ରକାଶ ପାଇଥିଲା ।

ଏହି ବୈଠକକୁ ଚମ୍ପୁଆ ଆଇଆଇସି ଗଗନ ବିହାରୀ ନାୟକ ଙ୍କ ପରିଚାଳନା କରିଥିବାବେଳେ ଏହି ବୈଠକରେ ଚମ୍ପୁଆ ଏନ୍‌ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ବରିଷ୍ଠ ଆଇନଜୀବି ହରେକୃଷ୍ଣ ମିଶ୍ର, ସତ୍ୟବାନ୍ କର, ଜୟସୁଖ ଲାଲ ଚାଉଡା, ଏମ ଡି ଫାୟାଜ ଆଲାମ୍, ଏମ ଡି ମୁସଲିମ ଅଖତାର, ଏମ ଡି ଗୁଫ୍ରାନ, ଦୀପକ ସାହୁ, ଅନିଲ ସାହୁ, ସିପିଏମ ନେତା ବିଦ୍ୟାଧର ମହାନ୍ତ, ବିଜେପି ନେତା ରାଜେଶ ଆଚାର୍ଯ୍ୟ, ସଞ୍ଜୟ ଗିରି ଙ୍କ ସମେତ ଚମ୍ପୁଆ ର ବହୁ ବିଶିଷ୍ଟ ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ ।

# ଗଜପତିରେ କଂଗ୍ରେସର ବିକ୍ଷୋଭ ଓ କୁଶ ପୁତ୍ତଳିକା ଦାହ

ପାରଳାଖେମୁଣ୍ଡି, (ପିପିଏସ୍): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଅଖିଳ ଭାରତ କଂଗ୍ରେସ କମିଟି ର ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କ କାର୍ଯ୍ୟକଳାପ ଉପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୟଭୀତ ହୋଇ ପଡିଥିଲେ । ରାହୁଲ ଗାନ୍ଧୀଙ୍କ ପ୍ରତ୍ୟେକ କାର୍ଯ୍ୟକ୍ରମକୁ ମୋଦୀ ସରକାର ଭୟଭୀତ ହୋଇ ପଡିଛନ୍ତି । ଯାହା କି ଭାରତ ଯୋଡ ଯାତ୍ରା କୁହାଯାଉଛି । ସାଂସଦ ଗୃହରେ ବିଦେଶୀ ସରକାରଙ୍କ ବିରୋଧରେ ଗର୍ଜିଥିଲେ । ଆଦାନୀ ଏବଂ ମୋଦି କାର୍ଯ୍ୟକ୍ରମ ର ପର୍ଦ୍ଦାଫାଶ ହେଉଥିବା ପରେ ସାଂସଦ ରେ ମାଇକ ବନ୍ଦ କରିବା, କୋର୍ଟ ରେ ଷ୍ଟେ ଥିବା କେସ୍‌କୁ ପୁଣି ପୁନରାବୃତ୍ତି କରିବା ଏବଂ ଏହି କେସ୍‌ରେ କୋର୍ଟ ଦୁଇ ବର୍ଷ ଜେଲ୍ ଦଣ୍ଡ ୩୦ଦିନର ବେଲ ମଧ୍ୟ ଦେଲେ ,ଆଉ ମୋଦୀ ସରକାର ଦେଶରେ ଆଇନ ଶୃଙ୍ଖଳା ଓ ଗଣତନ୍ତ୍ରକୁ ହତ୍ୟା କରି ଏକଛତ୍ରବାଦ ଶାସନ ଚଳାଇ ସାଂସଦ ରେ ପଦ ରଦ୍ଦ କରିଥିବାରୁ ଏହାକୁ ବିରୋଧ କରି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ଗଜପତି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସଭାଯାତ୍ରା ରେ ବାହାରି କଲେଜ ଛକ ନିକଟରେ ପହଞ୍ଚିଲା । ସେଠାରେ ବିଜେପି ସରକାର ବିରୁଦ୍ଧରେ ନାରା ବାଜି ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଗଜପତି ଜିଲ୍ଲା କଂଗ୍ରେସ ସଭାପତି ତଥା ମୋହନା ବିଧାୟକ ଦାଶରଥି ଗମାଙ୍ଗ, ମୋହନା ବ୍ଲକ ବାଳକୃଷ୍ଣ ମଲିକ, ରମେଶ ବିଶୋଇ,ନିର୍ମଳ ପାଲ,କକ୍ଷ୍ମଣ ବଳିଆର ସିଂହ, ନବୀନ ରଚିତ, ମଫେଲ ସଲଙ୍ଗି, ଲକ୍ଷ୍ମଣ ପାଇକ, ଲକ୍ଷ୍ମଣ ଦଳେଇ,ଲମ୍ବଧର ଦଣ୍ଡସେନା, ଶଗ୍ରାମ ସାହୁ, ସୂର୍ଯ୍ୟନାରାୟଣ ପାତ୍ର, ରାଜା ପାତ୍ର, କୁନା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ବଳିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ପଣ୍ଡା ଙ୍କ ଦ୍ୱାରା କାର୍ଯ୍ୟ ପରିଚାଳିତ ହୋଇଥିଲା ।

# କୃଷି ସମବାୟସ୍ତରୀୟ ବ୍ୟାଙ୍କିଂସେବା ଓ ଋଣ କର୍ମଶାଳା

ପାରଳାଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ଓ ଜଙ୍ଗଲପାଡୁ କୃଷି ସମବାୟସ୍ତରୀୟର ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ପୃଥକ୍ ଭାବେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଜଙ୍ଗଲପାଡୁ ଗ୍ରାମରେ ଥିବା କୃଷି ସମବାୟ ସମିତିର ସଭାପତି ବି.ଖଗେଶ୍ୱର ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହାପରେ ଗୁରାଣ୍ଡି ସମବାୟ ସମିତି କାର୍ଯ୍ୟାଳୟ ଠାରେ ସମବାୟ ସମିତିର ସବାପତି ଲିଙ୍ଗରାଜ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉଭୟ ସ୍ଥାନରେ ପୃଥକ ପୃଥକ ଭାବେ ହୋଇଥିବା ଉକ୍ତ କର୍ମଶାଳାରେ ଶତାଧିକ ଚାଷି ଓ ସମିତିର ସଭ୍ୟ ସଭ୍ୟାମାନେ ଯୋଗ ଦେଇଥିଲେ । ମସବାୟ ବ୍ୟାଙ୍କ ଓ ସମବାୟ ସମିତି ଜରିଆରେ କୃଷକ ଓ କୃଷିର ବିକାଶ ନିମନ୍ତେ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ସୁବିଧା ଓ ସହଯୋଗ ବିଷୟରେ ଆଲୋଚନା କରାଯାଇଥିଲା । ଉଭୟ କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡିସ୍ଥ ଏଆରସିଏସ୍ ହରିହର ସେଠ୍, ଇନ୍ସପେକ୍ଟର ସଞ୍ଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ସମବାୟ ବ୍ୟାଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ବିଭିନ୍ନ ଋଣ ଯଥା ସଳ୍ପକାଳୀନ କୃଷିଋଣ, କୁକୁଡା ଚାଷ, ଛେଳି ଚାଷ, ମାଛ ଚାଷ, ଛତୁ ଚାଷ ତଥା କୃଷି ଉପକରଣ ଇତ୍ୟାଦି ବିଷୟରେ ଆଲୋକପାତ କରିଥିଲେ । ସେହିପରି କୃଷକ ଓ ସଭ୍ୟସଭ୍ୟାମାନଙ୍କୁ ସରକାରଙ୍କ ଦ୍ୱାରା ବିନା ସୁଧରେ ଯୋଗାଇ ଦିଆଯାଉଥିବା ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇ ଏହାର ଉପଯୁକ୍ତ ବିନିଯୋଗ ନିମନ୍ତେ ବୁଝାଇଥିଲେ । ଏହାସହ ସଳ୍ପ ମିଆଦି ଋଣ, ମଧ୍ୟମ କାଳୀନ ଋଣ ଓ ଦୀର୍ଘ ମିଆଦି ଋଣଗୁଡିକରେ ସଳ୍ପ ପରିମାଣର ସୁଧହାରରେ ଦିଆଯାଉଥିବା ଏବଂ ଏହାର ଲାଭ ଉଠାଇବାପାଇଁ କୁହାଯାଇଥିଲା । ଏହା ସହ ଋଣ ନେଇ ବିଭିନ୍ନ କୃଷି ତଥା ଚାଷର ବିକାଶରେ ବିନିଯୋଗ କରିବା ପାଇଁ ଅବଗତ କରାଇଥିଲେ । ଗୁରାଣ୍ଡି ଠାରେ ସ୍ଥାନୀୟ ଜନପ୍ରତିନିଧିଙ୍କ ପ୍ରତିନିଧି ଉମାଶଙ୍କର ପାତ୍ରଙ୍କ ସମେତ ସମବାୟ ସମିତିର ନିର୍ଦ୍ଦେଶିକା ଜୟନ୍ତୀ ସାମଲ, ନିର୍ଦ୍ଦେଶକ ସଞ୍ଜୟ ଜେନା, ପି.ମୋହନ ରାଓ ପ୍ରମୁଖ ଉପସ୍ଥିତ ରହି ଥିବା ବେଳେ ଜଙ୍ଗଲପାଡୁ ଠାରେ ସମବାୟ ସମିତିର ଉପସଭାପତି ଟି.ନାଳବେଣୀ, ନିର୍ଦ୍ଦେଶକ ଏ.ବୈକୁଣ୍ଠରାଓ ପ୍ରମୁଖ କର୍ମଶାଳାରେ ଉପସ୍ଥିତ ସଭ୍ୟସଭ୍ୟାମାନଙ୍କ ଉତ୍ସାହିତ କରିବା ଲାଗି ଉଦ୍‌ବୋଧନ ଦେଇଥିଲେ । ଏହି ପୃଥକ ପୃଥକ କର୍ମଶାଳାରେ ନୂତନଭାବେ ମୋଟ ୧୦ଗୋଟି ନୂତନ ସଭ୍ୟ ଗ୍ରଣ କରାଯାଇ ସେମାନଙ୍କୁ କେସିସି କାର୍ଡ ବଣ୍ଟନ କରାଯାଇଥିଲା । ଉଭୟ ସ୍ଥାନରେ ଅନୁଷ୍ଠିତ ହୋଇଥିବା ସମସ୍ତ କାର୍ଯ୍ୟକ୍ରମକୁ ଉଭୟ ତଥା ଗୁରାଣ୍ଡି ଓ ଜଙ୍ଗଲପାଡୁ ସମବାୟ ସମିତର ସମ୍ପାଦକ ବାବୁଲୀ ସାମଲ ପରିଚାଳନା କରିଥିଲେ ।

# ଜିଲ୍ଲା ଓକିଲ ସଂଘର ନିର୍ବାଚନ

ଜୟପୁର : ଜିଲା ଓକିଲ ସଂଘ ଜୟପୁର ଠାରେ ନିର୍ବାଚନ ଅନୁଷ୍ଠିତ ହୋଇଛି । ସକାଳ ୮ ଠାରୁ ୩ ଟା ଯାଏ ମତ ଦାନ ହୋଇଛି । ଶାନ୍ତି ପୂର୍ଣ୍ଣ ଭାବେ ମତ ଦାନ ଶେଷ ହୋଇଛି । ୩ଟି ପଦବୀ ପାଇ ନିବାଚନ ଅନୁଷ୍ଠିତ ହୋଇଥିଲା । ସଭାପତି ଭାବେ ବିରେଶ ପଟ୍ଟନାୟକ ବିଜୟ ହୋଇଥିବା ବେଳେ ଉପ ସଭାପତି ଭାବେ ସହଦେବ ପଟ୍ଟନାୟକ, ସମ୍ପାଦକ ଭାବେ ଶରତ କୁମାର ମାଝୀ ବିଜୟ ହୋଇଛନ୍ତି । ଏହି ତିନୋଟି ପଦବୀ ପାଇ ନିବାଚନ ଅନୁଷ୍ଠିତ ହୋଇଥିଲା । କୋଷାଧକ୍ଷ ଭାବେ ଗିରିଧର ଖରା, ଯୁଗ୍ମ ସମ୍ପାଦକ ଭାବେ ପି.ସନ୍ୟାସି ରାଓ ,ସହକାରି ସମ୍ପାଦକ ଭାବେ ରାଜେନ୍ଦ୍ର କୁମାର ମାଦଳା , ଲାଇବ୍ରେରି ସମ୍ପାଦକ ସୁରେଶ ହଡପ, ସହକାରି ଲାଇବ୍ରେରି ସମ୍ପାଦକ ଶ୍ରୀଚନ୍ଦନ ନୟକ । ଏକ୍ସଜିକ୍ୟୁଟିଭ ସଦସ୍ୟ ଭାବେ ପ୍ରତ୍ୟୁଷ ପଟ୍ଟନାୟକ, ଶିବାନନ୍ଦ ମିଶ୍ର, ପ୍ରଫୁଲ ଦାଶ, ସନ୍ତୋଷ ସାମଲ, ପୁଷ୍ପାଞ୍ଜଳି ସାହୁ, ଧମେନ୍ଦ୍ର ଜେନା ନିର୍ଦ୍ଦନ୍ଦରେ ନିବାଚିତ ହୋଇଥିବା ନିର୍ବାଚନ ଅଧିକାରି ଶଶାନନ୍ଦ ମିଶ୍ର ସୁଚନା ଦେଇଛନ୍ତି ।

# ସହଯୋଗ ଫାଉଣ୍ଡେସନ୍ ଦ୍ୱାରା ବୃଦ୍ଧାଶ୍ରମରେ କିରଣ କାର୍ଯ୍ୟକ୍ରମ

ବଲାଙ୍ଗିର(ପିପିଏସ): ଭାରତ ଦ୍ରୁତଗତିରେ ସହରୀକରଣ ଏବଂ ପରିବାରଗୁଡିକ ଛୋଟ ଭାଗରେ ବିଭକ୍ତ ହେଉଛି । ସାଧାରଣତ ସହରାଞ୍ଚଳ ଏବଂ ଅର୍ଦ୍ଧ ସହରାଞ

*ସମାଜର ସବୁଠାରୁ ବଡ଼ ବିପଦ ହେଉଛି ବ୍ୟକ୍ତିଗତ ବା ଦଳଗତ ସ୍ୱାର୍ଥ ପାଇଁ ଦେଶର ସମୂହ ସ୍ୱାର୍ଥକୁ ବଳିଦେବା । ଏହି ବିପଦ ଭାରତୀୟ ସମାଜରେ ସ୍ୱରାଜ୍ୟ ପରେ ଯେପରି ଦେଖାଦେଇଛି, ଏପରି ପୂର୍ବେ ନଥିଲା ।*

(ଗାଁ ମଜଲିସ୍, ୭ମ ଖଣ୍ଡ, ପୃଷ୍ଠା-୪୩)

**-ଡକ୍ଟର ହରେକୃଷ୍ଣ ମହତାବ**

ପ୍ରଜାତନ୍ତ୍ର

ତା ୨୭।୦୩।୨୦୨୩ ■ ସୋମବାର

# ଅଭାବ, ପିଇବା ପାଣିର

ଏବେକାର ଯୁଗରେ ବିଶ୍ୱସାରା ବିକାଶ ଓ ଅର୍ଥବ୍ୟବସ୍ଥା କ୍ଷେତ୍ରରେ ନୂତନ ଅଧ୍ୟାୟମାନ ରଚାଯାଇ ଚାଲିଛି । ବିଜ୍ଞାନ କ୍ଷେତ୍ରରେ ବିଶେଷ ଉପଲବ୍ଧି କାରଣରୁ ବହୁତ ଲୋକ ନିଜର ଜୀବନକୁ ଉତ୍ତମ ସ୍ତରକୁ ଯେ ଆଣିପାରୁଛନ୍ତି, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଏଇ ଏକବିଂଶ ଶତାବ୍ଦୀର ଏ ଉଜ୍ଜ୍ୱଳକ୍ଷଣରେ ଆଜି ମଧ୍ୟ ବିଶ୍ୱର ଏକ-ଚତୁର୍ଥାଂଶରୁ ଅଧିକ ଜନତା ପିଇବାକୁ ସୁରକ୍ଷିତ ପାଣି ପାଇପାରୁ ନଥିବା ଭଳି ବଡ଼ ବିଡ଼ମ୍ବନା ମଧ୍ୟ ଦୃଷ୍ଟିକୁ ଆସୁଛି । ସ୍ୱଚ୍ଛତା ଆଜି ବିଶ୍ୱସ୍ତରର ସ୍ଲୋଗାନ ହୋଇଥିବା ବେଳେ ବାସ୍ତବତା ହେଉଛି ଜନସଂଖ୍ୟାର ପ୍ରାୟ ଅଧାରୁ ଅଧିକଙ୍କ ପାଖରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ପହଞ୍ଚିପାରି ନାହିଁ । ଉଲ୍ଲେଖଯୋଗ୍ୟ ଯେ ଆନ୍ତର୍ଜାତିକ ସ୍ତରରେ ଜଳ ସମ୍ବନ୍ଧରେ ଆଗରୁ ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀରେ ଜାତିସଂଘ ପକ୍ଷରୁ ଜାରି ଏକ ରିପୋର୍ଟରେ କୁହାଯାଇଛି ଯେ ବିଶ୍ୱର ୨୬ ପ୍ରତିଶତ ଲୋକଙ୍କୁ ସୁରକ୍ଷିତ ପିଇବା ପାଣି ମିଳୁନାହିଁ । ମୌଳିକ ସ୍ୱଚ୍ଛତା ବି ୪୬ ପ୍ରତିଶତ ଲୋକଙ୍କ ପାଖରେ ପହଞ୍ଚିପାରୁ ନାହିଁ । ଯେଉଁ ଦେଶମାନଙ୍କରେ ଏ ପ୍ରକାର ସ୍ଥିତି ସେଠାରେ ଲୋକେ କିପରି ବଞ୍ଚୁଥିବେ ତାହା ଅନୁମାନ କରାଯାଇପାରେ । ନୀତି ନିର୍ମାଣ ଓ ତାହାର ପାଳନକୁ ନେଇ କେଉଁସ୍ତରରେ ଦାୟିତ୍ୱହୀନତା ପ୍ରକାଶ ପାଉଛି ତାହା ଅନୁଧ୍ୟାନର ବିଷୟ ।

ଜାତିସଂଘର ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ଗତ ଚାରି ଦଶନ୍ଧି ଭିତରେ ବିଶ୍ୱସ୍ତରରେ ଜଳର ବ୍ୟବହାର ପ୍ରାୟ ଏକ ପ୍ରତିଶତ ହାରରେ ବଢ଼ିଚାଲିଛି । କିନ୍ତୁ ଏକ ବାସ୍ତବତା ହେଉଛି ବିଶ୍ୱରେ ସଂସାଧନର ଏକ ସୀମା ଅଛି ଓ ଯଦି ଜଳର ଉପଯୋଗ ଏହି ଢଙ୍ଗରେ ବଢ଼ିଚାଲେ ତେବେ ଆଗାମୀ ଭବିଷ୍ୟତରେ କି ପ୍ରକାର ସମସ୍ୟା ଉପୁଜିବ, ତାହା କଳ୍ପନା କରାଯାଇପାରେ । ଏବେ ବି ସ୍ଥିତି ଏପରି ଯେ ଏକପକ୍ଷରେ ବିକାଶଶୀଳ ଓ ଗରିବ ଓ ଦେଶମାନଙ୍କର ଦୂରଦୂରାନ୍ତ ଅଞ୍ଚଳରେ ରହୁଥିବା ବହୁ ଲୋକଙ୍କୁ ପିଇବା ପାଣି ଲାଗି ଅନେକ ପରିଶ୍ରମ କରିବାକୁ ପଡ଼ିଥାଏ; ସହର କେତେକରେ ପିଇବା ପାଣି ଭଡ଼ା ଟ୍ୟାଙ୍କରରେ ଯୋଗାଇବା ଏକ ବେପାର ବି ହୋଇଯାଇଛି । ଏଯାଏ ପିଇବା ପାଣିକୁ ପ୍ରାକୃତିକ ଅଧିକାର ବୋଲି ସ୍ୱୀକାର କରାହୋଇ ଆସିଛି, କିନ୍ତୁ ବାସ୍ତବତା ହେଉଛି ଏବେ ଦୁନିଆର ଅଧିକାଂଶ ଲୋକ ସ୍ୱଚ୍ଛ ପିଇବା ପାଣିରୁ ବଞ୍ଚିତ କିମ୍ବା ଅର୍ଥଦେଇ ଲୋକେ ନିଜର ଶୋଷ ମେଣ୍ଟାଇବାକୁ ସମର୍ଥ ନୁହନ୍ତି । ବିଶ୍ୱ ସ୍ତରରେ ସ୍ୱଚ୍ଛତାର ପ୍ରଚାର ପାଇଁ ସ୍ଲୋଗାନ ଦିଆଯାଉଥିଲେ ମଧ୍ୟ ଆଜି ମଧ୍ୟ ୪୬ ପ୍ରତିଶତ ଲୋକେ ଯଦି ସ୍ୱଚ୍ଛ ପରିବେଶ ବାହାରେ ଅଛି, ତେବେ ଏହାକୁ କାହାର ବିଫଳତା ବୋଲି କୁହାଯିବ ?

ବିଗତ କେତେ ଦଶନ୍ଧି ହେଲା ଭିନ୍ନ ଭିନ୍ନ ଦେଶମାନଙ୍କ ଠାରୁ ନେଇ ଜାତିସଂଘ ତଥା ଅନ୍ୟ ଆନ୍ତର୍ଜାତିକ ସଂଗଠନମାନଙ୍କ ପକ୍ଷରୁ ବିକାଶ କେନ୍ଦ୍ରିତ ସମ୍ମିଳନୀ, ନୀତିଗତ ପଦକ୍ଷେପ ସତ୍ତ୍ୱେ ଆଜିବି ଏ ପ୍ରକାର ବିରୋଧାଭାଷ ସ୍ଥିତି ରହିଛି ଏବଂ ଏତେ ବଡ଼ ଜନସଂଖ୍ୟା ସଫା ପାଣି ପିଇବା ପାଇଁ ପାଇପାରୁନାହାନ୍ତି । ଯେତେବେଳେ ସ୍ୱଚ୍ଛ ପିଇବା ପାଣି ହେଉଛି ସୁସ୍ଥ ଜୀବନ ପାଇଁ ପ୍ରଥମ ଆବଶ୍ୟକତା । ଖୋଦ୍ ଜାତିସଂଘ ଜେନେରାଲ ଆସେମ୍ବ୍ଲୀରେ ୨୦୧୦ରେ ଗ୍ରହଣ କରାଯାଇଥିବା ପ୍ରସ୍ତାବରେ ପିଇବା ଲାଗି ସ୍ୱଚ୍ଛଜଳ ଓ ସ୍ୱଚ୍ଛତାକୁ ମାନବାଧିକାରୀ ପର୍ଯ୍ୟାୟଭୁକ୍ତ କରାଯାଇଛି । ପ୍ରଶ୍ନ ହେଉଛି ରାଷ୍ଟ୍ରୀୟ ତଥା ଆନ୍ତର୍ଜାତିକ ସ୍ତରରେ ହେଉଥିବା ସମ୍ମିଳନୀ ମାନଙ୍କର ନିଷ୍କର୍ଷ ବାସ୍ତବରେ କେତେ କାର୍ଯ୍ୟକାରୀ ହୋଇପାରୁଛି ? ଯଦି ହେଉ ନାହିଁ ତେବେ ଏନେଇ ସଂପୃକ୍ତ ପକ୍ଷ କରୁଛି କ'ଣ ? ଆଧୁନିକ ଟେକ୍‌ନୋଲୋଜିର ଦୁନିଆରେ ଅନେକ ପ୍ରକାରର ପ୍ରୟୋଗ ଓ ଆବିଷ୍କାର ସତ୍ତ୍ୱେ ସ୍ଥିତି ଆଜି ଏପରି ଯେ ସମୁଦ୍ର ଜଳକୁ ପିଇବା ଯୋଗ୍ୟ କରିବା ଓ ସାଧାରଣ ଲୋକଙ୍କ ପାଖରେ ନେଇ ପହଞ୍ଚାଇବାରେ ସେତେ ସଫଳତା ମିଳିପାରି ନାହିଁ । ତେବେ ସ୍ୱଚ୍ଛପିଇବା ପାଣିର ଯେଉଁ ମାର୍କେଟ ବା ବଜାର ଇତିମଧ୍ୟରେ ସ୍ପଷ୍ଟ କରାଯାଇଛି, ତାହାକୁ ପ୍ରାଇଭେଟ୍ ବ୍ୟବସାୟୀଙ୍କ ହାତକୁ ଟେକି ଦିଆଯାଇଛି । ପ୍ରଶ୍ନ ହେଉଛି ଜାତିସଂଘ ପକ୍ଷରୁ ଘୋଷିତ ପାନୀୟ ଜଳ ଓ ସ୍ୱଚ୍ଛତାକୁ ମାନବାଧିକାର ପର୍ଯ୍ୟାୟଭୁକ୍ତ ପରେ ତାହାକୁ ନାଗରିକଙ୍କୁ ପ୍ରଦାନ କରିବାରେ ସରକାରମାନଙ୍କର କ'ଣ ଦାୟିତ୍ୱ ରହିଛି ତାହା ନିରୂପିତ ହୋଇଛି କି ?❑❑

**-ଭର୍ତ୍ତୃହରି ମହତାବ**

# ବସନ୍ତ ନବରାତ୍ରୀ

ରାମାୟଣ ପୂର୍ବର କଥା । କୋଶଳ ଦେଶର ରାଜା ଥିଲେ ଧ୍ରୁବସିନ୍ଧୁ । ଥରେ ଶିକାରକୁ ଯାଇଥିବା ବେଳେ ସିଂହ ଆକ୍ରମଣରେ ତାଙ୍କର ପ୍ରାଣ ଗଲା । ତାଙ୍କ ପରେ ରାଜକୁମାର ସୁଦର୍ଶନଙ୍କୁ ରାଜମୁକୁଟ ପିନ୍ଧାଯିବାକୁ ପ୍ରୟାସ ଆରମ୍ଭ ହେଲା । ମାତ୍ର ଉଜ୍ଜୟିନୀର ରାଜା ଯୁଦ୍ଧଜିତ୍ ନିଜ ନାତି ଶତ୍ରୁଜିତ୍‌କୁ କୋଶଳର ରାଜା କରିବାକୁ ଚାହୁଁଥିଲେ ।

ଏଣୁ ସେ କୋଶଳ ପ୍ରଦେଶ ଉପରେ ଆକ୍ରମଣ କରିଦେଲେ । ଫଳରେ ରାଜକୁମାର ସୁଦର୍ଶନ, ମା'ମନୋରମା ଓ ଜଣେ କିନ୍ନର ସହ ରାଜଭବନରୁ ପଳାୟନ କରି ମହର୍ଷି ଭରଦ୍ୱାଜଙ୍କ ନିକଟରେ ଶରଣାପନ୍ନ ହେଲେ । ଶତ୍ରୁଜିତ୍ କୋଶଳର ରାଜଧାନୀ ଅଯୋଧ୍ୟାରେ ରାଜା ହେଲା । ସେ ମହର୍ଷି ଭରଦ୍ୱାଜଙ୍କ ଆଶ୍ରମରେ ଶରଣ ନେଇଥିବା ମନୋରମା ଓ ସୁଦର୍ଶନଙ୍କୁ ହତ୍ୟା କରିବାକୁ ଚେଷ୍ଟା କଲା । ମାତ୍ର ତପସ୍ୱୀ ଭରଦ୍ୱାଜ ତାହା କରାଇ ଦେଲେ ନାହିଁ । ଦିନେ ଭରଦ୍ୱାଜଙ୍କ ପୁତ୍ର ଆଶ୍ରମରେ ଥିବା କିନ୍ନରକୁ ସଂସ୍କୃତରେ କ୍ଲୀବ ବୋଲି ଡାକିଲା । ସେହିଦିନ ଠାରୁ ସୁଦର୍ଶନ ମଧ୍ୟ କିନ୍ନରକୁ କ୍ଲୀବ ନାମରେ ଡାକିବାକୁ ଚିନ୍ତା କଲେ । ମାତ୍ର ସେ ସମ୍ପୂର୍ଣ୍ଣ ଭାବେ କ୍ଲୀବ ଉଚ୍ଚାରଣ କରିନପାରି କ୍ଲୀମ୍ ବୋଲି ଡାକିଲେ । କ୍ଲୀମ୍ ଥିଲା ମାତା ଆଦିଶକ୍ତିଙ୍କ ବୀଜ ଅକ୍ଷର ମନ୍ତ୍ର । ବାରମ୍ବାର ଏହି ନାମ ଉଚ୍ଚାରଣ କରିବାରୁ ଦିନେ ମାତା ଆଦିଶକ୍ତି ପ୍ରକଟ ହୋଇ ସୁଦର୍ଶନଙ୍କୁ ଦିବ୍ୟାସ୍ତ୍ର ପ୍ରଦାନ କଲେ ।

ଥରେ ବନାରସର ରାଜା ଋଷି ଭରଦ୍ୱାଜଙ୍କ ଆଶ୍ରମ ଦେଇ ଯାଉଥିଲେ । ସେ ସୁଦର୍ଶନଙ୍କୁ ଦେଖିଲେ । ଋଷିଙ୍କ ଠାରୁ ତାଙ୍କ ବିଷୟରେ ଜାଣିବା ପରେ ବନାରସର ରାଜା ନଅ ଝିଅ ଶଶିକଳା ସହ ସୁଦର୍ଶନଙ୍କ ବିବାହ କରାଇଲେ । ମାତା ଦୁର୍ଗାଙ୍କ କୃପାରୁ ସୁଦର୍ଶନ ଯୁଦ୍ଧରେ ଶତ୍ରୁଜିତ୍‌ଙ୍କୁ ପରାଜିତ କରି କୋଶଳ ଦେଶର ରାଜା ହେଲେ । ମାତାଙ୍କ କୃପାରୁ ପୁଣି ଥରେ ରାଜ୍ୟ ଫେରି ପାଇଥିବାରୁ ସୁଦର୍ଶନ ଚୈତ୍ର ମାସ ଶୁକ୍ଳପକ୍ଷରେ ବସନ୍ତ ନବରାତ୍ରୀର ପରମ୍ପରା ଚାଲି ଆସିଛି । ପରବର୍ତ୍ତୀ ସମୟରେ ସୁଦର୍ଶନଙ୍କ ବଂଶଧର ଭଗବାନ ଶ୍ରୀରାମ ଶାରଦୀୟ ନବରାତ୍ରୀରେ ମାତାଙ୍କୁ ପୂଜା କରି ରାକ୍ଷସରାଜ ରାବଣର ସଂହାର କରିବାକୁ ସଫଳ ହୋଇଥିଲେ ।

ଡାକ୍ତର ଦିଲ୍ଲୀପ କୁମାର ମହାରଣା
ଶିଖରପୁର, କଟକ

# ନିର୍ବାଚନ ପଦ୍ଧତିରେ ସଂସ୍କାର ଜରୁରୀ

**ପ୍ରଦୀପ୍ତ ଆଚାର୍ଯ୍ୟ**

ଗଣତନ୍ତ୍ର ରାଷ୍ଟ୍ର ଏବଂ ନିର୍ବାଚନ ଏ ଦୁଇଟି ଅଙ୍ଗାଙ୍ଗୀ ଭାବେ ଜଡିତ । ଗଣତନ୍ତ୍ର ରାଷ୍ଟ୍ରର ସାବାଳକ ଭୋଟର ମାନେ, ନିର୍ବାଚନ ପଦ୍ଧତିରେ, ସେମାନଙ୍କର ମନ ପସନ୍ଦର ଶାସକଙ୍କୁ ଚୟନ କରନ୍ତି । ସ୍ୱାଧୀନତା ପରଠାରୁ ଆମ ଦେଶରେ, ଅନେକ ସାଧାରଣ ପଂଚବର୍ଷୀୟ ନିର୍ବାଚନ ଏବଂ ମଧ୍ୟବର୍ତୀ କାଳୀନ ନିର୍ବାଚନ ଅନୁଷ୍ଠିତ ହୋଇ ଯାଇଛି । ସଫଳ ଗଣତନ୍ତ୍ର ନିମନ୍ତେ, ମୁକ୍ତ ଏବଂ ସ୍ୱଚ୍ଛ ନିର୍ବାଚନ ପଦ୍ଧତି ଏକାନ୍ତ ଆବଶ୍ୟକୀୟ । କିନ୍ତୁ ପରିବର୍ତୀତ ସାମାଜିକ ବ୍ୟବସ୍ଥା ତଥା ଅଧିକାଂଶ ଦୁର୍ନିତୀଗ୍ରସ୍ତ ନେତାଙ୍କର, କଳେ ବଳେ କୌଶଳେ ଆସନ ହସ୍ତଗତ କରିବାର ଦୁର୍ବାର ଆକାଂକ୍ଷା, ଏ ପଦ୍ଧତିକୁ ଧୀରେ ଧୀରେ କଳୁଷିତ କରିବାରେ ଲାଗିଛି । ଜାଲିଆତି, ବଳ ପ୍ରୟୋଗ, ଲାଂଚ କାରବାର ଏବଂ ମିଥ୍ୟା ପ୍ରତିଶ୍ରୁତି କ୍ରମାଗତ ଭାବରେ ବୃଦ୍ଧି ପାଇବାରେ ଲାଗିଛି । ବ୍ୟକ୍ତି ଚରିତ୍ରର ନୈତିକ ଅଧୋଃପତନ, ଅର୍ଥ ବିନିମୟରେ ଭୋଟ ଦେବାର ମାନସିକତା, ଅଗ୍ନିରେ ଘୃତ ସଂଯୋଗ ସଦୃଶ କାର୍ଯ୍ୟ କରୁଛି । ସାଧାରଣ ଜନତାଙ୍କର ମତଦାନ ନିମନ୍ତେ ଆଗ୍ରହ ହ୍ରାସ ପାଇବା ଅନୁମେୟ । ଯଦି ପ୍ରାର୍ଥୀ ମାନେ, ଭୋଟର ମାନଙ୍କୁ ନିଜ ଖର୍ଚ୍ଚରେ ମତଦାନ କେନ୍ଦ୍ରକୁ ନଆଣନ୍ତେ, ତେବେ ମତଦାନ ହାର ନିଶ୍ଚିତ କମ ରୁହନ୍ତା, ଏହା ନିଃସନ୍ଦେହ । ଉପରୋକ୍ତ ପରିପ୍ରେକ୍ଷୀରେ, ସାମ୍ପ୍ରତିକ ପ୍ରଚଳିତ ନିର୍ବାଚନ ପଦ୍ଧତିରେ, ଅନେକ ସଂସ୍କାରର ଆବଶ୍ୟକତା ରହିଅଛି । (୧) ସର୍ବପ୍ରଥମେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀଙ୍କ ନିମନ୍ତେ ଶିକ୍ଷାଗତ ଯୋଗ୍ୟତାକୁ ବାଧ୍ୟତା ମୂଳକ କରାଯାଉ, ଯାହା ଫଳରେ, ସେମାନେ ପ୍ରଶାସନିକ ଅଧିକାରୀଙ୍କ ଇଙ୍ଗିତରେ ପରିଚାଳିତ ନହେବାର ଦକ୍ଷତା ଅର୍ଜନ କରିପାରିବେ । ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପଦବୀରେ ନିଯୁକ୍ତି ନିମନ୍ତେ, ଅତ୍ୟଧିକ କଠିନ ପରୀକ୍ଷା ମାଧ୍ୟମରେ ଚୟନ କାର୍ଯ୍ୟ କରା ଯାଇଥାଏ । ତେଣୁ ସେପରି ଦକ୍ଷ ବ୍ୟକ୍ତି ଯାହା ଇଙ୍ଗିତରେ ଏବଂ ନିର୍ଦ୍ଦେଶରେ କାର୍ଯ୍ୟ କରିବେ, ସେହି ରାଜନୈତିକ ବ୍ୟକ୍ତି ମାନେ ମଧ୍ୟ ସେମାନଙ୍କ ଠାରୁ ଅଧିକ ଦକ୍ଷ ହେବା ଆବଶ୍ୟକ । ତେଣୁ ଦକ୍ଷତା ଚୟନ ପ୍ରକ୍ରିୟାରେ ନିର୍ବାଚନରେ ପ୍ରାର୍ଥୀ ହେବାକୁ ସୁଯୋଗ ଦଆଯିବା ଉଚିତ୍ । ଡିଜିଟାଲ ଯୁଗରେ ଜଣେ ଅଶିକ୍ଷିତ ବ୍ୟକ୍ତି, ଶାସନ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ କରି ପାରିବ,ଏହା ସଂପୂର୍ଣ୍ଣ ଅସମ୍ଭବ । (୨) ଅପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତି କିମ୍ବା ଅପରାଧୀ ମାନଙ୍କୁ ପରୋକ୍ଷରେ ସାହାଯ୍ୟ କରୁଥିବା ପ୍ରମାଣିତ ବ୍ୟକ୍ତି ମାନଙ୍କୁ, ନିର୍ବାଚନରେ ପ୍ରତିଦ୍ୱନ୍ଦିତା ନକରାଇ ଦେବାର କଠୋର ବ୍ୟବସ୍ଥା କରାଯିବା ଏକାନ୍ତ ଅପରିହାର୍ଯ୍ୟ, ଯଦ୍ୱାରା ଏକ ସ୍ୱଚ୍ଛ ଭୟମୁକ୍ତ ନିର୍ବାଚନ ସମ୍ଭବ ହୋଇ ପାରିବ ।

(୩) ଏକ ସ୍ଥିର ସରକାର ଗଠନ ନିମନ୍ତେ, ବହୁ ଦଳୀୟ ଗଣତନ୍ତ୍ର ପରିବର୍ତ୍ତେ, ଦ୍ୱିଦଳୀୟ ଗଣତନ୍ତ୍ର ବ୍ୟବସ୍ଥା ପ୍ରବର୍ତିତ ହେବା ଏକାନ୍ତ ଆବଶ୍ୟକ । ଯାହାଫଳରେ ମିଳିତ ସରକାର ବଦଳରେ ଏକ ସଂଖ୍ୟା ଗରିଷ୍ଠ ଦଳ ସରକାର ଗଠନ କରି ପାରିବେ ଏବଂ ସରକାରଙ୍କୁ ସଠିକ ମାର୍ଗରେ ପରିଚାଳିତ କରିବା ପାଇଁ ଏକ ଦୃଢ ବିରୋଧୀ ଦଳ ମଧ୍ୟ ଗଠିତ ହୋଇ ପାରିବ । କାମଚଳା ସରକାର, ମଧ୍ୟବର୍ତୀ କାଳୀନ ନିର୍ବାଚନ, ଅନାସ୍ଥା ପ୍ରସ୍ତାବ ଇତ୍ୟାଦି ଅସ୍ଥିରତା ତଥା ଅଯଥା ଅର୍ଥବ୍ୟୟରୁ ଦେଶ ରକ୍ଷା ପାଇ ପାରିବ ।(୪) ଜଣେ ପ୍ରାର୍ଥୀ ଏକାଧିକ ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦିତା କରିବା ପ୍ରଥାକୁ ସଂପୂର୍ଣ୍ଣ ନିଷେଧ କରିବା ଆବଶ୍ୟକ । ପ୍ରାୟତଃ ଦଳୀୟ ନେତା, କାଳେ ଗୋଟିଏ ସ୍ଥାନରେ ହାରି ଯିବାର ଆଶଙ୍କାରେ ଦୁଇଟି ଯାଗାରେ ପ୍ରତିଦ୍ୱନ୍ଦିତା କରନ୍ତି । କିନ୍ତୁ ଯିଏ ଲୋକ ମାନଙ୍କର ଆସ୍ଥା ଭାଜନ ନହୋଇ ହାରିଯିବାର ଭୟ ଅଛି, ତାଙ୍କର ଦଳ ପରିଚାଳନା କରିବା ଯୋଗ୍ୟତା ଆସିଲା କୋଉଠୁ ? ତାଙ୍କ ପାଇଁ ରାଜକୋଷରୁ ଅର୍ଥ ବ୍ୟୟ ବନ୍ଦ କରିବାକୁ ନିୟମ ପ୍ରଣୟନ ହେବା ଉଚିତ୍ । (୫) ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ, କେତେକ ଜିତିବା ପ୍ରାର୍ଥୀଙ୍କ ନିର୍ବାଚନକୁ ବିଭିନ୍ନ କାରଣରୁ ରଦ୍ଦ କରାଯାଇଥାଏ । ନାମାଙ୍କନ ପତ୍ରରେ ତ୍ରୁଟି ବା ମିଥ୍ୟା ସ୍ୱୀକାରୋକ୍ତି ପ୍ରଦାନ ଇତ୍ୟାଦି ଦର୍ଶାଇ ବିରୋଧି ପ୍ରାର୍ଥୀ ନ୍ୟାୟାଳୟ ମାଧ୍ୟମରେ ତାଙ୍କ ନିର୍ବାଚନକୁ ରଦ୍ଦ କରାଇ ଥାନ୍ତି ଏବଂ ଆଉ ଏକ ଉପ ନିର୍ବାଚନ ଅନୁଷ୍ଠିତ ହୋଇଥାଏ ।(୬) ଜଣେ ପ୍ରାର୍ଥୀ ନିର୍ବାଚନରେ ଜିତିବା ପାଇଁ ଭୋଟର ମାନଙ୍କୁ ଯେତେ ଅଧିକ ଉତ୍କୋଚ ପ୍ରଦାନ କରିବ, ଜିତି ସାରିବା ପରେ ସେ ସେତିକି ଅଧିକ ଦୁର୍ନିତୀଗ୍ରସ୍ତ ହେବା ସ୍ୱାଭାବିକ୍ । ତେଣୁ ନିର୍ବାଚନ ପୂର୍ବରୁ ପ୍ରାର୍ଥୀ ଓ ଭୋଟର ମାନଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କକୁ ସଙ୍କୁଚିତ କରିବା ଉଚିତ୍ । ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଯଥେଷ୍ଟ ଉନ୍ନତି ସାଧିତ ହୋଇଅଛି । ତେଣୁ ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିବା ପରେ, ଗଣ ମାଧ୍ୟମ ଜରିଆରେ, ସରକାରଙ୍କ ତରଫରୁ ପ୍ରାର୍ଥୀ ମାନଙ୍କର ଟିକିନିଖି ବିବରଣୀ ଯଥା- କେଉଁ ଦଳର ପ୍ରାର୍ଥୀ, ତାଙ୍କର ନିର୍ବାଚନ ଚିହ୍ନ, ଶିକ୍ଷାଗତ ଯୋଗ୍ୟତା, ସମ୍ପତିର ବିବରଣୀ, ଅତୀତର କାର୍ଯ୍ୟ କୁଶଳତା ଇତ୍ୟାଦି ଭୋଟର ମାନଙ୍କ ଅବଗତି ନିମନ୍ତେ ପ୍ରସାରଣ କରାଗଲେ, ଅର୍ଥ ବଦଳରେ ଭୋଟର ମାନଙ୍କୁ ଆକର୍ଷିତ କରିବା ଅନେକାଂଶରେ କମ ହୋଇ ପାରନ୍ତା ତଥା ନିର୍ବାଚନ ବ୍ୟୟ ମଧ୍ୟ ହ୍ରାସ ପାଇ ପାରନ୍ତା ।(୭) ଠିକ୍ ନିର୍ବାଚନ ପୂର୍ବରୁ ଦଳ ବଦଳ ପରି ସଂକ୍ରାମକ ବ୍ୟାଧିକୁ ନିୟନ୍ତ୍ରଣ କରିବାର ଆବଶ୍ୟକତା ଅତ୍ୟନ୍ତ ଜରୁରୀ । ଜଣେ ଗୋଟିଏ ଦଳରୁ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ନିମନ୍ତେ ଟିକେଟ ନପାଇବା ପରେ, ତତ୍‌କ୍ଷଣାତ ଅନ୍ୟ ଗୋଟିଏ ଦଳକୁ ଲମ୍ଫ ପ୍ରଦାନ କରି ଟିକେଟ ହାସଲ କରି ନିର୍ବାଚନ ଲଢିବା ଏକ ରୁଗ୍‌ଣ ବ୍ୟବସ୍ଥା । ତେଣୁ ଯେଉଁ ମାନେ ଦଳ ବଦଳ କରିବେ, ସେମାନଙ୍କୁ ଅନ୍ୟୁନ ସେହିଥର ପାଇଁ ଟିକେଟ ନଦେବାକୁ ନିୟମ ପ୍ରଣୟନ କରାଯିବା ଉଚିତ୍ ।(୮) ସରକାରୀ କର୍ମଚାରୀ ମାନେ ଏକ ନିର୍ଦ୍ଧିଷ୍ଟ ବୟସରେ କାର୍ଯ୍ୟ କରିବା ପାଇଁ ଅଯୋଗ୍ୟ ଘୋଷିତ ହୁଅନ୍ତି ଏବଂ ତାଙ୍କୁ କାର୍ଯ୍ୟରୁ ଅବସର ଦିଆଯାଏ ।

ତେବେ ଜଣେ ରାଜନୈତିକ ବ୍ୟକ୍ତି ମୃତ୍ୟୁ ପର୍ଯ୍ୟନ୍ତ ନିର୍ବାଚନ ଲଢି ଶାସନ କାର୍ଯ୍ୟରେ ଅଂଶ ଗ୍ରହଣ କରିବା କେତେଦୂର ଯଥାଥ ? ତେଣୁ ସେମାନଙ୍କ ନିମନ୍ତେ ଏକ ଅବସର ବୟସ ସୀମା ନିର୍ଦ୍ଧାରଣ ହେବା ଉଚିତ୍ ।(୯) ଠିକ୍ ନିର୍ବାଚନ ପୂର୍ବରୁ ବିଭିନ୍ନ ଯୋଜନା ମାଧ୍ୟମରେ, ଭୋଟର ମାନଙ୍କ ବ୍ୟାଙ୍କ ଖାତାକୁ ଅର୍ଥ ପ୍ରଦାନ ବ୍ୟବସ୍ଥା ଉପରେ ସଂପୂର୍ଣ୍ଣ ନିଷେଧାଜ୍ଞା ଜାରି ହେବା ଉଚିତ । କାରଣ ସରକାରୀ ଅର୍ଥ ବ୍ୟୟରେ, ଭୋଟର ମାନଙ୍କୁ ସରକାରୀ ଦଳ ଆଡକୁ ଆକର୍ଷିତ କରିବାର ଏହା ଏକ ସୁକ୍ଷ୍ମ ପ୍ରୟାସ ପରି ପ୍ରତୀୟମାନ ହୁଏ । ନିର୍ବାଚନର ଠିକ୍ ପରେ ପରେ ଦୁଇ ବର୍ଷ ଭିତରେ ଇସ୍ତାହାର ବା ଯୋଜନା ସବୁ କାର୍ଯ୍ୟକାରୀ କରାଯିବା ଉଚିତ୍ । (୧୦) ଭୋଟର ତାଲିକା ପ୍ରସ୍ତୁତି ବୋଧହୁଏ ଦେଶ ସ୍ୱାଧୀନ ହେବା ପର ଠାରୁ ନିର୍ଭୁଲ ହୋଇ ପାରୁ ନାହିଁ । ମରିବା ଲୋକଙ୍କ ନାମ ତାଲିକାରେ ଥିବା ବେଳେ ଯୋଗ୍ୟ ଭୋଟରଙ୍କ ନାମ ବାଦ୍ ପଡି ଯାଇଥାଏ । ନିଜ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ନାମକୁ ଭୋଟର ତାଲିକାରୁ କାଟିବା ବା ରଖିବା କାର୍ଯ୍ୟକୁ ସଂପୂର୍ଣ୍ଣ ଭାବରେ ରାଜନୈତିକ ଚାପରୁ ମୁକ୍ତ ରଖାଯିବା ଉଚିତ୍ । ଭୋଟର ତାଲିକାରେ ତ୍ରୁଟି ରହିଲେ, ଏହାକୁ ପ୍ରସ୍ତୁତ କରିବା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଉତରଦାୟୀ କରାଯାଇ, କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ବ୍ୟବସ୍ଥା କରାଗଲେ, ତାଲିକା ନିଶ୍ଚୟ ତ୍ରୁଟିମୁକ୍ତ ହେବ, ଏହା ନିଃସନ୍ଦେହ । (୧୧) ଯେଉଁ ଦଳ ଧର୍ମ ଓ ସଂପ୍ରଦାୟ ନାମରେ ଭୋଟର ମାନଙ୍କୁ ବିଭ୍ରାନ୍ତ କରାଇ ନିର୍ବାଚନରେ ଜୟଲାଭ କରିବାକୁ ଚେଷ୍ଟା କରନ୍ତି, ସୁକ୍ଷ୍ମ ଅନୁଧ୍ୟାନ ପୂର୍ବକ, ତୁରନ୍ତ ଏପରି ଦଳକୁ ଅଯୋଗ୍ୟ ଘୋଷଣା କରିବାର ନିୟମ ପ୍ରଣୟନ ହେବା ଅତ୍ୟନ୍ତ ଜରୁରୀ ନଚେତ୍ ଦେଶ ବିଭାଜନର ସାମ୍ନା କରିବା ଅସମ୍ଭବ ନୁହେଁ !(୧୨) ଆମ ଦେଶରେ ସର୍ବଦା କେଉଁଠି ନା କେଉଁଠି ନିର୍ବାଚନ ଅନୁଷ୍ଠିତ ହେଉଅଛି । ଆଜି କେଉଁ ରାଜ୍ୟରତ କାଲି ଆଉ କେଉଁ ରାଜ୍ୟର, କେବେ ସଂସଦ ନିର୍ବାଚନ, କେବେ ପଂଚାୟତ ତ କେବେ ମୁନ୍ୟିସିପାଲିଟି । ବର୍ଷସାରା ନିର୍ବାଚନ ପାଲା ଆଉ ଆଚରଣ ବିଧି । ତେଣୁ ସମସ୍ତ ରାଜ୍ୟ ଓ ସଂସଦ ର ଏକକ ନିର୍ବାଚନ ଗୋଟିଏ ସମୟରେ ଅନୁଷ୍ଠିତ ହେଲେ, ଅଯଥା ଅର୍ଥ ବ୍ୟୟ ଏବଂ ଅନେକ ଅସୁବିଧାକୁ ଏଡାଇ ଦିଆ ଯାଇ ପାରନ୍ତା ।(୧୩) ସର୍

## ଅସ୍ତିତ୍ୱ ହରାଇଛି ଜୟଦେବ ବାଟିକା

# ପ୍ରଶାସନ ଦୃଷ୍ଟିଦେବାକୁ ଦାବି

କୋଣାର୍କ (ବିଚିତ୍ର ଓଡ଼ିଶା): ପ୍ରଶାସନର ଚରମ ଅବହେଳା ଯୋଗୁଁ କୋଣାର୍କ ଚନ୍ଦ୍ରଭାଗା ନିକଟ ରେ ଥିବା ଜୟଦେବବାଟିକା ଏବେ ଶ୍ରୀହୀନ ଓ ଅବହେଳିତ ଅବସ୍ଥା ରେ ପଡ଼ିରହିଛି । ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ସରକାରୀ ଅର୍ଥ ବ୍ୟୟ କରାଯାଇ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିବା ଏହି ଉଦ୍ୟାନର ଅବସ୍ଥା ଏବେ ଦୟନୀୟ ହେବା ସହିତ ଅଭ୍ୟାସ ଗତ ନିଶାଡି ମାନଙ୍କର ଚରାଭୁଇଁ ପାଲଟିଛି ।

ପ୍ରାପ୍ତ ଖବରରୁ ଜଣାପଡେକି ଗୀତ ଗୋବିନ୍ଦର ରଚୟିତା କବି ଜୟଦେବଙ୍କ ନିମନ୍ତେ ପ୍ରଶାସନ ପକ୍ଷରୁ ଚନ୍ଦ୍ରଭାଗା ନିକଟରେ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ସହ ଉଦ୍ୟାନ କରାଯାଇ ଜୟଦେବ ବାଟିକା କରାଯାଇଥିଲା । ହେଲେ ରକ୍ଷଣା ବେକ୍ଷଣ ଅଭାବରୁ ଯାହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଅଛି । ଯାହାକି ଆମ ପୂଜ୍ୟପୂଜା ପ୍ରତି ଅସମ୍ମାନ ବୋଲି ସାଧାରଣ ରେ ଚର୍ଚ୍ଚାର ବିଷୟ ପାଲଟିଛି । ଖରାବର୍ଷା ଠାରୁ ଆରମ୍ଭ କରି ପକ୍ଷୀ ମାନକ ମଳ ରେ ଆଜି ଜୟଦେବଙ୍କ ପ୍ରତିମୂର୍ତ୍ତି ଆଜି ନିଜର ଅସ୍ତିତ୍ୱ ଖୋଜୁଥିବା ଦେଖିବାକୁ ମିଳିଛି । ସେଠାରେ ଥିବା ଉଦ୍ୟାନ ଆଜି ମରୁଭୂମି । ପ୍ରବେଶଦ୍ୱାର ଗେଟ୍ ନଥିବାରେ ୩୬୫ ଦିନ ନିଶାଡ଼ି ନିଶାଗ୍ରସ୍ତ ଅବସ୍ଥାରେ ଉଦ୍ୟାନର ଚତୁପାର୍ଶ୍ୱ ପଇଁତରା ମାରିବା ଦେଖିବାକୁ ମିଳିଛି । ଅଧିକ ସୋନ୍ଦର୍ଯ୍ୟ ବଢ଼ାଇବା ଆଶାରେ ଲଗା ହୋଇଥିବା ଦାମୀ ଦାମୀ ବୃକ୍ଷ ଗୁଡ଼ିକ ମଧ୍ୟ ଉଦ୍ୟାନ ହୋଇ ଟାଙ୍ଗରା ଭୂଇଁରେ ପରିଣତ ହୋଇଅଛି । ଏହାର ଚତୁପାର୍ଶ୍ୱରେ କୁଢ଼ କୁଢ଼

ଆବର୍ଜନା ଦୀର୍ଘ ଦିନ ଧରି ଗଦା ହେବା ଯୋଗୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଅଛି । ଯଦି ପୂଜ୍ୟପୂଜାର ସମ୍ମାନ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ଜୟଦେବ ବାଟିକା ନିର୍ମାଣ କରାଯାଇଥିଲା ତେବେ ବର୍ଷସାରା ସଚଳ କରାନଯାଇ ଏହାକୁ ଶ୍ରୀହୀନ କରିବାର ରହସ୍ୟ କଣ ହୋଇପାରେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଶ୍ୱପ୍ରସିଦ୍ଧ ଅର୍କକ୍ଷେତ୍ରର ଶ୍ରୀବୃଦ୍ଧି ପାଇଁ ନିର୍ମିତ ଉଦ୍ୟାନ ଅବସ୍ଥା ଯଦି ଏପରି ତାହାଲେ ଓଡ଼ିଶାର ଅନ୍ୟ ପର୍ଯ୍ୟଟନ ସ୍ଥଳୀର ଅବସ୍ଥା କିପରି ଥିବ ତାହା ଅନୁମାନ କରାଯାଇ ପାରେ । ପ୍ରତ୍ୟହ ଏହି ରାସ୍ତା ଦେଇ ରାଜ୍ୟ ସରକାରଙ୍କ ବଡ ବଡ ଅଧିକାରୀ, ମନ୍ତ୍ରୀଙ୍କ ସମେତ ଜିଲ୍ଲାପ୍ରଶାସନର ହସ୍ତୀ ମାନେ ଯାଆସ କରୁଥିଲେ ମଧ୍ୟ ଏହି ଅବହେଳିତ ପୂଜ୍ୟପୂଜା ପ୍ରତି ଦୃଷ୍ଟି ନଦେବା ଅତ୍ୟନ୍ତ ପରିତାପର ବିଷୟ ହୋଇଛି । ଦୀର୍ଘଦିନ ଧରି ପରିତ୍ୟକ୍ତ ଓ ଅବହେଳିତ ଅବସ୍ଥା ରହିଥିବା ଏହି ଜୟଦେବ ବାଟିକା ପୂର୍ବ ବୈଭବ ଫେରାଇ ଆଣିବାକୁ ସ୍ଥାନୀୟ ପ୍ରଶାସନ ସମେତ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣ ରେ ଦାବୀ ପ୍ରକାଶ ପାଇଛି । ପୁନରୁଦ୍ଧାର ପାଇଁ କୌଣସି ଉଦ୍ୟମ ନହେବାରେ ଏହାକୁ ମୂଳପୋଛ କରିବାଦେବାକୁ ଷଡ଼ଯନ୍ତ୍ର କରାଯାଉଛି ବୋଲି ସାଧାରଣରେ ଚର୍ଚ୍ଚା ଯୋରଧରିଛି ।

---

### ଠିକାଦାରଙ୍କ ମନମାନୀ କାମ

# ଅଧପନ୍ତରିଆ ଅବସ୍ଥାରେ କଞ୍ଚନପୁର ଠାରୁ ଜୟନ୍ତୀନାପୁର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ

ଚମ୍ପୁଆ, (ହି.ସ.): ଚମ୍ପୁଆ ବ୍ଲକ, ରଜିଆ ପଂଚାୟତ ଅନ୍ତର୍ଗତ କଂଚନପୁର ଠାରୁ ଜୟନ୍ତୀନାପୁର ଗ୍ରାମ୍ୟ ସଡ଼କ ଯୋଜନାକୁ ଦୀର୍ଘ ୫ ବର୍ଷରୁ ଅଧିକ ବିତିଯାଇଥିଲେ ବି ଏହା ଅଧପନ୍ତରିଆ ଭାବେ ପଡ଼ିରହିଛି । ୫ ବର୍ଷ ତଳେ କାମକୁ ଅଧାରେ ଛାଡି ଠିକାଦାର ଛୁ ମାରିଥିବା ବେଳେ ରାସ୍ତାକାମ ଆଉ ହେବ କି ନାହିଁ ଏବେ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଗମନା ଗମନର ସୁବିଧା ପାଇଁ କୋଟି କୋଟି ଟଙ୍କା ଅନୁଦାନ ଦିଆଯାଉଥିବା ବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମନମାନୀ କାମ ପାଇଁ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳୁଥିବା କୁହାଯାଉଛି । ଚମ୍ପୁଆ ବ୍ଲକର ରଜିଆ ପଂଚାୟତ ଅନ୍ତର୍ଗତ କଂଚନପୁର ଠାରୁ ଜୟନ୍ତୀନାପୁର ପର୍ଯ୍ୟନ୍ତ ଗ୍ରାମ୍ୟ ରାସ୍ତାକୁ ୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯାଇ ୪ କୋଟି ୬୯ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା । କେନ୍ଦୁଝର ନିର୍ବାହୀଯନ୍ତ୍ରୀ ଗ୍ରାମ୍ୟ ନିର୍ମାଣ ବିଭାଜନ ୨ ତତ୍ତ୍ୱାବଧାନରେ ଏହି ଠିକା କାମ ବାରିପଦା ସ୍ଥିତ ସର୍ବେଶ୍ୱର ଚୌଧୁରୀଙ୍କୁ ମିଳିଥିବା ବେଳେ ୧୨ - ୭ - ୨୦୧୮ ରୁ ଠିକାଦାର ଏହି ରାସ୍ତା କାମ ଆରମ୍ଭ କରିଥିଲେ । ତେବେ ଏହି ରାସ୍ତା କାମ ୧୧ - ୪ - ୨୦୧୯ ସୁଦ୍ଧା ସରିବା ନେଇ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ କାମକୁ ଅଧାପନ୍ତରିଆ ଭାବେ ଛାଡି ଠିକାଦାର ଛୁ ମାରିଛି । ଠିକାଦାର କାମ ଛାଡି ଚାଲି ଯିବାର ୫ ବର୍ଷ ବିତିବାକୁ ବସିଲାଣି କିନ୍ତୁ ଏବେ ସୁଦ୍ଧା ରାସ୍ତା ଅଧପନ୍ତରିଆ ଭାବେ ପଡି ରହିଛି । ତେବେ କଂଚନପୁର ଠାରୁ ଜୟନ୍ତୀନାପୁର ୧ କି.ମି. ୯୦ ମିଟର ରାସ୍ତାକୁ ଠିକାଦାର ଅଧପନ୍ତରିଆ ଭାବେ ପକାଇ ଚାଲି ଯାଇଥିବାବେଳେ ବିଭାଗୀୟ ଅବହେଳା ପାଇଁ ମଧ୍ୟ ଏହି ରାସ୍ତା କାମ ସମ୍ପୂର୍ଣ୍ଣ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ଫଳରେ ଏହି ରାସ୍ତା ଉପରେ ଦୈନିକ ନିର୍ଭର କରୁଥିବା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଦେବନାଥ ଓରାମଙ୍କୁ ଯୋଗାଯୋଗ କରିବାରୁ କାମ ଅଧାରୁ ବନ୍ଦ କରି ଦେଇଥିବାରୁ ବିଭାଗ ଠିକାଦାର ନାମରେ ମାମଲା ରୁଜୁ କରିସାରିଛି । ତେବେ ଆଗକୁ ନୂଆ ଟେଣ୍ଡର କରି ରାସ୍ତା କାମ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ ରଖାଯାଇଛି ବୋଲି ସେ କହିଛନ୍ତି । ତେବେ ଆଗକୁ ଏହି ରାସ୍ତା କାମ ହେବ କି ନାହିଁ, ନା ଲୋକଙ୍କୁ ଲଲିପପ ଦେଇ ବିଭାଗ ଧୃତରାଷ୍ଟ୍ର ସାଜି ବସି ରହିବ ଦେଖିବାକୁ ବାକି ରହିଲା ।

---

### ମନରେଗାରେ ଅନିୟମିତତା ଅଭିଯୋଗ

# ପଡ଼ିଆ ଜମିରେ ପୋଖରୀ ଖୋଳି ଅର୍ଥ ଆତ୍ମସାତ ଉଦ୍ୟମ

ଟିଟିଲାଗଡ଼ (ତୀର୍ଥଙ୍କର ପଟେଲ): ସରକାର ଦାଦନ ସମସ୍ୟା ରୋକିବା ସହିତ ଗରିବ ଲୋକଙ୍କୁ କାମ ଯୋଗାଇ ଦେବା ପାଇଁ ମନରେଗା ଯୋଜନା ମାଧ୍ୟମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଗୋଷ୍ଠୀଗତ ଓ ବ୍ୟକ୍ତିଗତ ଆକାରରେ ବିଭିନ୍ନ ପ୍ରକଳ୍ପ ଆରମ୍ଭ କରି କାର୍ଯ୍ୟ କରୁଥିବା ବେଳେ ମନରେଗା ଯୋଜନାରେ ବ୍ୟାପକ ଅନିୟମିତତା ହେଉଥିବା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ସୁଦ୍ଧା ବାରମ୍ବାର ଏପରି ଘଟଣାମାନ ଘଟୁଥିବା ଅଭିଯୋଗ ହେଉଛି । ମନରେଗା ଯୋଜନାରେ ନିୟୋଜିତ ଗାଁ ସାଥି, ଜିଆରଏସ ଠାରୁ ଆରମ୍ଭ କରି ଉପରିସ୍ଥ ପର୍ଯ୍ୟନ୍ତ ଏହି ଦୁର୍ନୀତିରେ ସାମିଲ ହେଉଥିବା ସାଧାରଣରେ ଆଲୋଚନା ହେଉଛି । ଯାହା ଫଳରେ ଗରିବ, ଖଟିଖିଆ ମାନେ ଉଚିତ ପ୍ରାପ୍ୟ ନ ପାଇ ମନରେଗା ଯୋଜନାରେ ଭରଷା ନ କରି ଦାଦନ ଯିବା ପାଇଁ ବାଧ୍ୟ ହେଉଛନ୍ତି । ଏପରି ଏକା ଘଟଣା ସଇଁତଲା ବ୍ଲକ ଡେଙ୍ଗ ପଞ୍ଚାୟତର ଧୁନକେଡା ଗ୍ରାମରେ ଘଟିଥିବା ଅଭିଯୋଗ ହେଉଛି । ପ୍ରକାଶ ଯେ, ଏହି ଧୁନକେଡା ଗ୍ରାମ ରେ ମନରେଗା ଯୋଜନା ତରଫରୁ ଗତ ୨୦୨୧/୨୨ ମସିହାରେ ଏକ ନୂତନ ପୋଖରୀ ଖୋଳା ପାଇଁ ୧୦ ଲକ୍ଷ ଟଙ୍କା ରା ଫାଇଲ ଖୋଳା ଯାଇ ଏକ ଅନାବଶ୍ୟକ ପଡିଆ ଜାଗାରେ ପୋଖରୀ ଖୋଳା ହୋଇଥିବା ବେଳେ ଏଥିରେ କାର୍ଯ୍ୟ କରିଥିବା ଶ୍ରମିକ ମାନଙ୍କୁ ଦୀର୍ଘ ୧ ବର୍ଷରୁ ଊର୍ଦ୍ଧ ହେବ ତାଙ୍କର ପାଉଣା ମିଳୁ ନଥିବାରୁ ଶ୍ରମିକ ମାନେ ବାରମ୍ବାର ସରପଞ୍ଚ ଠାରୁ ଆରମ୍ଭ କରି ସଇଁତଲା ବିଡ଼ିଓଙ୍କ ଠାରେ ଅଭିଯୋଗ କରିଆସୁଛନ୍ତି । କିନ୍ତୁ ଅପରପକ୍ଷରେ ତାଙ୍କର ବକେୟା ପ୍ରାପ୍ୟକୁ ଭୁଲିଯିବା ପାଇଁ ଜି.ଆର.ଏସ କହୁଥିବାରୁ ଶ୍ରମିକ ମାନେ ସମ୍ବାଦିକ ମାନଙ୍କ ଠାରେ ଅଭିଯୋଗ କରିଛନ୍ତି । କିନ୍ତୁ ଏଠାରେ ପ୍ରଶ୍ନ ଉଠେ ଯେ, ଉକ୍ତ ପଡିଆ ଜମିରେ କେଉଁ ଉଦେଶ୍ୟ ନେଇ ଓ କାହା ସ୍ୱାର୍ଥ ରେ ଏପରି ସରକାରୀ ଅର୍ଥକୁ ଅପବ୍ୟୟ କରାଯାଇଛି ତାହା ଗ୍ରାମବାସୀଙ୍କୁ ସନ୍ଦେହ ହେବା ପରେ ଗ୍ରାମବାସୀ ଉକ୍ତ କାର୍ଯ୍ୟକୁ ଅଧା ବାଟରେ ବନ୍ଦ କରିଦେଇଛନ୍ତି । ଏପରିକି ସେହି ପୋଖରୀ ଖନନରେ ମାଟିକାମ ନ କରି ଗାର୍ଡଓ୍ୱେଲ ନିର୍ମାଣ କରି ମୋଟା ଅଙ୍କର ଟଙ୍କା ଆତ୍ମସାତ କରିବା ପାଇଁ ଉଦ୍ୟମ ହୋଇଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି । ଏଣୁ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଇ ଏଭଳି ଏକ ପଡିଆ ଜମିରେ ଏକ ପୋଖରୀ ଖନନ ପାଇଁ ବୈଷୟିକ ଅନୁମତି ଦିଆଗଲା ଓ ସେଠାରେ କି ଆବଶ୍ୟକ ଥିଲା ତାହା ତଦନ୍ତ ସାପେକ୍ଷ ବୋଲି ଶ୍ରମିକମାନେ ଦାବୀ କରିଛନ୍ତି । ଏ ନେଇ ବ୍ଲକ ନିର୍ବାହୀ ସହକାରୀ ଯନ୍ତ୍ରୀ ସନ୍ତୋଷ ବେହେରାଙ୍କୁ ପଚାରିବା ଏପରି ଅଭିଯୋଗ ଶୁଣିଛି । ଯଦି ଶ୍ରମିକମାନେ ଟଙ୍କା ପାଇ ନାହିଁ ତାହା ହେଲେ ଗାଁ ସାଥି କାମ ଆରମ୍ଭ କରନ୍ତୁ ତାପରେ ଟଙ୍କା ପକାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ । ଏଥିସହ ଶ୍ରମିକମାନଙ୍କ ବକେୟା ମଜୁରୀ ଟଙ୍କା ତୁରନ୍ତ ପ୍ରଦାନ କରିବା ପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବା ପାଇଁ ଶ୍ରମିକ ବଳିଷ୍ଠ ଛତ୍ରିଆ, ତ୍ରିଲୋଚନ ସୁନା, ଜିତେନ୍ଦ୍ର ଛାତ୍ରିଆ, କୈଳାଶ ଛତ୍ରିଆ, ଚନ୍ଦ୍ରଦ୍ୱୟ ଛତ୍ରିଆ, ଧନନ୍ତରି ଯାନୀ, ମୁରଲୀ ଭୋଇ, ଗୋପୀ ଭୋଇ, ପ୍ରତାପ ମାଝୀ, ବିଜୟ ଛତ୍ରିଆ, ପିତାଅମ୍ବର କୁଳିଆ, କୈଳାଶ ବଗର୍ତି, ପ୍ରଫୁଲ୍ଲ ବାଗ, ହଲୁ ବଗର୍ତି, ମହେନ୍ଦ୍ର ବଗର୍ତି, ବ୍ରଜ ମନହିରା ପ୍ରମୁଖ ଦାବୀ କରିଛନ୍ତି ।

# ଦକ୍ଷିଣା ଶୌଣ୍ଡିକ ସଂସ୍କୃତିକ ମହାସଭାର ଶୋଭାଯାତ୍ରା

ଟିଟିଲାଗଡ଼,(ପିପିଏସ୍): ଆସନ୍ତା ଏପ୍ରିଲ ୭ରୁ ୯ ପର୍ଯ୍ୟନ୍ତ କଲାହାଣ୍ଡି ଜିଲାର ଲଡୁଗାଁ ଠାରେ ଦକ୍ଷିଣା ଶୌଣ୍ଡିକ ସଂସ୍କୃତିକ ମହାସଂଘ ପକ୍ଷରୁ ବିଶାଳ ସମାବେଶ ଅ । ୟେ । ଜ ନ ପ ରି ପ୍ରେ କ୍ଷୀ ରେ କଲାହାଣ୍ଡି ଜିଲା ଏବଂ ଟିଟିଲାଗଡ ଆଞ୍ଚଳିକ କମିଟି ପକ୍ଷରୁ ୧୩ଟି ବ୍ଲକରେ ପ୍ରଚାର ପ୍ରସାର ନେଇ ବାହାରିଥିବା ରଥକୁ ଟିଟିଲାଗଡ ସହର ତଥା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଆଞ୍ଚଳିକ କମିଟିର ସଭାପତି ଅଭିମନ୍ୟୁ ସାହୁଙ୍କ ତତ୍ତ୍ୱାବଧାନରେ ତଥା ପ୍ରଦୀପ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଟିଟିଲାଗଡ ତଥା ମୁରିବାହାଲ ବ୍ଲକ ଅଞ୍ଚଳରୁ ସମାଜର ବହୁ ସଦସ୍ୟ ସାମିଲ ସହ ଏକ ବିଶାଳ ବାଇକ ଶୋଭାଯାତ୍ରା, ବାଦ୍ୟଶଙ୍ଖ ସହ ସୁସଜ୍ଜିତ ରଥରେ ଆରୂଢ ଅଧିଷ୍ଠାତ୍ରୀ ଦେବୀ ମାଁ ଦୁର୍ଗାଙ୍କୁ ପାଛୋଟି ଅଣାଯାଇଥିଲା । ଟିଟିଲାଗଡ ସହର ସମେତ ପଥର୍ଲା, ନାରେନ, କତରକେଲା, ଲୁଥୁରବନ୍ଧ ଠାରେ ରଥକୁ ସ୍ୱାଗତ ସହ ପଥପ୍ରାନ୍ତ ସଭାରେ ସମାଜର ସଦସ୍ୟ ମତବ୍ୟକ୍ତ କରିଥିଲେ । ସମାଜର ଉପସଭାପତି ତୁଳସିରାମ ସାହୁ, ଜିଲା ସମ୍ପାଦକ ଥବିର ସାହୁ, ସମୀକ୍ଷକ ଗୋପାଳ ଚନ୍ଦ୍ର ସାହୁ, ଦିଗାମ୍ବର ବେହେରା, ଅଭିରାମ ସାହୁ, ମିଡିଆ ସେଲ ପ୍ରମୁଖ ସୁମନ୍ତ ସାହୁ, ବେଦବର ସାହୁ, ରତ୍ନାକର ସାହୁ,ଶ୍ୟାମସୁନ୍ଦର ସାହୁ, ନବିନ ସାହୁ, ଆଶିଷ ସାହୁ, ଲଲିତ ସାହୁ, ଅଲେଖ ବେହେରା, ଜିଲା ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ଜିଲା ପରିଷଦ ସଭ୍ୟ ସଞ୍ଜୟ ବେହେରା, ଟିପକାରୀ ବେହେରା, କ୍ଷିରୋଦ ସାହୁ, ହୃଦାନନ୍ଦ ସାହୁ, ବାର ସଂଘ କୋଷାଧକ୍ଷ ବେଦପ୍ରକାଶ ବେହେରା, ପରମେ ସାହୁ, ସରପଞ୍ଚ ମିନା ସାହୁ, ଜ୍ୟୋସ୍ନା ସାହୁ, ଯୁଗଲ ସାହୁ, କିଶୋର ସାହୁ, ଧ୍ରୁବ ସାହୁ, ଏଲନ ବେହେରା, ଅର୍ଜିତ ବେହେରା ପ୍ରମୁଖଙ୍କ ସମେତ ବହୁ ମହିଳା ଉପସ୍ଥିତ ରହି ରାସ୍ତାରେ ଝୋଟି କାଟି ରଥକୁ ସ୍ୱାଗତ ସହ ପୂଜାର୍ଚ୍ଚନା କରିଥିଲେ ।

## ରାୟଗଡ଼ା ଜିଲ୍ଲା ଗୁଡ଼ାରିରେ ସର୍ବାଧିକ ୨୫.୪ ମି.ମି. ବର୍ଷା ରେକର୍ଡ଼

ରାୟଗଡ଼ା (ପିପିଏସ୍): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ରାୟଗଡ଼ା ଜିଲ୍ଲା ଗୁଡାରିରେ ସର୍ବାଧିକ ୨୫.୪ ମି.ମି. ବର୍ଷା ରେକର୍ଡ଼ ହୋଇଛି । ସେହିପରି ରାୟଗଡ଼ା ଜିଲାର କାଶୀପୁରରେ ୨୪.୨, ବାଲେଶ୍ୱର ଜିଲ୍ଲାର ସୋରୋରେ ୨୦.୦, ଭଦ୍ରକ ଜିଲ୍ଲାର ବାସୁଦେବପୁରରେ ୧୯.୦, ବାଲେଶ୍ୱର ଜିଲ୍ଲାର ଜଇପୁର ୧୪.୦, ମୟୂରଭଞ୍ଜ ଜିଲ୍ଲାର କପ୍ତିପଦାରେ ୧୪.୦, ଯାଜପୁର ଜିଲ୍ଲାର କୋରେଇରେ ୧୩.୦, ଗଜପତି ଜିଲ୍ଲାର କାଶୀନଗରରେ ୧୦.୮ ମି.ମି. ବର୍ଷା ରେକର୍ଡ଼ ହୋଇଛି । ସେହିପରି ଭୁବନେଶ୍ୱରରେ ୪.୫ ମି.ମି. ବର୍ଷା ରେକର୍ଡ଼ ହୋଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# କେନ୍ଦୁଝରରେ ଅଘୋଷିତ ବିଦ୍ୟୁତକାଟ୍ : ଅସ୍ତବ୍ୟସ୍ତ ଜନଜୀବନ

କେନ୍ଦୁଝର: ଏବେଠାରୁ କେନ୍ଦୁଝର ରେ ଯେଭଳି ନିୟମିତ ଭାବେ କିଛି କିଛି ସମୟ ଅନ୍ତରରେ ଅଘୋଷିତ ଭାବେ ବିଦ୍ୟୁତ କାଟ ହେବାରେ ଲାଗିଛି ତାହା ସହରବାସୀଙ୍କୁ ଅକରାଣରେ ହନ୍ତସନ୍ତ ହିଁ ହେବାକୁ ପଡୁଛି । ଗତ କିଛିମାସ ହେବ କେନ୍ଦୁଝର ର ବିଦ୍ୟୁତ ବଟଂନ ଠାରୁ ମେଟେଂନାନ୍ସ ,ସୁରକ୍ଷା ଆଦି ସମସ୍ତ ଦାୟିତ୍ୱ ନେସ୍କୋ ପରିବର୍ତେ ଟାଟା ପାୱ୍ୟାର ନେବା ପରେ ଖାଉଟିଙ୍କର ସମସ୍ୟା କମିବ କଣ , ବଢି ଚାଲିଛି । ଯାହାକୁ ନେଇ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ବଢି ଚାଲିଛି । ଟାଟା ପାୱ୍ୟାର ଖାଉଟିଙ୍କ ଠାରୁ ବିଦ୍ୟୁତ ଦେୟ ସଂଗ୍ରହ ଉପରେ ଯେତେ ଗୁରୁତ୍ୱ ଦେଉଛି ତା ଠାରୁ ବହୁ ଅଧିକ ଅଣଦେଖା ଖାଉଟିଙ୍କୁ ସେମାନଙ୍କର ନ୍ୟାର୍ଯ୍ୟ ହକ୍ ଦେବା କ୍ଷେତ୍ରରେ ହିଁ କରୁଛି । ଏବେ ଦୀର୍ଘ ସମୟ ଧରି ବାରମ୍ବାର ଯେଭଳି ଭାବେ ବିଦ୍ୟୁତ କାଟ ହେଉଛି ପୁର୍ବରୁ ପ୍ରାୟତଃ ଏଭଳି ବିଦ୍ୟୁତ କାଟ ନେସ୍କୋ ସମୟରେ ଦେଖାଯାଉ ନଥିଲା । ସବୁଠାରୁ ଗୁରୁତ୍ୱପୁର୍ଣ୍ଣ ବିଷୟ ହେଉଛି ଯେ ଟାଟା ପାୱ୍ୟାର ପକ୍ଷରୁ ଖାଉଟି ମାନଙ୍କୁ ଦିଆଯାଉଥିବା ବିଦ୍ୟୁତ ବିଲ କୁ ଦେଖି ସେମାନେ ସନ୍ଦେହରେ ପଡିଯାଉଛନ୍ତି । ଜଣେ ଖାଉଟି ଯେଉଁ ପରିମାଣର ବିଦ୍ୟୁତ ତଥା କରେଟଂ ବ୍ୟବହାର କରୁଛି ତା ଠାରୁ ତଦନୁରୁପ ଧାର୍ଯ୍ୟ ସ୍ଲାବ ଅନୁଶାରେ ବିଲ ଦେବା କମ୍ପାନୀର ଦାୟିତ୍ୱ ଅଟେ ।

କିନ୍ତୁ ଟାଟା ପାୱ୍ୟର କ୍ଷେତ୍ରରେ ଏଥିରେ ବ୍ୟତିକ୍ରମ ଦେଖା ଦେଇଛି । ଅନେକ ସଚେତନ ନାଗରିକ ଟାଟା ପାୱ୍ୟାର ର ଏହାକୁ ଓଲୁକର ବୋଲି କହୁଛନ୍ତି । ଟାଟା ପାୱ୍ୟାର ପକ୍ଷରୁ ଖାଉଟିଙ୍କୁ ମିଟର ରିଡିଙ୍ଗ ପରେ ଦିଆଯାଉଥିବା ବିଲରେ ଖାଉଟି ର କରେଟଂ ବ୍ୟବହାର ଉପରେ ବିଲ୍ ରେ ଉଲ୍ଲେଖ କରାଯାଉଥିବା ବେଳେ ତା ବାଦ ପୁଣି ଫିକ୍ସଡ ଚାର୍ଯ୍ୟ ନାମରେ ଟଙ୍କା ନିଆଯାଉଛି । ତା ବାଦ ପୁଣି ଇଲେକ୍ଟ୍ରି ଡ୍ୟୁଟି ନାମରେ ଟଙ୍କା ଓ ପୁଣି ଡି.ଟି.ଏସ୍ . ନାମରେ ମଧ୍ୟ ଟଙ୍କା ନିଆଯାଉଛି । ଯାହା ଖାଉଟିଙ୍କ ପାଇଁ ସଂପୁର୍ଣ୍ଣ ଅବୁଝା ହୋଇ ପଡିଛି । ଏପରି କି ଯଦିଓ ଖାଉଟିଙ୍କର ଟଙ୍କାରେ କମ୍ପାନୀର ଥିବା ନିର୍ଦ୍ଦିଷ୍ଟ ବ୍ରାଣ୍ଡର ମିଟର ଲଗାଯାଉଅଛି ତାପରେ ବି ବିଲରେ ମିଟର ବାବଦକୁ ୪୦ ଟଙ୍କା ଲେଖାଁଏ ଯୋଡା ଯାଇ ଟଙ୍କା ନିଆଯାଉଛି । ଏହା ଶୋଷଣ ନୁହେଁ ତ ଆଉ କଣ ବୋଲି ଅନେକ ପ୍ରଶ୍ନ କରିଛନ୍ତି । ତେବେ ଏହି ପ୍ରଶ୍ନ ର ଉତର କିଏ ଦେବ , ତାହା ଆ ଉ ଏକ ବଡ ପ୍ରଶ୍ନ । ଏ ଦିଗରେ ଖାଉଟି ସୁରକ୍ଷା ମଂଚ ଠାରୁ ଆରମ୍ଭ କରି ସଚେତନ ନାଗରିକ ମାନେ ଚିନ୍ତା କରିବାର ଆବଶ୍ୟକ ଅଛି ବୋଲି ମତ ପ୍ରକାଶ ପାଇଛି ।

# ଗୁଣୁପୁର ବାର୍ ଆସୋସିଏସନ୍‌ର ନିର୍ବାଚନ ସଭାପତି ଏବଂ ସମ୍ପାଦକଙ୍କ ଐତିହାସିକ ବିଜୟ

ରାୟଗଡା(ପିପିଏସ୍): ଓଡିଶା ହାଇକୋର୍ଟଙ୍କ ନିଷ୍ପତ୍ତି କ୍ରମେ ରାୟଗଡ ଜିଲ୍ଲା ଗୁଣୁପୁର ବାର ଆସୋସିଏସନର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନରେ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ଉମା ପଟ୍ଟନାୟକ ନିକଟତମ ପ୍ରତିଦ୍ୱନ୍ଦୀ ଦେବି ଆଚାର୍ଯ୍ୟଙ୍କୁ ପରାସ୍ତ କରିଥିବା ବେଳେ ସମ୍ପାଦକ ବିଷ୍ଣୁ ପାଢ଼ୀ ନିକଟତମ ପ୍ରତିଦ୍ୱନ୍ଦୀ ପ୍ରବୀଣ ପଟ୍ଟନାୟକଙ୍କୁ ପରାସ୍ତ କରି ବିଜୟୀ ହୋଇଥିବା ବେଳେ ଉପସଭାପତି ଭାବେ ଗଣେଶ ସାହୁ ଏବଂ ସହ ସମ୍ପାଦକ ଭାବେ ଆର ଡି ମିଶ୍ର ବିଜୟୀ ହୋଇଛନ୍ତି । ଏ ବିଜୟ ଆମର ନୁହଁ ଏ ବିଜୟର ଶ୍ରେୟ ଗୁଣୁପୁର ବାର ମେମ୍ବରଙ୍କ ବୋଲି ନୂତନ ବାର ସଭାପତି ଉମା ପଟ୍ଟନାୟକ ପ୍ରକାଶ କରିଥିଲେ । ଖୁବ ଶୀଘ୍ର ନୂତନ ନିର୍ବାଚିତ ମେମ୍ବରଙ୍କୁ ନେଇ ଏକ ବୈଠକ କରାଯିବ ଏବଂ ଆଗାମୀ ଦିନରେ ଯେଉଁ ସବୁ କାର୍ଯ୍ୟକ୍ରମ କରାଯିବ ତା ଉପରେ ଆଲୋଚନା କରାଯିବ ବୋଲି ସମ୍ପାଦକ ବିଷ୍ଣୁ ପାଢ଼ୀ ଜଣାଇଛନ୍ତି । ନୂତନ ନିର୍ବାଚିତ ସଭାପତି ସମ୍ପାଦକ ଉପସଭାପତି ଏବଂ ସହସମ୍ପାଦକଙ୍କୁ ବିଦାୟୀ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି । ସେହିଭଳି ଗୁଣୁପୁର ବାରର ନୂତନ ନିର୍ବାଚିତ ସଭାପତି ଉମା ପଟ୍ଟନାୟକ ସମ୍ପାଦକ ବିଷ୍ଣୁ ପାଢ଼ୀ ଉପସଭାପତି ଗଣେଶ ସାହୁ ଏବଂ ସହ ସମ୍ପାଦକ ଆରଡି ମିଶ୍ରଙ୍କୁ ସହରର ବିଭିନ୍ନ ସଂଘ ତଥା ସଂଘଠନ ଓ ବୁଦ୍ଧିଜିବୀ ମହଲରୁ ଶୁଭେଚ୍ଛା ଏବଂ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି । ଗୁଣୁପୁରର ବିକାଶ ତଥା ସଦର ହସ୍ପିଟାଲରେ ଡାକ୍ତର ମରୁଡି ଉପରେ ଅଧିକା ଧ୍ୟାନ ଦେବାକୁ ପ୍ରେସ ୟୁନିଅନ ପକ୍ଷରୁ ଅନୁରୋଧ କରାଯାଇଛି ।

# ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ

କନ୍ଧମାଳ: କନ୍ଧମାଳ ଜିଲ୍ଲାର ସ୍ଥାନୀୟ ସରସତୀ ଶିଶୁ ବିଦ୍ୟା ମନ୍ଦିର, ଫୁଲବାଣୀ ପରିସରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ୨୦୨୩ ପାଳିତ ଧୁମଧାମରେ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ କର୍ଣ୍ଣାଲ ଶିଶିର କୁମାର ଘୋଷ ଯୋଗ ଦେଇଥିବା ବେଳେ ଅନ୍ୟତାମ ଅତିଥି ଭାବେ ନିରଞ୍ଜନ ମିଶ୍ର ଯୋଗଦେଇ ହିନ୍ଦୁ ନବବର୍ଷର ପାଳନ ଉପରେ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ । ୧୯୭ କୋଟି ୨୯ ଲକ୍ଷ ୪୯ ହଜାର ୧୨୪ ବର୍ଷ ପୂର୍ତି ପାଳନ କରାଯାଇଥିବା ନେଇ ସମିତି ସୂଚନା ପ୍ରଦାନ କରିଛନ୍ତି । ଆଜିର ଏହି ପବିତ୍ର ତିଥିରେ ବ୍ରହ୍ମାଙ୍କ ଦ୍ୱାରା କାଳ ଗଣନା ଆରମ୍ଭ ହୋଇଥିଲା । ପ୍ରଭୁ ଶ୍ରୀରାମଙ୍କର ରାଜାଭିଷେକ ହୋଇଥିଲା । ଦେବୀ ଦୁର୍ଗାଙ୍କ ନବ ଦିନାତ୍ମକ ପୂଜା ଆରମ୍ଭ ହୋଇଥିଲା ବୋଲି ଅତିଥିମାନେ ସୂଚନା ପ୍ରଦାନ କରିଥିଲେ ।ପରମ ପୂଜ୍ୟ ରାଷ୍ଟ୍ର ସନ୍ଥ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସାମୀ ନିଶ୍ଚଳାନନ୍ଦ ସରସତୀ ମହାଭାଗଙ୍କ ସଂକଳ୍ପ ଅନୁଯାୟୀ ଭାରତ ବର୍ଷ ହିନ୍ଦୁ ରାଷ୍ଟ୍ର ହେବା ସହିତ ଏସିଆ ମହାଦେଶକୁ ହିନ୍ଦୁ ମହାଦେଶ ଭାବରେ ଘୋଷଣା ହେବା ପର୍ଯ୍ୟନ୍ତ ଏ ସଂକଳ୍ପ ଯାତ୍ରା ଜାରି ରହିବ ବୋଲି ସମିତି ପ୍ରକାଶ କରିଛନ୍ତି । ଉତ୍ସବ ପରେ ପରେ ଦେଶାତ୍ମବୋଧକ କବିତା ପାଠୋତ୍ସବ ଏବଂ କୁନିକୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଜିଲାର ଶତାଧିକ ସଂଘସେବକ ଓ ବୁଦ୍ଧିଜିବି ମାନେ ଯୋଗ ଦେଇଥିଲେ । ଶେଷରେ ଏକ ସଂଘ ପକ୍ଷରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ହୋଇଥିଲା ।

# ଜନ କଲ୍ୟାଣ ପ୍ରତିଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

ପାରଳାଖେମୁଣ୍ଡି,(ପିପିଏସ୍): ପରିଛା ଉଚ୍ଚପ୍ରଥମିକ ବିଦ୍ୟାଳୟରେ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ (ଗଜପତି)ବିଚିତ୍ରାନନ୍ଦ ବେବର୍ତ୍ତାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମର ମୁଖ୍ୟ ତଥା ଗଜପତିର ପୁରାତନ ଅନୁଷ୍ଠାନ ଜନ କଲ୍ୟାଣ ପ୍ରତିଷ୍ଠାନର ପ୍ରାଣ କର୍ତ୍ତା, ନିର୍ଦ୍ଦେଶକ, ସମ୍ପାଦକ ଦୁର୍ଗାମାଧବ ପଣ୍ଡା ବକ୍ତବ୍ୟ ପ୍ରସଙ୍ଗରେ କହିଲେ ଏହି ବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ଜିଲ୍ଲାର ଏକମାତ୍ର ବିଦ୍ୟାଳୟ ଭାବେ ରାଜ୍ୟ ସ୍ତରୀୟ ସମ୍ମାନ ପାଇଛି ଏହାଠାରୁ ଗୌରବ ଆଉକିଛି ନାହିଁ । ଏହି ଅବସରରେ ପୌରକ୍ଷଧକ୍ଷ ନିର୍ମଳା ସେଠୀ ଶିକ୍ଷକ/ ଶିକ୍ଷିକା ଙ୍କ ନିସର୍ଥ ଶିକ୍ଷା ଦେବା ଆମ ଜିଲ୍ଲାପାଇ ଆଣିଦେଇଛି ଏକ ବିରଳ ଗୌରବ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେଅଛନ୍ତି ଅଧକ୍ଷ ଯସରତ୍ନ ଡାକ୍ତର ମୁର୍ମୁ, ଏମ୍ ଉମାପତି,ମୂରଲୀଧର ପରିଛା,ସୁଲୋଚନା ରଉତ, ପ୍ରଧାନ ଶିକ୍ଷୟତ୍ରୀ ମୋନିଜି ନୀ ପାତ୍ର,ବର୍ଷା ରାଉତ, ରଜେଶ୍ୱରୀ ସାଇଁ, ଅଭୀପସା ଶବର ଯୋଗ ଦାନ କରି ନିଜସ୍ୱ ମତ ଦେଇଥିଲେ । ଶେଷରେ ସମସ୍ତ ଶିକ୍ଷକ ମାନଙ୍କୁ ଉତ୍ତରୀୟ ପ୍ରମାଣପତ୍ର ଏବଂ ଫୁଲ ତୋଡାଦେଇ ଜନକଲ୍ୟାଣ ପ୍ରତିଷ୍ଠାନ ଉତ୍ସବମୁଖର ସହ ସେମାନଙ୍କୁ ଆନ୍ତରିକ ସଂବର୍ଥନା ଦେଇଥିଲେ ।

# ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଭାରତ୍ତୋଳନ ଓ ମୁଷ୍ଟି ଯୁଦ୍ଧ ପ୍ରତିଯୋଗିତା ଗଜପତି ଜିଲ୍ଲାକୁ ରୌପ୍ୟ ଓ ସ୍ୱର୍ଣ୍ଣ ପଦକ

ପାରଳାଖେମୁଣ୍ଡି,(ପିପିଏସ୍): ଓଡ଼ିଶା ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ଭାରତ୍ତୋଳନ ଓ ମୁଷ୍ଟିଯୁଦ୍ଧ ଗଞ୍ଜାମ ଜିଲ୍ଲାର କୁଇଜ ଅଫ ଦି ମିଶନ ସ୍କୁଲ ବ୍ରହ୍ମପୁରଠାରେ ଆୟୋଜିତ ରାଜ୍ୟସ୍ତରୀୟ ମୁଷ୍ଟି ଯୁଦ୍ଧ ଚଉଦ ବର୍ଷରୁ କମ୍ ପ୍ରତିଯୋଗିତାରେ ଗଜପତି ଜିଲ୍ଲାର ୪୨. ୪୪ କିଲୋ ଗ୍ରାମ ଜଗନ ବେହେରା ପ୍ରଥମ ସ୍ଥାନ ଅଧିକାର କରି ସର୍ଣ୍ଣ ପଦକ କରିଛନ୍ତି । ଭାର ଉତ୍ତୋଳନ ପ୍ରତିଯୋଗିତାରେ ୧୭ ବର୍ଷ ରୁ କମ ବାଳକ ବିଭାଗରେ ୬୧.୬୭ କେଜି ପ୍ରଦୀପ ରୋହିତ ସରକାରୀ ଉଚ୍ଚ ବିଦ୍ୟାଳୟ ଡମ୍ବାଳରୁ ଭାଗ ନେଇ ରୌପ୍ୟ ପଦକ ହାସଲ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାୟକ ଏବଂ ଭାରପ୍ରାପ୍ତ ଶାରୀରିକ କ୍ରୀଡ଼ା ନିରୀକ୍ଷକ ସୁରେନ୍ଦ୍ର କୁମାର ପାତ୍ର ଗଜପତି ଜିଲ୍ଲାର ସମସ୍ତ କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ଏହାପରି ଆଗାମୀ ଦିନରେ ପ୍ରୟାସ ଚାଲୁ ରଖିବାକୁ ଆଶା ବାନ୍ଧିଛନ୍ତି ।ଏଥିରେ ଅମ୍ବିକା ପ୍ରସାଦ ସେଠୀ, ଦର୍ଶିତା ପଟ୍ଟନାୟକ, କେ ଭି ରେଡ୍ଡୀ,ଧୀରେନ୍ଦ୍ର ସାମଲ,ଜଗନ୍ନାଥ ଦାଶ ଭାଗ ନେଇ ଜିଲ୍ଲାକୁ ଗୌରବାନିତ୍ୱ କରିଛନ୍ତି ।

# ବଲାଙ୍ଗିର ଜିଲ୍ଲା ଟ୍ୟାକ୍ସ ବାର୍ ଆସୋସିଏସନ୍ ନିର୍ବାଚନ



ବଲାଙ୍ଗିର, (ପିପିଏସ) : ଜିଲ୍ଲା ଟେକ୍ସ ବାର ଏସୋସିଏସନ୍, ବଲାଙ୍ଗିର ନିର୍ବାଚନ ସ୍ଥାନୀୟ ବାର ହଲରେ ହୋଇଯାଇଛି । ଏହି ନିର୍ବାଚନରେ ସଭାପତି ଭାବରେ ଚିତ୍ତରଞ୍ଜନ ଦାଶ, ଉପସଭାପତି ଭାବରେ ମହେନ୍ଦ୍ର କୁମାର ଅଗ୍ରୱାଲ, ସଂପାଦକ ଭାବରେ ନାରାୟଣ ଦାଶ, ସହ ସଂପାଦକ ଭାବରେ ଶଶାଙ୍କର ପଟ୍ଟନାୟକ ଏବଂ କୋଷାଧକ୍ଷ ଭାବେ ପ୍ରକାଶ ଚନ୍ଦ୍ର ମହାପାତ୍ର ନିର୍ବାଚିତ ହୋଇଛନ୍ତି । କାର୍ଯ୍ୟକାରୀ କମିଟି ସଦସ୍ୟ ଭାବରେ ସର୍ବଶ୍ରୀ ଅଶୋକ କୁମାର ଦାସ, ମାନସ ରଞ୍ଜନ ବହିଦାର, ଗୋବର୍ଦ୍ଧନ ପଟ୍ଟନାୟକ, ଶାନ୍ତନୁ ଭୋଇ, ପ୍ରଭଞ୍ଜନ ହୋତା ତଥା ନିଖିଲ ବହିଦାର ନିର୍ବାଚିତ ହୋଇଛନ୍ତି । ଏହି ନିର୍ବାଚନକୁ ଓକିଲ ଗଣେଶ ପ୍ରସାଦ ଦିକ୍ଷିତ ପରିଚାଳିତ କରିଥିଲେ । ଏହି ନିର୍ବାଚନରେ ଜିଲ୍ଲା ଟେକ୍ସ ବାର ଏସୋସିଏସନ୍‌ର ସମସ୍ତ ସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଟିଟିଲାଗଡ଼ ବାର୍ ସଂଘ ନିର୍ବାଚନ

# କୃଷ୍ଣଚନ୍ଦ୍ର ସଭାପତି, ମହେଶ ସମ୍ପାଦକ

ଟିଟିଲାଗଡ଼,(ପିପିଏସ୍): ଟିଟିଲାଗଡ ବାର ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ସମ୍ପନ୍ନ ହୋଇଛି । ଏନେଇ ମୁଖ୍ୟ ନିର୍ବାଚନ ଅଧିକାରୀ କିଶୋର ଚନ୍ଦ୍ର ପଣ୍ଡା (ବରିଷ୍ଠ)ଙ୍କ ଦ୍ୱାରା ବିଧିବଦ୍ଧ ଭାବରେ ଜାରି ସୂଚନା ମତେ କୃଷ୍ଣଚନ୍ଦ୍ର ସାହୁ ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି । ଶ୍ରୀ ସାହୁ ଏଥରକୁ ମିଶାଇ ଚତୁର୍ଥ ଥର ପାଇଁ ସଭାପତି ଆସନ ଅଲଙ୍କୃତ ହୋଇଛନ୍ତି । ସେହିପରି ମହେଶ ମହାନ୍ତି ଚତୁର୍ଥ ଥର ସମ୍ପାଦକ ପଦରେ ନିର୍ବାଚିତ ହୋଇଛନ୍ତି । ସଂଘର ଯୁଗ୍ମ ସମ୍ପାଦକ ଭାବରେ ମକରଧ୍ୱଜ ବାଗ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦିକୁ ପରାଜିତ ସହ ନିର୍ବାଚିତ ହୋଇଛନ୍ତି । ସଂଘର ଉପସଭାପତି ଭାବରେ ବିଦ୍ୟାଧର ଭରାସାଗର, କୋଷାଧକ୍ଷ ବେଦପ୍ରକାଶ ବେହେରା, କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ ନାୟକ, ଦୀପକ ରଞ୍ଜନ ବାଗ, ଜୟନ୍ତ ପଣ୍ଡା, କାଳିପ୍ରସାଦ ମୁଖାର୍ଜି, କମ୍ବୁପାଣି ପାଢୀ, ମନୋଜ ହାତୀ, ପ୍ରଦୀପ ମହାପାତ୍ର, ପ୍ରୀତମ ନାଗ, ପୃଥିରାଜ ସିଂ, ଶ୍ୟାମାପ୍ରସାଦ ଗରିଆ ନିଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ଆଜି ଅନୁଷ୍ଠିତ ନିର୍ବାଚନରେ ସଂଘର ମୋଟ ୧୬୫ ଜଣ ଆଇନଜୀବୀ ନିଜ ମତାଧିକାର ସାବ୍ୟସ୍ତ କରିଥିଲେ । ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ପଣ୍ଡାଙ୍କ ସହ ସହକାରୀ ଭାବରେ ଆଇନଜୀବୀ ସୁଧାଂଶୁ ଶେଖର ମହାନ୍ତି, ପ୍ରଫୁଲ୍ଲ ବିଶି, ତନୟ ଠାକୁର ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ ।

# ପ୍ରଧାନମନ୍ତ୍ରୀ ନେତ୍ର-ଜ୍ୟୋତି କାର୍ଯ୍ୟକ୍ରମ ମାଗଣା ଚକ୍ଷୁ ପରୀକ୍ଷା ଓ ସଚେତନତା ଶିବିର

ପାରାଳାଖେମୁଣ୍ଡି(ପିପିଏସ୍): ବ୍ରହ୍ମପୁର ସ୍ଥିତ "ନାଭ" ସ୍ୱୀକୃତି ପ୍ରାପ୍ତ "ରୁବୀ ଚକ୍ଷୁ ଚିକିତ୍ସାଳୟ" ଓ ଲାସି ସେଣ୍ଟର ଆନୁକୂଲ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରଧାନମନ୍ତ୍ରୀ ନେତ୍ର-ଜ୍ୟୋତି କାର୍ଯ୍ୟକ୍ରମ ଅନ୍ତର୍ଗତରେ ଏକ ମାଗଣା ଚକ୍ଷୁ ପରାମର୍ଶ ଓ ସଚେତନତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର କାର୍ଯ୍ୟକ୍ରମକୁ ସିଡିଏମଓ ଡା.ପ୍ରଦୀପ କୁମାର ପାତ୍ର ଉଦ୍‌ଘାଟନ ଓ ଶୁଭାରମ୍ଭ କରିଥିଲେ । ପରେ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ତଥା ପିଏଚଇଓ: ମମତା ପାଢୀଙ

## ରାଜଧାନୀରେ ଏନ୍‌କାଉଣ୍ଟର, ଜଣେ ଗୁରୁତର

**ଭୁବନେଶ୍ୱର (ପିପିଏସ୍):** ଦୀର୍ଘ ଦିନର ନୀରବତା ପରେ ପୁଣି ରାଜଧାନୀରେ ଏନକାଉଣ୍ଟର । କୁଖ୍ୟାତ ଅପରାଧୀ ଜିତେନ୍ଦ୍ର ପଲେଇକୁ ଏନକାଉଣ୍ଟର କଲା କମିଶନରେଟ ପୁଲିସ । ବାଂକୁଆଳ ନଦୀଘାଟ ନିକଟରେ କମିଶନରେଟ ପୁଲିସର ସ୍ପେଶାଲ ଟିମ୍ କରିଛି ଏହି ଏନକାଉଣ୍ଟର । ସୂଚନାନୁସାରେ କୁଖ୍ୟାତ ଅପରାଧୀ ଜିତେନ୍ଦ୍ର ପଲେଇ ବାଙ୍କୁଆଳ ଅଞ୍ଚଳରେ ଥିବା ନେଇ ପୁଲିସକୁ ସୂଚନା ମିଳିବା ପରେ କମିଶନରେଟ ପୁଲିସର ସ୍ପେଶାଲ ଟିମ୍ ପକ୍ଷରୁ ଉକ୍ତ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା । ପୁଲିସକୁ ଦେଖି ଏହି ଅଭିଯୁକ୍ତ ଜଣକ ପୁଲିସ ଉପରକୁ ଗୁଳି ଚାଳନା କରିଥିଲା । ଫଳରେ ପୁଲିସ ପ୍ରତିଆକ୍ରମଣରେ ଗୁଳି ଚାଳନା କରିଥିଲା । ପୁଲିସର ଏନ୍‌କାଉଣ୍ଟରରେ ଜିତେନ୍ଦ୍ର ପଲେଇର ବାମ ଗୋଡରେ ଗୁଳି ବାଜିବାରୁ ସେ ଆହତ ହୋଇଥିବା ଜଣାପଡିଛି । ତାକୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏହି ଅପରାଧୀ ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ଅନେକ ଅପରାଧିକ ମାମଲା ରହିଛି । ହତ୍ୟା, ହତ୍ୟା ଉଦ୍ୟମ, ଡକାୟତି, ସୁପାରୀ କିଲିଙ୍ଗ ଭଳି ସାଂଘାତିକ ମାମଲା ଉକ୍ତ ଅଭିଯୁକ୍ତ ନାଁରେ ରହିଛି । ଗତ ୧୭ ତାରଖରେ ୪ ନମ୍ବର ସ୍ଥିତ ସୁନା ଦୋକାନୀ ଶ୍ରୀ ଜୁଏଲର୍ସରେ ବୋମା ମାଡ଼ କରିଥିଲା ଏହି ଦୁର୍ବୃତ୍ତ । ସୁପାରୀ କିଲିଙ୍ଗ ପାଇଁ ଏହି ସୁନା ଦୋକାନରେ ହୋଇଥିଲା ଆକ୍ରମଣ ।

## କାର୍‌ରୁ ଲାପଟପ୍ ଚୋରି, ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍) :** କାର୍ କାଚ ଭାଙ୍ଗି ଏକ ଲାପଟପ୍ ଓ ୪୦ହଜାର ଟଙ୍କା ଚୋରି ଅଭିଯୋଗରେ ଖାରବେଳନଗର ଥାନା ପୁଲିସ୍ ଜଗନ୍ନାଥ ପ୍ରସାଦ ଦାସ (୪୨)କୁ ଗିରଫ କରିଛି । ଜଗନ୍ନାଥର ଘର ଯାଜପୁର ଜିଲ୍ଲା ବିଞ୍ଜାରପୁର ଅଞ୍ଚଳରେ । ସେ ଏଠାରେ ମସଜିଦ୍ କଲୋନି ଅଞ୍ଚଳରେ ରୁହେ । ଗତ ୨୩ ତାରିଖ ରାତିରେ ମାର୍ଶାଲ ମାର୍ଦି ତାଙ୍କ କାରକୁ ଜୟକୃଷ୍ଣ ମାର୍କେଟ୍ ପାଖରେ ଥୋଇଥିଲେ । ପରଦିନ ସକାଳେ ସେ କାର ପାଖକୁ ଗଲା ବେଳକୁ ଦେଖିବାକୁ ପାଇଥିଲେ ଯେ ପଛ କାଚ ଭଙ୍ଗାଯାଇଛି ଓ ସେଥିରେ ଥିବା ଲାପଟପ୍ ଓ ୪୦ହଜାର ଟଙ୍କା ନାହିଁ । ଏ ସମ୍ପର୍କରେ ସେ ଖାରବେଳନଗର ଥାନାରେ ଅଭିଯୋଗ କରିଥିଲେ ।

## ୨୫ କେଜି ଗଞ୍ଜେଇ ଜବତ, ୨ ଗିରଫ

**ଭୁବନେଶ୍ୱର (ପିପିଏସ୍) :** ଭୁବନେଶ୍ୱର ଅବକାରୀ ଟିମ୍ ମଞ୍ଚେଶ୍ୱର ଓ ପାହାଳ ଥାନା ଅଞ୍ଚଳରେ ଚଢ଼ଉ କରି ଗଞ୍ଜେଇ ବେପାର କରୁଥିବା ଅଭିଯୋଗରେ ଜଣେ ମହିଳାଙ୍କ ସମେତ ୨ଜଣଙ୍କୁ ଗିରଫ କରିଛି । ମଞ୍ଚେଶ୍ୱର ଥାନା ରୟାଲ୍ ? କଲେଜ ଛକରୁ ଗିରଫ ହୋଇଥିବା ଶାନ୍ତିଲତା ସାହୁ(୩୭)ଙ୍କଠାରୁ ୧୫କେଜି ଗଞ୍ଜେଇ ଜବତ କରାଯାଇଛି । ସେହିଭଳି ପାହାଳ ଥାନା ହଂସପାଳ ଛକରୁ ସୁରଞ୍ଜନ ମଲ୍ଲିକ(୨୪)ଙ୍କଠାରୁ ୧୦ କେଜି ଗଞ୍ଜେଇ ମିଳିଛି । ଜବତ ଗଞ୍ଜେଇର ବଜାର ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି ।

## 'ଆତ୍ମାଦାସର ଶେଷ ମାଗୁଣି' ଲୋକାର୍ପିତ

**ଭୁବନେଶ୍ୱର (ପିପିଏସ୍):** ସମକାଳୀନ ଓଡ଼ିଆ ଗଳ୍ପର ଆଦୃତି ବୃଦ୍ଧି ପାଉଥିବାବେଳେ ନୂତନ ଗାଳ୍ପିକାମାନଙ୍କ ପ୍ରବେଶ ସାଗତଯୋଗ୍ୟ । ଗଳ୍ପ ଲେଖିବା ପାଇଁ ଯଥାର୍ଥ ଅନୁଭୂତି, ପ୍ରଯତ୍ନ ଓ ସାହସ ଆବଶ୍ୟକ ବୋଲି ବିଶିଷ୍ଟ କଥାଶିଳ୍ପୀ ଡ. ଅଜୟ ସାଇଁ ମତବ୍ୟକ୍ତ କରିଛନ୍ତି । ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ସାହିତ୍ୟ ମାସିକୀ କାର୍ଯ୍ୟକ୍ରମରେ ଯୋଗଦେଇ ଡ. ସାଇଁ କହିଛନ୍ତି ଯେ, ବର୍ତ୍ତମାନର ପାଠକପିଢ଼ିଙ୍କୁ ସମକାଳୀନ ଓଡ଼ିଆ ଗପ ସମ୍ପର୍କରେ ସଚେତନ ହେବାର ଆବଶ୍ୟକତା ରହିଛି । ଅଧିବେଶନରେ ବିଭୂତି ପାଣିଗ୍ରାହୀଙ୍କ ଗଳ୍ପପୁସ୍ତକ 'ଆତ୍ମାଦାସର ଶେଷ ମାଗୁଣି' ଲୋକାର୍ପିତ ହୋଇଥିଲା । ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତରୁଣ କଥାକାର ଅଧ୍ୟାପକ ନେତାଜୀ ଅଭିନନ୍ଦନ ଯୋଗଦେଇ ଗଳ୍ପପୁସ୍ତକଟିର ସୁବିସ୍ତୃତ ସମୀକ୍ଷା କରିବା ସହିତ ସାମ୍ପ୍ରତିକ ଓଡ଼ିଆ ଗଳ୍ପର ସାତନ୍ତ୍ର୍ୟଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ବଦଳିଯାଉଥିବା ସମୟ ବିରୋଧରେ କଥାକାର ଶ୍ରୀ ପାଣିଗ୍ରାହୀଙ୍କ ଗପଗୁଡ଼ିକ ସର୍ଜନାତ୍ମକ ବିଦ୍ରୋହ ବୋଲି ସେ କହିଥିଲେ । 'ଏ ସମାର କଥାକାର' ଭାବରେ ଯୋଗଦେଇ ତରୁଣ ଗାଳ୍ପିକ ଧର୍ମରାଜ ମହାମଲ୍ଲିକ ସରଚିତ ଗଳ୍ପପାଠ କରିଥିବାବେଳେ ଡ. ଅଭୟ ନାରାୟଣ ନାୟକ, ଅଧ୍ୟାପିକା ସୌଦାମିନୀ ବେହେରା ଓ ସ୍ନେହଦାସ ଲେଙ୍କାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମନମୋହନ ମିଶ୍ର, ଉମେଶ ପ୍ରସାଦ ମହାନ୍ତି, ମନୋଜ କୁମାର ଜେନା, ନିରୁପମା କର, ବିରଞ୍ଚି ଶତପଥୀ, ସନ୍ତାପ ଜେନା, ନମିତା ପାଇକରାୟ, ଯଶୋବନ୍ତ ସେଠୀ ପ୍ରମୁଖ ଲେଖା ପାଠ କରିଥିଲେ । ଅନୁଷ୍ଠାନ ପକ୍ଷରୁ ମିନତୀ ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ କଥାକାର ଶ୍ରୀ ପାଣିଗ୍ରାହୀ ତାଙ୍କ ଲେଖକୀୟ ଅନୁଭୂତି ଉପସ୍ଥାପନ କରିଥିଲେ । ଶାକ୍ୟସିଂହ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଗ୍‌ଦେବୀ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ଭୁବନେଶ୍ୱର (ପିପିଏସ୍):** ଏହି ଅଞ୍ଚଳର ସର୍ବପୁରାତନ ବେସରକାରୀ ଶିକ୍ଷା ଅନୁଷ୍ଠାନ ବାଗ୍‌ଦେବୀ ବିଦ୍ୟାମନ୍ଦିରର ୩୦ ତମ ବାର୍ଷିକ ଉତ୍ସବ ଗତକାଲି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଦୁର୍ଗାମାଧବ କଲ୍ୟାଣ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ । ମା, ମାତୃଭୂମି, ମାତୃଭାଷାକୁ ସମ୍ମାନ ଦେବା ଓ ଭଲ ମଣିଷ ଗଢୁଥିବା ଏହି ଅନୁଷ୍ଠାନର ଉଦ୍ୟମକୁ ସେ ପ୍ରଶଂସା କରିଥିଲେ । ଯେଉଁ ଅଭିଭାବକ ଏଠାରେ ପିଲାମାନଙ୍କୁ ପଢ଼ିବାକୁ ପଠାଇଛନ୍ତି, ସେମାନେ ନିଶ୍ଚୟ ସଚେତନ ନାଗରିକ ଓ ବିଦ୍ୟାଳୟ ଉପରେ ବହୁତ ଭରସା ରଖିଛନ୍ତି ବୋଲି ସେ କହିଥିଲେ । ପରିଚାଳନା କମିଟିର ସଭାପତି ଦିଲ୍ଲୀପ କୁମାର ଓଝାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଚଳଚ୍ଚିତ୍ର ସଂଳାପକାର କବି ପ୍ରଫେସର ଡ. ରଜନୀ ରଞ୍ଜନ ଦାଶ ଯୋଗଦେଇ କହିଥିଲେ ଯେ ବଦଳି ଯାଉଥିବା ଶିକ୍ଷା ପ୍ରଦାନର ଧାରା ସହିତ ଆମକୁ ସାମିଲ ହୋଇ ଚାଲିବାକୁ ହେବ । କେବଳ ଗୁରୁ ନୁହେଁ, ପିତା ମାତା ମଧ୍ୟ ପିଲାର ଭବିଷ୍ୟତ ଗଢ଼ିବାରେ ସହଯୋଗ କରିବା ଦରକାର । ପ୍ରାରମ୍ଭରେ ସମ୍ପାଦକ ଅଭିମନ୍ୟୁ ନାୟକ ସ୍ୱାଗତ ଭାଷଣ ଓ ଅଧ୍ୟକ୍ଷା ପବିତ୍ରା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ବୃତ୍ତି ପରୀକ୍ଷା ସହିତ ପ୍ରବନ୍ଧ, ସାଧାରଣ ଜ୍ଞାନ, ସଙ୍ଗୀତ, ନୃତ୍ୟ, କ୍ରୀଡ଼ା ଇତ୍ୟାଦି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର, ମେଡାଲ ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ନିମନ୍ତ୍ରିତ ଭଦ୍ର ବ୍ୟକ୍ତି, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ଉର୍ମିଳା ସେନାପତି, ଲିପିକା ପ୍ରଧାନ, ଛବିତା ମହାପାତ୍ର, ବନଶ୍ରୀ ରାଉତ, ରଶ୍ମିତା ପାଲ, ସବିତା ଲେଙ୍କା ଓ ନିର୍ଦ୍ଦେଶକ ଗଙ୍ଗାଧର ଓଝା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଧର୍ମାନ୍ତରିତଙ୍କୁ ସଂରକ୍ଷଣରୁ ବାଦ୍ ଦେବାକୁ ଦାବି

# ଅଭିନବ ପ୍ରତିବାଦ ସହ ଆନ୍ଦୋଳନକୁ ଓହ୍ଲାଇଲା ଜନଜାତି ସୁରକ୍ଷା ମଞ୍ଚ

**ଭୁବନେଶ୍ୱର (ପିପିଏସ୍):** ସଧର୍ମରୁ ବାହାରି ଅନ୍ୟ ଧର୍ମ ଗ୍ରହଣ କରିସାରିଥିବା ଜନଜାତି ସଂପ୍ରଦାୟ ବ୍ୟକ୍ତିଙ୍କୁ ସଂରକ୍ଷଣରୁ ବାଦ ଦେବାକୁ ଦାବି କରିଛି ଜନଜାତି ସୁରକ୍ଷା ମଞ୍ଚ । ପ୍ରକୃତ ଜନଜାତିଙ୍କୁ ଚିହ୍ନଟ କରି ସେମାନଙ୍କୁ ସାମାଜିକ ସୁରକ୍ଷା ଦେବାକୁ ଏଭଳି ଆନ୍ଦୋଳନ କରାଯାଉଥିବା ମଞ୍ଚ ପକ୍ଷରୁ କୁହାଯାଇଛି । ଏହା ନହେଲେ ସମୟ ଆସିବ ଜନଜାତି ସମ୍ପ୍ରଦାୟ ଲୋପ ପାଇଯିବ । କିନ୍ତୁ 'ଓଡ଼ିଶା ଜନଜାତି ସୁରକ୍ଷା ମଞ୍ଚ' ଏହାକୁ ବରଦାସ୍ତ କରିବ ନାହିଁ । ଏଥିପାଇଁ ଲଢ଼େଇ ଚାଲିଛି ଏବଂ ଦାବି ପୂରଣ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ । ଆଜି ଜନତା ମଇଦାନରେ ଏମିତି ଦାବି କରି 'ଓଡ଼ିଶା ଜନଜାତି ସୁରକ୍ଷା ମଞ୍ଚ'ର ବକ୍ତାମାନେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ । ଓଡ଼ିଶାର ୨୬ ଜିଲ୍ଲାରୁ ୬୨ ପ୍ରକାରର ଜନଜାତି ସମ୍ପ୍ରଦାୟର ହଜାର ହଜାର ପୁରୁଷ ଓ ମହିଳା ଆଜି ରାଜଧାନୀରେ ଶକ୍ତି ପ୍ରଦର୍ଶନ କରିଥିଲେ । ତିନିଟି ବିଶାଳ ଶୋଭାଯାତ୍ରା ବାହାରି ଜନତା ମଇଦାନରେ ପହଞ୍ଚିଥିଲା ।

ଗୋଟିଏ ଶୋଭାଯାତ୍ରା ରାମ ମନ୍ଦିର ଛକରୁ କଳିଙ୍ଗ ଷ୍ଟାଡିୟମ୍ ଦେଇ ଯାଇଥିବା ବେଳେ ଅନ୍ୟ ଦୁଇଟି ଯଥାକ୍ରମେ ସହିଦନଗର ଦୁର୍ଗାପୂଜା ମଣ୍ଡପରୁ ବାଣୀବିହାର ଦେଇ ଓ ନୂଆପଲ୍ଲୀ ଦୁର୍ଗା ମଣ୍ଡପରୁ ଜନତା ମଇଦାନରେ ପହଞ୍ଚିଥିଲା । ମହିଳା ଓ ପୁରୁଷମାନେ ପାରମ୍ପରିକ ବେଶଭୂଷାରେ ଧନୁ, ତୀର, ଫାର୍ସା ଆଦି ଅସ୍ତ୍ରଶସ୍ତ୍ର ଧାରଣ କରିଥିଲେ । ସେହିଭଳି ସେମାନେ ଢୋଲ, ମାଦଳ, ଚଡ଼ଚଡ଼ି, ତାମ୍‌ସା, ମହୁରୀ ଭଳି ପାରମ୍ପରିକ ବାଦ୍ୟ ଓ କୋରାପୁଟ ଦେଶିଆ, ହୋ, ସାନ୍ତାଳୀ ନୃତ୍ୟ ଓ ବଣ୍ଡା ନୃତ୍ୟ କରି ରାଜଧାନୀର ରାଜରାସ୍ତାକୁ ଦୁଲୁକାଇଥିଲେ । ବେଶ୍ ଶାନ୍ତିଶୃଙ୍ଖଳାରେ ଶୋଭାଯାତ୍ରା ସମାହିତ ହୋଇଥିଲା । ଜନତା ମଇଦାନରେ ଆୟୋଜିତ ସଭାରେ କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ କହିଲେ ଯେ ଯଦି କେହି ଖୁସିରେ ଧର୍ମ ପରିବର୍ତ୍ତନ କଲା, ତାହା ଅଲଗା କଥା । କିନ୍ତୁ ପ୍ରଲୋଭିତ କରି, ଡରେଇ ଧମକାଇ ଧର୍ମାନ୍ତରୀକରଣ କରିବା ନିନ୍ଦନୀୟ ଓ ଦୁଃଖଦାୟକ । ଏହା ଦେଶଦ୍ରୋହୀ କାମ । ଏହା ଦ୍ୱାରା ଧୀରେଧୀରେ ଜନଜାତି ସମ୍ପ୍ରଦାୟ ଲୋପ ପାଇଯିବ । ତେଣୁ ଏହାକୁ ବନ୍ଦ କରିବାକୁ ପଡ଼ିବ । ଯଦି କେହି ଧର୍ମ ପରିବର୍ତ୍ତନ କରୁଛି, ତାଙ୍କୁ ସରକାରୀ ସଂରକ୍ଷଣରୁ ବାଦ୍ ଦିଆଯିବା ମଧ୍ୟ ଆବଶ୍ୟକ ବୋଲି ସେ ଦାବି କରିଥିଲେ । ଏଥିପାଇଁ ସରକାର ବହୁତ ଦିନ ଆଗରୁ ଚିନ୍ତା କରିବାର ଥିଲା ବୋଲି ସେ କହିଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଅଖିଳ ଭାରତୀୟ ଜନଜାତି ସୁରକ୍ଷା ମଞ୍ଚର ରାଷ୍ଟ୍ରୀୟ ସଂଯୋଜକ ଗଣେଶରାମ ଭଗତ୍ କହିଲେ ଯେ ଧର୍ମାନ୍ତରିତ ଲୋକମାନେ ଆଦିବାସୀ ପରମ୍ପରାକୁ ମାନୁନାହାନ୍ତି । ତେଣୁ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ସୁବିଧାରୁ ଧର୍ମାନ୍ତରିତଙ୍କୁ ସରକାର ବାଦ୍ ଦେବାର ଆବଶ୍ୟକତା ରହିଛି । ମୁଖ୍ୟବକ୍ତା ରାଷ୍ଟ୍ରୀୟ ସହସଂଯୋଜକ ରାଜକିଶୋର ହାଁସ୍‌ଦା କହିଲେ ଯେ ୨୦୦୬ ମସିହାରୁ ଜନଜାତି ସୁରକ୍ଷା ମଞ୍ଚ ସାରା ଦେଶରେ ପ୍ରକୃତ ଜନଜାତିଙ୍କ ଚିହ୍ନଟ, ସୁରକ୍ଷା ଓ ସାର୍ଥରକ୍ଷା ପାଇଁ ଲଢ଼େଇ କରୁଛି । ସମ୍ବିଧାନର ଧାରା ୩୪୨କୁ ସଂଶୋଧନ କରି ଧର୍ମାନ୍ତରିତ ଜନଜାତିଙ୍କୁ ସରକାରୀ ସଂରକ୍ଷଣ ସୁବିଧାରୁ ବାଦ୍ ନକରିବା ଯାଏ ଜନଜାତି ସମାଜ ଶାନ୍ତ ନରହି ସଂଘର୍ଷ ଜାରି ରଖିବ ବୋଲି ସେ ଚେତାବନୀ ଦେଇଥିଲେ । ଓଡ଼ିଶା ଜନଜାତି ସୁରକ୍ଷା ମଞ୍ଚର ଉପଦେଷ୍ଟା ପବିତ୍ର କହଁର କହିଲେ ଯେ ଯେଉଁ ଆଦିବାସୀ ନିଜର ଭାଷା ସଂସ୍କୃତି, ପରମ୍ପରା ରୀତିନୀତି ଏବଂ ପୂଜାପାଠକୁ ଛାଡ଼ି ଦେଇଛି, ସେ ଦୁଇ ପ୍ରକାର ସୁବିଧା ପାଇପାରିବ ନାହିଁ । ଷଡ଼ଯନ୍ତ୍ର କରି ଓଡ଼ିଶାର ଆଦିବାସୀମାନଙ୍କୁ ଭାଗଭାଗ କରାଯାଉଛି । ସରଳ ଆଦିବାସୀମାନଙ୍କୁ ମିଛ କହି, ଭୟ ଦେଖାଇ ଧର୍ମ ପରିବର୍ତ୍ତନ କରାଯାଉଛି । ଆଗାମୀ ଦିନରେ ଏହାକୁ ଜୋ ?ଦାର ବିରୋଧ କରାଯିବ । ଜନଜାତି ସୁରକ୍ଷା ମଞ୍ଚର ପ୍ରାନ୍ତ ସଂଯୋଜକ ଶକ୍ତି ଦୟାଲ କିସ୍କୁ ଧନ୍ୟବାଦ ଦେଇଥିଲେ । କୋରା ରଇତ ଓ କବିତା କହଁର ମଞ୍ଚ ପରିଚାଳନା କରିଥିଲେ ।

### ରୁକୁଣା ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ .....

# ଟ୍ରାଫିକ୍, ସୁରକ୍ଷା ଓ ଶୃଙ୍ଖଳିତ ରଥଟଣାକୁ ଗୁରୁତ୍ୱ

**ଭୁବନେଶ୍ୱର (ପିପିଏସ୍) :** ଆସନ୍ତା ୨୯ ତାରିଖରେ ଶ୍ରୀଲିଙ୍ଗରାଜଙ୍କ ପ୍ରସିଦ୍ଧ ରୁକୁଣା ରଥଯାତ୍ରା । ରଥଯାତ୍ରାରେ ସୁରକ୍ଷା ବ୍ୟବସ୍ଥାକୁ ନେଇ କମିସନରେଟ୍ ପୁଲିସ ପ୍ରସ୍ତୁତି ଆରମ୍ଭ କରିଛି । ଏବର୍ଷ ରଥଯାତ୍ରାରେ ପ୍ରବଳ ଜନସମାଗମ ହେବାର ସମ୍ଭାବନା ଥିବାରୁ ଏହାକୁ ଦୃଷ୍ଟିରେ ରଖି ଆଜି ପୁଲିସ କମିସନର୍ ସୌମେନ୍ଦ୍ର ପ୍ରିୟଦର୍ଶୀ ଆଇନ ଶୃଙ୍ଖଳା ବ୍ୟବସ୍ଥାର ସମୀକ୍ଷା କରିଥିଲେ । ତେବେ ଯାତ୍ରା ପରିଚାଳନା ପାଇଁ ସମନ୍ୱୟ ବେ ?ଠକରେ କେ ?ଣସି ସେବାୟତ ଯୋଗ ଦେଇ ନଥିବା ବେଳେ ଆଜିର ବୈଠକରେ ସବୁ ସେବାୟତ ନିଯୋଗର ପ୍ରତିନିଧିମାନେ ସାମିଲ ହୋଇଥିଲେ । କେଦାରଗୌରୀ ନିକଟ ମା' କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଏହି ବୈଠକରେ ନେତ୍ର ଉତ୍ସବ, ରଥ ପ୍ରତିଷ୍ଠା, ରଥଯାତ୍ରା, ବାହୁଡ଼ା ଯାତ୍ରା ଓ ସର୍ଣ୍ଣାଦ୍ରିବିଜେ ସମ୍ପର୍କରେ ପୁଲିସ କମିସନର ସମୀକ୍ଷା କରିଥିଲେ । ସେ ବିଭିନ୍ନ ବିଭାଗ ସହ ମଧ୍ୟ ଆଲୋଚନା କରିଥିଲେ । ଆଲୋଚନା ବେଳେ ଟ୍ରାଫିକ୍ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଗତବର୍ଷ ସୁରକ୍ଷା ପାଇଁ ୬ ଏସିପିଙ୍କ ସମେତ ୧୪ ଇନ୍ସପେକ୍ଟର ଓ ୧୮ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିବା ବେଳେ ଚଳିତ ବର୍ଷ ଏହାଠାରୁ ଅଧିକ ପୁଲିସ ମୁତୟନ କରାଯିବ ବୋଲି ଜଣାପଡ଼ିଛି । ତା' ଛଡ଼ା ରଥ ପ୍ରତିଷ୍ଠା ଦିନଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥା ବଳବତ୍ତର ରହିବ ବୋଲି ନିଷ୍ପତ୍ତି ହୋଇଛି । କର୍ତ୍ତନ ଭିତରେ କେବଳ ରଥ ଟାଣିବା ଓ ରଥ ମରାମତି କରିବା ପାଇଁ ଆବଶ୍ୟକ ହେଉଥିବା ଅଧିକୃତ ବ୍ୟକ୍ତିଙ୍କ ସମେତ ଉପଯୁକ୍ତ ଅଧିକାରୀ ଉପସ୍ଥିତ ରହିବେ । ସେହିଭଳି ରଥ ପ୍ରତିଷ୍ଠା ଦିନ କେଦାରଗୌରୀ ମରୀଚି କୁଣ୍ଡଠାରେ, ମହାଖଳାରେ ରାମେଶ୍ୱର ମନ୍ଦିରଠାରେ ପୁଲିସ ଫୋର୍ସ ରହି ଆଇନଶୃଙ୍ଖଳା ଉପରେ ନଜର ରଖିବେ । ଯାତ୍ରା ଦିନ ରାମେଶ୍ୱର ଛକ, ଇଲେକ୍ଟ୍ରି ଅଫିସ ଛକ, କେଦାରଗୌରୀ ଛକ, ବଢ଼େଇବାଙ୍କ ଛକଠାରୁ ରାସ୍ତା ସିଲ୍ କରାଯିବ । ଗୋଟିଏ ଦିନରେ ହିଁ ରଥକୁ ମାଉସୀ ମା' ମନ୍ଦିର ନିକଟକୁ ଆଣିବା ପାଇଁ ଉଦ୍ୟମ କରାଯିବ । ୨୮ ତାରିଖ ପୂର୍ବରୁ ରାସ୍ତାରେ ଡ୍ରେନ୍ ଉପରେ ସ୍ଲାବ୍ ପକାଇବା ଓ ଷଣ୍ଢଙ୍କୁ ହଟାଇବା ପାଇଁ ବିଏମ୍‌ସିକୁ ଅବଗତ କରାଯିବ । ରାସ୍ତାରେ ବିପଜ୍ଜନକ ଭାବେ ଝୁଲୁଥିବା ବିଦ୍ୟୁତ୍ ତାରକୁ ହଟାଇବା ପାଇଁ ଟିପିସିଓଡିଏଲକୁ ନିର୍ଦ୍ଦେଶ ଦିଆଯିବ । ବିଶୃଙ୍ଖଳିତ ଭାବେ ଗାଡ଼ି ପାର୍କିଂ ଯୋଗୁଁ ରଥଟଣାରେ ସମସ୍ୟା ହେଉଥିବାରୁ ବେଆଇନ ଭାବରେ ପାର୍କିଂ ନ କରିବାକୁ ମାଇକ୍ ଯୋଗେ ଘୋଷଣା କରାଯିବ । ରଥ ଦାଣ୍ଡରେ ଯାତ୍ରା ସମୟରେ ଆମିଷ ଦ୍ରବ୍ୟ ବିକ୍ରି ନିଷେଧ କରାଯିବ । ବୈଠକରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, ବିଧାୟକ ସୁରେଶ କୁମାର ରାଉତରାୟ, ବିଏମ୍‌ସି ମେୟର ସୁଲୋଚନା ଦାସ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଭବାନୀ ପ୍ରସାଦ ମିଶ୍ର, କର୍ପୋରେଟର୍ ଶିବ ପ୍ରସାଦ ବେହେରା, ଚନ୍ଦ୍ର ଶେଖର ମଲିଆ, ଅତିରିକ୍ତ ଡିସିପି ତରୁଣ ଦାସ, ପ୍ରାଣକୃଷ୍ଣ ରାଉତ, ପ୍ରକାଶ ପାଲଙ୍କ ସମେତ ନିର୍ମାଣ ସୌଧ, ଜଳ ବିଭାଗ, ବିଦ୍ୟୁତ୍ ବିଭାଗ, ବିଏମ୍‌ସି, ଦମକଳ ବାହିନୀ ଏବଂ ସମସ୍ତ ନିଯୋଗର କର୍ମକର୍ତ୍ତାମାନେ ଯୋଗଦେଇଥିଲେ ।

## ୬୭ୟୁନିଟ୍ ରକ୍ତ ସଂଗୃହୀତ

**ଭୁବନେଶ୍ୱର (ପିପିଏସ୍) :** ଚନ୍ଦକାସ୍ଥିତ ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ଯାଇଯାଇଛି । ଏହି ଶିବିରରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ/ଅଧ୍ୟାପକା ଓ ସହକର୍ମୀଙ୍କ ସମେତ ମୋଟ ୬୭ଜଣ ରକ୍ତଦାତା ରକ୍ତଦାନ କରିଥିଲେ । ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳାଧକ୍ଷ ପ୍ରଫେସର୍ ବିଶ୍ୱଜିତ୍ ପଟ୍ଟନାୟକ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ଉପ-କୁଳାଧକ୍ଷ ପ୍ରଫେସର୍ କଲ୍ୟାଣ ଶଙ୍କର ରାୟ, ଉପ-କୁଳପତି ପ୍ରଫେସର ଫଲ୍‌ଗୁ ନିରଞ୍ଜନା, ପ୍ରିନ୍ସିପାଲ ଡାଇରେକ୍ଟର ଡ. ସ୍ମାରକୀ ପଟ୍ଟନାୟ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଡ. ଝରାଶ୍ରୀ ପା

# ଜୋରଦାର ହେଉଛି ମିଶନ ମେଡିକାଲ
# କୋଣାର୍କକୁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଦାବି

କୋଣାର୍କ(ପିପିଏସ): ଅର୍କକ୍ଷେତ୍ର କୋଣାର୍କର ମୁଖ୍ୟ ସମସ୍ୟା ପାଲଟିଥିବା ମେଡିକାଲର ସ୍ଥାୟୀ ସମାଧାନ ପାଇଁ କୋଣାର୍କର ଯୁବ ସାମ୍ବାଦିକ ଦୁର୍ଗା ପ୍ରସାଦ ମହାପାତ୍ରଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ମିଶନ ମେଡିକାଲ' ଧୀରେ ଧୀରେ ରୋଚକ ସ୍ଥିତିରେ ଆସି ପହଁଚିବାରେ ଲାଗିଛି । ମିଶନ ମେଡିକାଲକୁ ଆଉ ପାଦେ ଆଗକୁ ନେବାପାଇଁ ଯୁବ ସାମ୍ବାଦିକ କୋଣାର୍କ ଆଖପାଖ ଅଞ୍ଚଳରେ ଥିବା ପ୍ରାୟ ୬ରୁ ଉର୍ଦ୍ଧ୍ୱ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟଙ୍କ ସହଯୋଗ ଲୋଡିଥିଲେ । ଯୁବ ସାମ୍ବାଦିକଙ୍କ ଆହ୍ୱାନକ୍ରମେ ରବିବାର କୋଣାର୍କ ସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଏକ ସାମୂହିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମିଶନ ମେଡିକାଲକୁ ସଫଳ କରିବା ପାଇଁ ସହଯୋଗ ର ହାତ ବଢ଼ାଇବାକୁ ଡକାଯାଇଥିବା ଶିମିଳି, ମହଲପଡା, ଅବଦାନ, ବନାଖଣ୍ଡି, ତରକୋର, ସୁତନ ଗ୍ରାମ ପଞ୍ଚାୟତ ର ସରପଞ୍ଚ ଏବଂ ସମିତି ସଭ୍ୟଙ୍କ ସହ କୋଣାର୍କ ଏନଏସିର ଉପାଧ୍ୟକ୍ଷ, କାଉନସିଲର, ଜଗତସିଂହପୁର ସାଂସଦଙ୍କ କୋଣାର୍କ ପ୍ରତିନିଧି, ସମସ୍ତ ରାଜନୈତିକ ଦଳ ଯଥା ବିଜେଡି, ବିଜେପି, କଂଗ୍ରେସ, କମ୍ୟୁନିଷ୍ଟ , ଆମ ଆଦମୀ ପାର୍ଟିର କର୍ମକର୍ତ୍ତା ଓ ସଦସ୍ୟଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଏବଂ କୋଣାର୍କ ଅଞ୍ଚଳର ଅନେକ ଯୁବ ପିଢ଼ି ସାମିଲ ହୋଇଥିଲେ । ଏହି ବୈଠକରେ ମିଶନ ମେଡିକାଲ କୁ ସଫଳ କରିବା ପାଇଁ କଣ କଣ ରଣନୀତି ଗ୍ରହଣ କରାଯିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା ।ସର୍ବସମ୍ମତି କ୍ରମେ ମିଶନ ମେଡିକାଲ ପାଇଁ ସମସ୍ତ ଅଞ୍ଚଳବାସୀ ଙ୍କ ପକ୍ଷରୁ ପୁନଃ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯିବା ପରେ ଏହାର ସମାଧାନ ପାଇଁ ଉଭୟ ସରକାରଙ୍କୁ ନିର୍ଦ୍ଦିଷ୍ଟ କିଛି ଦିନ ର ମହଲତ ଦେବାକୁ ସ୍ଥିର କରାଯାଇଥିଲା ।ଯଦି ସେହି ସମୟ ସୀମା ମଧ୍ୟରେ ଏହାର କୌଣସି ସ୍ଥାୟୀ ସମାଧାନ ନହୁଏ ତେବେ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଗଣ ଆନ୍ଦୋଳନ କୁ ଓଲ୍‌ହାଇବା ପାଇଁ ପ୍ରସ୍ତୁତ ହେବେ ବୋଲି ନିଷ୍ପତ୍ତି ହୋଇଥିଲା । ଆସନ୍ତା ସପ୍ତାହ ରେ ପୁନଃ ଉଭୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରେରଣ ପରେ ଆସନ୍ତା ଏପ୍ରିଲ ୧୫ ରେ ସମସ୍ତ ଜନସାଧାରଣ ମିଶନ ମେଡିକାଲ ପାଇଁ ଏକତ୍ର ହେବାକୁ ଯାଉଥିବା ସୂଚନା ମିଳିଛି ।

## ୩ଟି କୋର୍ଟର ଓକିଲ ସଂଘ ନିର୍ବାଚନ ସମ୍ପନ୍ନ

ଯାଜପୁର (ପିପିଏସ) : ଯାଜପୁରରେ ଥିବା ୩ଟି ଯାକ ଓକିଲ ସଂଘ ନିର୍ବାଚନ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି । ସର୍ବପୁରାତନ ଯାଜପୁର ବାର୍ ଆସୋସିଏସନ୍ ର ସଭାପତି ଭାବେ ବରିଷ୍ଠ ଆଇନ୍‌ଜୀବି ଜଗନ୍ନାଥ ଜେନା ଓ ସଂପାଦକ ଭାବେ ବିରଜା ପ୍ରସାଦ ପରିଡ଼ା ନିର୍ବାଚିତ ହୋଇଥିବାବେଳେ ଉପସଭାପତି ଭାବେ ବିରୁପାକ୍ଷ ତ୍ରିପାଠୀ ବିଜୟୀ ହୋଇଛନ୍ତି । ସେହିପରି ଯାଜପୁର ଲୟର୍ସ ଆସୋସିଏସନ୍‌ର ସଭାପତି ଭାବେ ଆଲୋକ କୁମାର ପାଣି ଓ ସଂପାଦକ ଭାବେ ବିଜୟ କୁମାର ମହାନ୍ତି ନିର୍ବାଚିତ ହୋଇଥିବା ବେଳେ ଡିଷ୍ଟ୍ରିକ୍ଟ କ୍ରିମିନାଲ ବାର୍ ଆସୋସିଏସନ୍‌ର ସଭାପତି ଭାବେ ନବକିଶୋର ତ୍ରିପାଠୀ, ଉପସଭାପତି ଭାବେ ପୁଷ୍ପମିତ୍ର ଦାସ, ସଂପାଦକ ଧିରେନ୍ଦ୍ର କୁମାର ଦାଶ ଓ ସହସଂପାଦକ ଭାବେ ପାର୍ଥସାରଥି ମଲ୍ଲିକ ନିର୍ବାଚିତ ହୋଇଛନ୍ତି । ବରିଷ୍ଠ ଆଇନଜୀବି ଅମୀୟ କୁମାର ମହାନ୍ତି, ସରୋଜ କୁମାର ସିଂହ ଓ କାଳିକିଙ୍କର ଚାଟାର୍ଜୀ ୩ଟି ଯାକ ଓକିଲ ସଂଘର କମିଶନର ଭାବେ ଦାୟିତ୍ୱ ନେଇ ନିର୍ବାଚନକୁ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ ।

# ଦୁଷ୍କର୍ମକାରୀକୁ ୧୦ବର୍ଷ ଜେଲ୍‌ଦଣ୍ଡ ସହ ୩୦ହଜାର ଜରିମାନା

ଯାଜପୁର (ପିପିଏସ) : ଯାଜପୁର ଆଡହକ ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ଯତିନ୍ଦ୍ର ମୋହନ ବେହେରା ଶନିବାର ଦିନ ଏକ ଦୁଷ୍କର୍ମ ମାମଲାର ବିଚାର କରି ଆସାମୀ ପ୍ରକାଶ କବି (୨୪) କୁ ୧୦ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ଏଥିସହିତ କୋର୍ଟ ୩୦ହଜାର ଟଙ୍କାର ଜରିମାନା ଦଣ୍ଡ ମଧ୍ୟ ଶୁଣାଇଥିବାବେଳେ ଏହା ଅନାଦେୟରେ ଆହୁରି ୩ବର୍ଷ ଅଧିକ ଜେଲ ଦଣ୍ଡ ଭୋଗିବାକୁ ତାଙ୍କ ରାୟରେ ଶୁଣାଇଛନ୍ତି । ଏହି ଅର୍ଥକୁ ପୀଡ଼ିତା ଓ ତାଙ୍କର ଝିଅକୁ ସହାୟତା ଦେବାପାଇଁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଏହିକିଯେ ଯାଜପୁର ସଦର ଥାନା ଅନ୍ତର୍ଗତ ପୁରୁଷୋତମପୁର ଗ୍ରାମର ସନାତନ କବିଙ୍କ ପୁଅ ଆସାମୀ ପ୍ରକାଶ ପୀଡ଼ିତାଙ୍କୁ ୨୦୧୮ ମସିହା ବାହୁଡ଼ା ଯାତ୍ରା ଦିନ ଘରେ ପଶି ବଳପୂର୍ବକ ଦୁଷ୍କର୍ମ କରିଥିଲା । ପୀଡ଼ିତା ସେଦିନ ରାତିରେ ଶୋଇଥିବାବେଳେ ପ୍ରକାଶ ବଳାତ୍କାର କରି ତାଙ୍କୁ ଗର୍ଭବତୀ କରାଇଥିଲା ଓ ପରବର୍ତ୍ତୀ ସମୟରେ ପୀଡ଼ିତାଙ୍କ ପରିବାରକୁ ମଧ୍ୟ ପ୍ରକାଶ ଧମକ ଚମକ ଦେଇଆସୁଥିଲା । ଗାଁ ଲୋକେ ଯୁବତୀ ଗର୍ଭବତୀ ଥିବା ଜାଣି ପ୍ରକାଶ ପରିବାରକୁ ପଚରା ଉଚରା କରିବା ପରେ ସେ ଓଲଟି ନାଲିଆଖି ଦେଖାଇଥିଲା ଓ ଏ ନେଇ ସଦର ଥାନାରେ କେସ୍ ନଂ ୨୦୧୯/୨୦୧୮ରେ ମାମଲା ରୁଜୁ କରି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ୧୫ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି କୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ପୀଡ଼ିତାଙ୍କ ପାଇଁ ଆଇନଜୀବି ଶୈଳେନ୍ଦ୍ର କୁମାର ସାମଲ ମାମଲା ପରିଚାଳନା କରୁଥିଲେ ।

# ରାହୁଲଙ୍କ ପଦ ରଦ୍ଦ ବିରୁଦ୍ଧରେ କଂଗ୍ରେସର ପ୍ରତିବାଦ

ଯାଜପୁର (ପିପିଏସ) : କଂଗ୍ରେସ ନେତା ତଥା ସାଂସଦ ରାହୁଲ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀଙ୍କୁ ଆକ୍ଷେପଜନିତ କୋର୍ଟ ରାୟରେ ଗିରଫ ପରୱାନା ଓ ସଂସଦ ପଦ ରଦ୍ଦ ଘଟଣାକୁ ଦଳ ଗ୍ରହଣ କରିପାରିନାହିଁ । ଏହାର ପ୍ରତିବାଦରେ ଯାଜପୁର ଟାଉନ ଠାରେ ପିସିସି ସଭ୍ୟ ସନ୍ତୋଷ ନନ୍ଦଙ୍କ ଆବାହକତ୍ୱକ୍ରମେ ଏକ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ ଗାନ୍ଧୀଛକ ଠାରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ନନ୍ଦଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ଦିଗମ୍ବର କର, ବିଷ୍ଣୁ ରାଉତ, ବଳଭଦ୍ର ଦାସ, ଗଦାଧର ଦାସ, ଭାସ୍କର ମହାନ୍ତି, ହୃଷିକେଶ ପତି, କପିଳେଶ୍ୱର ଦଳେଇ, ଅରଜିତ ନାୟକ, ବିଦ୍ୟାଧର ବାରିକ, ପ୍ରତିମା କର, କନକଲତା ରାଉତ,ଦୂର୍ଯ୍ୟୋଧନ ବେହେରା, ସଂଗ୍ରାମ ସାହାଣୀ, ରାଜୀବ ମହାପାତ୍ର, ବିଭୂତି ମହାପାତ୍ର, ସଂଗ୍ରାମ ଜେନା, ଅକ୍ଷୟ ଶତପଥୀ, ସନ୍ତୋଷ ବେହେରା, ଆଦିତ୍ୟ ମହାନ୍ତି ପ୍ରମୂଖ କେନ୍ଦ୍ରର ମୋଦୀ ସରକାର ଆଇନର ଦୂରୁପଯୋଗ କରାଉଥିବା ନେଇ ଅଭିଯୋଗ ବାଢିଥିଲେ । ମାନ୍ୟବର ସୁପ୍ରିମକୋର୍ଟଙ୍କ ଏହି ରାୟକୁ ଅପିଲ ସମୟ ମାସେ ଥିବାବେଳେ ଅସାମ୍ବିଧାନିକ ଓ ତରବରିଆ ଭାବେ ପାର୍ଲାମେଣ୍ଟରେ ଶ୍ରୀ ଗାନ୍ଧୀଙ୍କ ସଂସଦ ପଦକୁ ରଦ୍ଦ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଉପରୋକ୍ତ ନେତୃବୃନ୍ଦ କହିଛନ୍ତି ।

# ପିଲାଙ୍କ ବୌଦ୍ଧିକ ବିକାଶରେ ଜେଜେବାପା, ଜେଜେମାଙ୍କ ବିଶେଷ ଭୂମିକା ରହିଛି

## ଡିଏଭି ପବ୍ଲିକ ସ୍କୁଲରେ ଜେଜେମା ଜେଜେବାପାଙ୍କ ସମ୍ମିଳନୀ

ଯାଜପୁର (ପିପିଏସ) : ଜଣେ ଶିଶୁର ବିକାଶରେ ଜେଜେବାପା ଓ ଜେଜେମାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ । ନାତି ଓ ନାତୁଣୀମାନେ ଜେଜେବାପା, ଜେଜେମାଙ୍କଠାରୁ ଅଧିକ ସ୍ନେହ ପାଇଥାନ୍ତି ଓ ସେମାନଙ୍କ ସହିତ ବେଶ୍ ଫ୍ରେଣ୍ଡଲି ହୋଇଥାନ୍ତି । ଜଣେ ପିଲାର ବୌଦ୍ଧିକ ବିକାଶ ପାଇଁ ପ୍ରାଥମିକ ସ୍ତରରେ ଜେଜେବାପା, ଜେଜେମା, ଅଜା ଓ ଆଈମାମାନଙ୍କର ବିଶେଷ ଅବଦାନ ରହିଛି । ଏପରିସ୍ଥଳେ ଯାଜପୁର ଟାଉନ ସ୍ଥିତ ଜହ୍ନବଗିଚା ଠାରେ ରହିଥିବା ଡିଏଭି ପବ୍ଲିକ ସ୍କୁଲରେ ଗ୍ରାଣ୍ଡଫାଦର, ଗ୍ରାଣ୍ଡମଦର ବା ଜେଜେବାପା, ଜେଜେମା, ଅଜା ଓ ଆଈମାନଙ୍କୁ ନେଇ ଏକ ଉତ୍ସବ ପାଳନ କରାଯାଇଛି । ଏକ ଭାବପୂର୍ଣ୍ଣ ଓ ଆନନ୍ଦମୟ ପରିବେଶ ମଧ୍ୟରେ ଏଲକେଜି ଠାରୁ ଆରମ୍ଭ କରି ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କର ଏହି ନିବିଡ଼ ସଂପର୍କୀୟ ମାନଙ୍କୁ ଏକାଠି କରାଯାଇଥିଲା । ଏହିସବୁ ଅଜା, ଆଈ, ଜେଜେବାପାମାଆ ମାନେ ନିଜ ନିଜର ପ୍ରତିଭା ମଧ୍ୟ ପ୍ରଦର୍ଶନ କରି ଅନ୍ୟମାନଙ୍କୁ ଖୁସି ବାଣ୍ଟିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଦେବବ୍ରତ ପ୍ରଧାନ, ପରିଚାଳନା କମିଟି ସଭ୍ୟା ଶୁଭ୍ରା ମଲ୍ଲିକା ମହାପାତ୍ର କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଗତ ଜଣାଇବା ସହିତ ଉତ୍ସବର ଆୟୋଜନ ନେଇ ବିସ୍ତୃତ ସୂଚନା ରଖିଥିଲେ । ଏହି ଅବସରରେ ବିଭିନ୍ନ ମନୋରଂଜନ କାର୍ଯ୍ୟକ୍ରମ, ଖେଳକୁଦ ଇତ୍ୟାଦି ଆୟୋଜନ ହୋଇଥିଲା । ସମଗ୍ର କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ କଳ୍ପନା ଶତପଥୀ, ପ୍ରିୟଙ୍କା ସନ୍ଧିବିଗ୍ରହ, ଉପାଲୀ ଅପରାଜିତା ତୋଷ, ଗୋଧୂଳିଲଗ୍ନା ନନ୍ଦ, ସାହା ପଟ୍ଟନାୟକ, ଲୋପାମୂଦ୍ରା ଦ୍ୱିବେଦୀ, ସୁଚିସ୍ମିତା ଦାଶ, ଶୁଭଶ୍ରୀ ଦାସ, ପୂଣ୍ୟତୋୟା ଶତପଥୀ, ସୁଜାତା ପଟ୍ଟନାୟକ, ସସ୍ତିକା ଦାସ, ଶିକ୍ଷକ ଜ୍ୟୋତିପ୍ରକାଶ ନାୟକ, ଆଶୁତୋଷ ମିଶ୍ର, ଜିତେନ୍ଦ୍ର ମହାରଣା, ପ୍ରମୋଦ ମିଶ୍ର, ବିକାଶ ସାର୍, ଅକ୍ଷୟ ସାର୍ ପ୍ରମୂଖ ପରିଚାଳନାରେ ସହଯୋଗ କରିଥିଲେ ।

# ଟାଟା ମେଡିକା ହସ୍ପିଟାଲ୍‌ରେ ଜଟିଳ ଆଘାତର ଚିକିତ୍ସାରେ ଯୁବକ ସୁସ୍ଥ

ଯାଜପୁର (ପିପିଏସ) : ଯାଜପୁର ଜିଲ୍ଲାର କଳିଙ୍ଗନଗର ଅଞ୍ଚଳରେ ଗଢ଼ି ଉଠିଥିବା ଟାଟା ଷ୍ଟିଲ ମେଡ଼ିକା ହସ୍‌ପିଟାଲରେ ଏକ ବିରଳ ଅସ୍ତ୍ରୋପଚାରରେ ପୋଡି ଯାଇଥିବା ଯୁବକଙ୍କ ହାତରେ ସଫଳତାର ସହ ଏକ ଜଟିଳ ଅପରେସନ କରାଯିବା ଦ୍ୱାରା ସଂପୃକ୍ତ ଯୁବକ ପ୍ରଭାତ କୁମାର ସିଂ ସମସ୍ତ ଚିକିତ୍ସକ, କର୍ମଚାରୀ ସର୍ବୋପରି ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି । ଯୁବକ ପ୍ରଭାତ ଅଗ୍ନିକାଣ୍ଡରେ ଆଘାତ ପ୍ରାପ୍ତ ହେବାଦ୍ୱାରା ତାଙ୍କର ହାତ ଚଳେଇବା କଷ୍ଟକର ହୋଇପଡ଼ିଥିଲା ଏବଂ ପୋଷ୍ଟେରିୟର କଲମରେ ସମସ୍ୟା ଯୋଗୁ ଏପରି ହୋଇଥିଲା ବୋଲି ଜଣାପଡିଥିଲା । ଏଭଳି ସମସ୍ୟାରେ ସହଜରେ ହାତ ବା ଆଙ୍ଗୁଠି ଚଳାଇବା ହୋଇନଥାଏ । ତେବେ ପ୍ରାଥମିକ ପର୍ଯ୍ୟାୟରେ ପୋଡାଜଳାର ପରିଚାଳନା ପରେ ମୃତ ଚର୍ମ ଓ କୋମଳ କୋଷଗୁଡ଼ିକୁ ବାହାର କରାଯାଇ ପରବର୍ତ୍ତୀ ସମୟରେ ଉପଯୁକ୍ତ ଚିକିତ୍ସା ଓ ଯତ୍ନ ନିଆଯାଇ ତାଙ୍କର ଫିଜିଓଥେରାପି ମଧ୍ୟ କରାଯାଇଥିଲା । ଚିକିତ୍ସା କରୁଥିବା ଡାକ୍ତର ସୁଧାକର ଜେନାଙ୍କ କହିବା ଅନୁସାରେ ପ୍ରଭାତ ବାଇଲାଟେରାଲରେ ଆଘାତ ପ୍ରାପ୍ତ ହୋଇଥିବାରୁ ଏହା କଷ୍ଟ ଥିଲା ଏବଂ ସତନ୍ତ୍ର ଭାବେ ଚିକିତ୍ସା ସହିତ ସବୁ ସମୟରେ ତାଙ୍କ ପ୍ରତି ଧ୍ୟାନ ଦିଆଯାଇ ୨୧ଦିନ ପର୍ଯ୍ୟନ୍ତ ମେଡ଼ିକାଲରେ ରଖାଯାଇ ଏକ ଅପରେସନ କରାଯାଇଥିଲା । ଏବେ ସେ ସଂପୂର୍ଣ୍ଣ ଆରୋଗ୍ୟ ହୋଇଛନ୍ତି ଓ ଧନ୍ୟବାଦ ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ ଅସ୍ଥି ଶଲ୍ୟ, ସାଧାରଣ ସର୍ଜରୀ, ଇଏନଟି, ବର୍ଣ୍ଣ ୟୁନିଟ, ପ୍ଲାଷ୍ଟିକ ସର୍ଜରୀ ସହିତ ଟ୍ରମାକେୟାରରେ ଅଭିଜ୍ଞ ଟିମଙ୍କ ଯୋଗୁ ଟାଟା ମେଡ଼ିକା ହସପିଟାଲ ସ୍ଥାନୀୟ ଡୁବୁରୀ, କଳିଙ୍ଗନଗର ତଥା ଯାଜପୁର ଜିଲ୍ଲା ସମେତ ପଡୋଶୀ କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାରେ ଲୋକପ୍ରିୟ ହେବାରେ ଲାଗିଛି ।

# ଜିଲ୍ଲାର ୨ ଭିନ୍ନକ୍ଷମଙ୍କୁ ମିଳିଲା ୩ ଚକିଆ ସ୍କୁଟି

କେନ୍ଦ୍ରାପଡ଼ା: ରାଜ୍ୟ ସରକାରଙ୍କ ନିଷ୍ପତି କ୍ରମେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପ୍ରଥମ ପର୍ଯ୍ୟାୟରେ ଭିନ୍ନକ୍ଷମ ମାନଙ୍କୁ ଥଇଥାନ କରିବା ପାଇଁ ଓ ଚଳପ୍ରଚଳରେ ସହାୟତା ପାଇଁ ୩ ଚକିଆ ସ୍କୁଟି ପ୍ରଦା କରିଥିବା ଜଣାପଡିଛି । ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ସୁପାରିଶ କ୍ରମେ କେନ୍ଦ୍ରାପଡା ବ୍ଲକ ଅଧିନ ଇନ୍ଦୁପୁର ର ଧୂମାତ ଗ୍ରାମର କୁଳ ସୂତାର ଓ ରାଜନଗର ବ୍ଲକର ମୀନତି ବାରିକଙ୍କୁ ଗୋଟିଏ ଲେଖାଏଁ ୩ ଚକିଆ ସ୍କୁଟି ମିଳିଥିବା ଜଣାପଡିଛି । ଏନେଇ ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏନ୍‌ସିଏସ୍‌ସିଡିଏ ପରିସରରେ ଉଭୟ ଭିନ୍ନକ୍ଷମଙ୍କୁ ସ୍କୁଟି ପ୍ରଦାନ କରିଥିଲେ । ଏଥିରେ ବିଭାଗୀୟ ସଚିବ, ନିର୍ଦ୍ଦେଶକ ତଥା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ରଦାସ ଉପସ୍ଥିତ ଥିଲେ ।

## ବିଜେପି କୃଷକ ମୋର୍ଚ୍ଚାର ମଣ୍ଡଳ ସ୍ତରୀୟ ବୈଠକ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୁଅ ପଥରକଣି ବନଦୁର୍ଗା ମନ୍ଦିର ପ୍ରଙ୍ଗଣରେ କେନ୍ଦ୍ରାପଡା ଜିଲ୍ଲା କୃଷକ ମୋର୍ଚ୍ଚାର ଜିଲ୍ଲା ପଦାଧିକାରୀ ଏବଂ ମଣ୍ଡଳ ସଭାପତି ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଶ୍ରୀକାନ୍ତ କୁମାର ସେନାପତି ବିଶ୍ୱ ରଞ୍ଜନ ପଣ୍ଡା, ଶ୍ରୀଧର ପ୍ରଧାନ, ବିଚିତ୍ରକୁମାର ପ୍ରଧାନ, ସୈବଲ୍ୟ ବାହାଳିଆ, କୃଷକ ମୋର୍ଚ୍ଚର ସଭାପତି ରମେଶ ଚନ୍ଦ୍ର ମଲ୍ଲିକ, ଇନ୍ଦ୍ରମଣି ସାହୁଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଉପସ୍ଥିତ ରହି ବୁଥ୍ ସଶକ୍ତିକରଣ କେମିତି ହେବ ସେ ବିଷୟରେ ଆଲୋଚନା କରିବା ସହ ମଣ୍ଡଳ ପ୍ରଭାସ ଯୋଜନାରେ ରୂପରେଖ ପ୍ରସ୍ତୁତ କରାଯାଇ ଥିଲା ।

# ମଧୁସୂଦନପୁର ଗ୍ରାମରେ ନିର୍ମାଣ ହେବାକୁ ଥିବା ୩୩/୧୧ କେଭି ବିଦ୍ୟୁତ୍ ସବଷ୍ଟେସନ ଚୋରି !

## ଜନଅସନ୍ତୋଷ ବଢୁଛି

ବରୀ, (ପିପିଏସ୍): ଯାଜପୁର ଜିଲ୍ଲା ବରୀ ବ୍ଲକ ଅଧିନ ମଧୁସୂଦନପୁର ଗ୍ରାମରେ ହେବାକୁ ଯାଉଥିବା ୩୩/୧୧ କେଭି ବିଦ୍ୟୁତ୍ ସବ୍‌ଷ୍ଟେସନ କାଗଜ କଲମରେ ଚୋରି ହୋଇଯାଇଥିବା ଜଣାପଡିଛି । ଏନେଇ ସମଗ୍ର ବରୀ ଅଞ୍ଚଳ ରେ ଜନଅସନ୍ତୋଷ ବଢିବାରେ ଲାଗିଛି । ସ୍ଥାନୀୟ ନେତୃତ୍ୱଙ୍କୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜଣାଯାଇଛି ଯେ ୨୦୦୯ମସିହା ରୁ ସ୍ଥାପନ ପାଇଁ ମଧୁସୂଦନ ପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଆଦର ମଣି ସାମଲ ମୁଖମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବାରମ୍ବାର ଚିଠି ଲେଖି ଅନୁରୋଧ କରିଛନ୍ତି । ଏପରିକି ୫ଟି ସଚିବ, ସ୍ଥାନୀୟ ବିଧାୟିକାଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ, ବିଧାୟିକା ସୁନନ୍ଦା ଦାସ ଗତ ୧୮/୬/୨୦୧୯ ରେ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ମଧୁସୂଦନ ପୁର ରେ ୩୩/୧୧କେ ଭି ବିଦ୍ୟୁତ୍ ସବ୍‌ଷ୍ଟେସନ ସ୍ଥାପନ କରିବାକୁ ନିବେଦନ କରିଥିଲେ । ପରେ ଏହା ରାଜ୍ୟ କ୍ୟାବିନେଟ ବୈଠକରେ ଅନୁମୋଦିତ ହୋଇଥିଲା । ଚିଠି ନମ୍ବର୍ ୨୭୫୨ ରେ ୩୧ ମାର୍ଚ୍ଚ ୨୦୨୨ ରେ ପ୍ରିନ୍ସିପାଲ ସେକ୍ରେଟାରୀ ଟୁ ଗଭର୍ଣ୍ଣମେଣ୍ଟରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇ ରାଜ୍ୟ ସରକାର ଙ୍କ ଏ ଆର୍‌ଜି ଡିପାର୍ଟମେଣ୍ଟକୁ ଚିଠି ନମ୍ବର୍ ୮୧୯୯ ରେ ୨୫ ଅଗଷ୍ଟ ୨୦୨୨ ରେ ପ୍ରେରଣ କରାଯାଇଥିଲା । ଏହା ଗୃହିତ ହୋଇ ଟିପିୟୁଓଡିଏଲ୍ (ଟାଟା ପାୱାର)ତୁରନ୍ତ ନିର୍ମାଣ କରିବାକୁ ନିର୍ଦ୍ଦେଶ ଆସିଥିଲା ବେଳେ ଏନେଇ ଅର୍ଥ ମଧ୍ୟ ମଞ୍ଜୁର କରାଯାଇଥିବା ଜଣାପଡିଛି । ତେବେ ଏହି ପ୍ରକଳ୍ପ ମଧୁସୂଦନପୁରରେ ନିର୍ମାଣ ହେବା ପରିବର୍ତ୍ତେ ବିଞ୍ଚାରପୁର ଅଞ୍ଚଳର ରଣପୁରକୁ କାଗଜ କଲମରେ ଚୋରି ହୋଇଯାଇଥିବା ନେଇ ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି । ଏନେଇ ମଧୁସୂଦନ ପୁର ରେ ସ୍କେଜ ମ୍ୟାପ୍ କାର୍ଯ୍ୟ ସମାପନ ସରିଥିବା ବେଳେ ରଣପୁରକୁ କିଏ ସେ ନିର୍ଦ୍ଦେଶ ଦେଲା ତାହା ବିସ୍ମିତ କରିଛି ବୋଲି ପୂର୍ବତନ ସରପଞ୍ଚ ଆଦରମଣି ସାମଲ ଗଣମାଧ୍ୟମକୁ କହିଛନ୍ତି । ଏହି ସବ୍‌ଷ୍ଟେସନ କାର୍ଯ୍ୟକ୍ରମ ହେଲେ ୬ଗୋଟି ବିଛିନ୍ନାଞ୍ଚଳରେ ବିଦ୍ୟୁତ୍ ସେବା ଠିକ୍ ସେ ସେବା ପାଇ ପାରିବେ ବୋଲି କୁହାଯାଇଛି, ସ୍ଥାନୀୟ ନେତୃତ୍ୱ ଙ୍କ ପକ୍ଷରୁ ନିଜ ହକ୍ ଅଞ୍ଚଳ ବାସୀ ଆସା କରୁଥିଲା ବେଳେ ସ୍ଥାନୀୟ ନେତୃତ୍ୱ ଏନେଇ ଉକ୍ତ ଘଟଣା ଉପରେ ଗୁରୁତ୍ୱ ଦେଉନାହାନ୍ତି । ଅପରପକ୍ଷେ ଅଞ୍ଚଳ ବାସୀ ଏନେଇ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ଧର୍ମଶାଳା ଡାକ୍ତରଖାନାରେ ଗୋଷ୍ଠୀ ସ୍ତରୀୟ ସମ୍ମିଳନୀ

ଧର୍ମଶାଳା : ଯାଜପୁର ଜିଲ୍ଲା ଧର୍ମଶାଳା ଗୋଷ୍ଠି ସାସ୍ଥ୍ୟକେନ୍ଦ୍ରରେ ଆଶା ଓ ଏଏନଏମ ମାନଙ୍କୁ ନେଇ ଗୋଷ୍ଠି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ଗୋଷ୍ଠି ସାସ

# କିର୍ମିରା ବ୍ଲକରେ ନାବାର୍ଡ ସହାୟତାରେ ଓ୍ୱାଡ଼ି ପ୍ରକଳ୍ପର ଶୁଭାରମ୍ଭ

ଝାରସୁଗୁଡ଼ା: ନାବାର୍ଡ ସହାୟତାରେ କିର୍ମିରା ବ୍ଲକ ଅନ୍ତର୍ଗତ ସୁଲେହି ଗ୍ରାମ ପଂଚାୟତରେ ଏସ୍‌ଜିୟୁପି ନାବାର୍ଡ ଓ୍ୱାଡ଼ି ପ୍ରକଳ୍ପ ସକାଶେ ଭୂମି ପୂଜନ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀଙ୍କ ଦ୍ୱାରା ଦ୍ୱାରା ଅନୁଷ୍ଠିତ ହୋଇଛି । ପ୍ରକଳ୍ପର ଭୂମିପୂଜନ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶ୍ରୀ ମାଝୀ ପ୍ରକଳ୍ପ ଦ୍ୱାରା ବ୍ଲକର ଆଦିବାସୀ ପରିବାର ଲାଭବାନ ହେବେ ବୋଲି ଉଲ୍ଲେଖ କରିଥିଲେ । ନାବାର୍ଡ ଡିଡିଏମ୍ ତାପସ କୁମାର ବେହେରା ପ୍ରକଳ୍ପର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । କିର୍ମିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟ କୁମାର ବେହେରା,ଏଲ ଡି ଏମ୍ ସୁଧାଂଶୁ ଶେଖର ବେହେରା କିର୍ମିରା ବ୍ଲକର ତିନିଟି ପଂଚାୟତ ଆଠଟି ଗ୍ରାମ ଓ ପାଂଚଶହ ଆଦିବାସୀ ପରିବାର ପ୍ରକଳ୍ପ ଦ୍ୱାରା ଲାଭବାନ ହୋଇପାରିବେ ବୋଲି ସୂଚାଇଥିଲେ । ପ୍ରକଳ୍ପର ସମୁଦାୟ ବ୍ୟୟ ଅଟକଳ ୫,୬,୩୯୭୩୧ଟଙ୍କା ହୋଇଥିବା ବେଳେ ନାବାର୍ଡ ତରଫରୁ ପ୍ରକଳ୍ପ ସକାଶେ ୩,୩୪,୯୯୭୧୩ଟଙ୍କା ମଞ୍ଜୁର କରାଯାଇଛି । ବିଭିନ୍ନ ସରକାରୀ ସଂସ୍ଥା ତରଫରୁ କନଭରଜେନ୍ସ ଜରିଆରେ ୫୨,୭୬,୨୭୮ଟଙ୍କା ଓ ବଳକା ୧,୧୮,୬୩୭୪୦ଟଙ୍କା ଚାଷୀଙ୍କ ଶ୍ରମଦାନ ଆକାରରେ ଖର୍ଚ୍ଚ ହେବ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଇଆରସି ଗିରିଜା ଶଙ୍କର ବେହେରା, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସମୀର ରଞ୍ଜନ ଦାସ, ଡି ପି ଡି(ଆତ୍ମା) ଧୀରେନ୍ଦ୍ର ସିଂ ବରିହା ପ୍ରମୁଖ ଉପସ୍ଥିତ ଥିଲେ । ଏସ୍‌ଜିୟୁପି କର୍ମୀ ଲମ୍ବୋଦର କୁଲୁ, ତରୁଣ ନାଏକ, ଭିକାରୀ ମାଝୀ, ବସନ୍ତ ଥୁମାପାଜ, ପୁରୁଷୋତମ ଲୁହା, ଦୀପସା ମହାନ୍ତି, ପ୍ରତିଭା ସାମଲ, ଭିକାରି ମାକର ପ୍ରମୁଖ ପରିଚାଳନା କରିଥିଲେ । ସୁଲେହି ପଂଚାୟତ ସରପଂଚ ସଂଗୀତା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ

ଫୁଲନଖରା (ପିପିଏସ): କଟକ ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥ ତେଲେଙ୍ଗାପେଣ୍ଠ ଓଭର ବ୍ରିଜ ଉପରେ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ୁଛି । କଟକରୁ ଭୁବନେଶ୍ୱର ଯାଉଥିବା ସମୟରେ ଜଣେ ସ୍କୁଟିଚାଳକଙ୍କ ମୃତ୍ୟୁ ଘଟିଛି ।

କୌଣସି ଏକ ଗାଡି ସ୍କୁଟି ଚାଳକଙ୍କୁ ପଛରୁ ଧକ୍କା ଦେଇ ମୁଣ୍ଡ ଉପରେ ଚଢି ଯାଇଥିଲା । ଫଳରେ ଘଟଣା ସ୍ଥଳ ରେ ସଂପୃକ୍ତ ସ୍କୁଟି ଚାଳକଙ୍କର ମୃତ୍ୟୁ ଘଟିଛି । ସ୍କୁଟି ନମ୍ବର ହେଉଛି ଓଡି୦୨ଏକ୍ୟୁ ୭୯୩୬ । ଖବର ଲେଖା ହେବା ବେଳକୁ ସଂପୃକ୍ତ ଯୁବକଙ୍କ ପରିଚୟ ମିଳି ପାରିନି । ଘଟଣା ସ୍ଥଳ ରେ କଟକ ସଦର ଥାନା ପୋଲିସ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲ ପଠାଇ ଛନ୍ତି ।

# ୨୯ରୁ କଟକ ବୈଶାଖୀ ଆନ୍ତର୍ଜାତିକ ବାଣିଜ୍ୟ ମେଳା
## ପ୍ରଥମଥର ଏସି ହ୍ୟାଙ୍ଗର ଷ୍ଟଲରେ ୧୦ଟି ଦେଶର ସାମଗ୍ରୀ ସ୍ଥାନ ପାଇବ

କଟକ(ପିପିଏସ୍) : ଚଳିତମାସ ୨୯ ତାରିଖରୁ ଏପ୍ରିଲ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଅଷ୍ଟାଦଶ କଟକ ବୈଶାଖୀ ଆନ୍ତର୍ଜାତିକ ବାଣିଜ୍ୟ ମେଳା । ଐତିହାସିକ କଟକ ବାଲିଯାତ୍ରା ପଡ଼ିଆରେ ଆୟୋଜିତ ହେଉଥିବା ଏହି ବୃହତ ବାଣିଜ୍ୟ-ଉଦ୍ୟୋଗ ମେଳାରେ ଭାରତ ବାହାରୁ ୧୦ଟି ଦେଶର ଉଦ୍ୟୋଗୀ ଓ ୨୨ଟି ରାଜ୍ୟର କ୍ଷୁଦ୍ର, ମଧ୍ୟମ ଓ ବୃହତ୍ତ ଉଦ୍ୟୋଗ ଏବଂ ଉଦ୍ୟୋଗୀମାନେ ଅଂଶଗ୍ରହଣ କରିବେ ଏବଂ ମେଳାରେ ୫୨୦ଟି ଷ୍ଟଲ ଖୋଲିବ । ଏହି ଅବସରରେ କଟକର ବରିଷ୍ଠ ନାଗରିକ ତଥା ପୂର୍ବତନ ମହାନଗରପାଳ ତ୍ରିଲୋଚନ କାନୁନ୍‌ଗୋଙ୍କୁ ରୁଚି ବୈଶାଖୀ ସମ୍ମାନରେ ସମ୍ମାନିତ କରାଯିବ ବୋଲି କଟକ ବୈଶାଖୀ ବାଣିଜ୍ୟ ମେଳା କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି । ଚଳିତବର୍ଷ ଆଫଗାନିସ୍ଥାନ, ଥାଇଲାଣ୍ଡ, ବାଲାଂଦେଶ, ମାଲେସିଆ, ଦୁବାଇ, ଇରାନ ଓ ତୁର୍କୀର ଶିଳ୍ପୋଦ୍ୟୋଗୀମାନେ ବିଭିନ୍ନ ସୌଖୀନ ଓ ଘରକରଣା ସାମଗ୍ରୀ ପ୍ରଥମଥର ପାଇଁ ଏସି ହ୍ୟାଙ୍ଗରରେ ଷ୍ଟଲ ଖୋଲିବେ । ଦିଲ୍ଲୀର, ଉତ୍ତର ପ୍ରଦେଶ, ହରିଆନା, ରାଜସ୍ଥାନ, ବିହାର, ପଶ୍ଚିମବଙ୍ଗ, ମଣିପୁର, ଆସାମ, ଜାମ୍ମ କାଶ୍ମୀର ଇତ୍ୟାଦି ରାଜ୍ୟର ବ୍ୟବସାୟୀମାନେ ସେମାନଙ୍କ କୁଶଳୀ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତଶିଳ୍ପ ଓ ହସ୍ତତନ୍ତ୍ର ସାମଗ୍ରୀ ଏଠାରେ ପ୍ରଦର୍ଶନ ଓ ବିକ୍ରୟ କରିବେ । ଏହା ସହିତ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ମଧ୍ୟ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବଂ ବ୍ୟବସାୟୀମାନେ ଅଂଶଗ୍ରହଣ କରୁଛନ୍ତି । ମେଳାରେ ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି ପୋଷାକ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧ ହେବ । ଓଡ଼ିଶାର ପ୍ରତିଷ୍ଠିତ 'ରୁଚି' ଫୁଡ୍‌ଲାଇନ ପକ୍ଷରୁ ଏହି ମେଳା ଅବସରରେ ଗ୍ରାହକଙ୍କ ପାଇଁ ସତନ୍ତ୍ର ଅଫର ରଖାଯାଇଛି ଏବଂ ରୁଚି-ଫ୍ରୋଜିଟ୍ ପକ୍ଷରୁ ମେଳା ପରିସରରେ ସୁସାଦୁ ଓ ସାସ୍ଥ୍ୟକର ଖାଦ୍ୟ ଉପଲବ୍ଧ ହେବ । ମେଳା ବୁଲିବାକୁ ଆସୁଥିବା ଜନସାଧାରଣଙ୍କ ପାଇଁ ସତନ୍ତ୍ର ଭାବରେ ଫୁଡ଼୍‌କୋର୍ଟ ରଖାଯାଇଛି । ସେଠାରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ମୁଡ଼ି ମାଂସ, ଛେନାଝିଲି, ରସାବଳୀ ଠାରୁ ନେଇ ରାଜସ୍ଥାନୀ ଖାଦ୍ୟ ଓ ସମସ୍ତ ପ୍ରକାର ଫାଷ୍ଟଫୁଡ୍ ଉପଲବ୍ଧ ହେବ । କଟକ ବୈଶାଖୀ ବାଣିଜ୍ୟ ମେଳା ପରିସରରେ ଏକ ଅଟୋ ଏକ୍ସପୋ ମଧ୍ୟ ଆୟୋଜନ କରାଯାଇଛି । ପିଲାମାନଙ୍କ ମନୋରଂଜନ ପାଇଁ ବିଭିନ୍ନ ପ୍ରକାର ଦୋଳି ବ୍ୟବସ୍ଥା କରାଯାଇଛି । ଏସବୁ ସହିତ କଟକ ବୈଶାଖୀ ବାଣିଜ୍ୟ ଜେଳା ପରିସରରେ ଥିବା ମଂଚରେ ପ୍ରତି ସନ୍ଧ୍ୟାରେ ଆକର୍ଷଣୀୟ ନୃତ୍ୟ, ସଂଗୀତ ପରିବେଷଣ କରାଯିବ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଉଦୀୟମାନ ଓ ପ୍ରତିଷ୍ଠିତ କଳାକାରମାନେ ସେମାନଙ୍କର କଳାନୈପୁଣ୍ୟ ପ୍ରଦର୍ଶନ କରିବେ । କଟକ ଜିଲ୍ଲା ପ୍ରଶାସନ, କମିଶନରେଟ ପୋଲିସ, ଅଗ୍ନିଶମ ବାହିନୀ, କଟକ ମହାନଗର ନିଗମ, ଓ୍ୱାଟକୋ ଓ ପୂର୍ବବିଭାଗ ସହଯୋଗରେ ଏହି କଟକ ବୈଶାଖୀ ବାଣିଜ୍ୟ ମେଳାର ଆୟୋଜନ କରାଯାଉଛି ବୋଲି କମିଟି ପକ୍ଷରୁ କୁହାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ବୈଶାଖୀ ବାଣିଜ୍ୟ ମେଳା କମିଟିର ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ତଥା ବାରବାଟୀ ବିଧାୟକ ମହମ୍ମଦ ମୋକିମ, ଅଧକ୍ଷ ମଧୁସୂଦନ ସାହୁ, ଆବାହକ ଆଶୀର୍ବାଦ ବେହେରା, ମୁଖ୍ୟ ପୃଷ୍ଠପୋଷକ ମେୟର ସୁବାସ ସିଂହ ଓ ରୁଚିର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ, ପୃଷ୍ଠପୋଷକ ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ ଓ 'ନିରାମୟ' ଉପଦେଷ୍ଟା ରଂଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ । ମେଳାର ସଂଯୋଜକ ଦେବୀ ପ୍ରସାଦ ଦାଶ, ସଂଜୀବ ବେହେରା, କୋଷାଧକ୍ଷ ଦିଲ୍ଲୀପ ସାହୁ, ରମେଶ ଚନ୍ଦ୍ର ସାହୁ ଓ ରୁଚିର ଲୋକସଂପର୍କ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ ।

## ଜନସେବୀ ତ୍ରିଲୋଚନ କାନୁନ୍‌ଗୋ ପାଇବେ 'ରୁଚି ବୈଶାଖୀ ସମ୍ମାନ'

# ନିରବିଗଲେ ବଂଶୀବାଦକ କୃଷ୍ଣଚନ୍ଦ୍ର
## ଅଧୁରା ରହିଲା କଳାକାର ଭତ୍ତା ସ୍ୱପ୍ନ

ଭଦ୍ରକ,(ପିପିଏସ୍): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ରାଜେନ୍ଦ୍ରପୁର ପଂଚାୟତ କୋଟସିରା ଗ୍ରାମର ବଂଶୀବାଦକ କୃଷ୍ଣଚନ୍ଦ୍ର ଜେନା(ଗୁଣ୍ଡିଆ)ଙ୍କ ଶନିବାର ଭୋର ୫ଟା ରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା । ଗତକାଲି ରାତ୍ରରେ ସାଭାବିକ ଭାବେ ଖାଦ୍ୟଗ୍ରହଣ କରି ଶଯ୍ୟା ଗ୍ରହଣ କରିଥିଲେ । ମାତ୍ର ପ୍ରତ୍ୟୁଷରେ ଛାତି ଯନ୍ତ୍ରଣାରେ ତାଙ୍କର ପରଲୋକ ହୋଇଯାଇଥିଲା । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ୨ ପୁଅ, ବୋହୂ, ନାତିନାତୁଣୀ ଓ ୨ ଝିଅ ଜ୍ୱାଇଁ ଉପସ୍ଥିତ ଥିଲେ । ମରଶରୀରକୁ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା । ବଡପୁଅ ମୁଖାଗ୍ନି ଦେଇଥିଲେ । ଜଣେ ଗ୍ରାମ୍ୟ କଳାକାର ଭାବେ କୃଷ୍ଣଚନ୍ଦ୍ରଙ୍କର ଯଥେଷ୍ଟ ସୁନାମ ରହିଥିଲା । ବଂଶୀବାଦନରେ ସେ ବେଶ ପାରଙ୍ଗମ ଥିଲେ । ଆଖପାଖ ଅଞ୍ଚଳର ପ୍ରତ୍ୟେ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଭାବେ ସଙ୍ଗୀନ ଗାନ ଓ ବଂଶୀବାଦନ କରି ଆତ୍ମତୃପ୍ତି ଅନୁଭବ କରୁଥିଲେ । ମାତ୍ର ଗରିବ କଷାଘାତ ଯୋଗୁଁ ରୋଗାକ୍ରାନ୍ତ ହୋଇ ସେ ଉପଯୁକ୍ତ ଯତ୍ନ ଓ ଚିକିତ୍ସା ଅଭାବରେ ପଡିଥିଲେ । ତମାମ ଜୀବନ ଅତି ଦୟନୀୟ ଭାବେ ଅତିବାହିତ କରିଥିଲେ । ଭରପୁର ଗୁଣ ଥାଇ ବି ସରକାରଙ୍କ କଳାକାର ଭତ୍ତା ଯୋଜନାରୁ ବାରମ୍ବାର ବାଦ ପଡିଥିଲେ । ବହୁ ଅଯୋଗ୍ୟ ମିଥ୍ୟା ପ୍ରମାଣପତ୍ର ଓ ରାଜନୈତିକ ସୁପାରିଶରେ କଳାକାର ଭତ୍ତା ପାଇ ଥିବା ବେଳେ ଉପଯୁକ୍ତ ଯୋଗ୍ୟତା ଥାଇ ମଧ୍ୟ କୃଷ୍ଣଚନ୍ଦ୍ର ଏହି ସୁଯୋଗରୁ ବଞ୍ଚିତ ହେବା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଥିଲା । କୃଷ୍ଣଚନ୍ଦ୍ରଙ୍କ ଅକାଳ ବିୟୋଗ ଗ୍ରାମ ଓ ଆଖପାଖ ଅଂଚଳରେ ଶୋକର ଛାୟା ସୃଷ୍ଟି କରିଛି ।

# ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସଚେତନତା ନିରାମୟ ଜୀବନର ମୂଳ ଉତ୍ସ

ସମ୍ବଲପୁର: ନିରାମୟ ଓ ସୁସ୍ଥ ସାସ୍ଥ୍ୟ ପାଇଁ ସାସ୍ଥ୍ୟ ଭିତିକ ସଚେତନତା ସହିତ ସ୍ୱଚ୍ଛତା ହିଁ ମୂଳ ସଂପତି । ଏଥିପାଇଁ ନିଜ ଓ ସାମାଜିକ ସ୍ତରରେ ସଚେତନ ରହିଲେ ଦୀର୍ଘାୟୁ ଓ ସୁସ୍ଥ ଜୀବନ ସମ୍ଭବ ବୋଲି ଆଜି ସାସ୍ଥ୍ୟ ବିଶେଷଜ୍ଞ ମାନେ ଗୁରୁତ୍ୱ ଦେଇଛନ୍ତି । ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚରେ ଜାତୀୟ ସହରାଞ୍ଚଳ ସାସ୍ଥ୍ୟ ମିଶନ,ସମ୍ବଲପୁର ପକ୍ଷରୁ ନଗର ସ୍ତରୀୟ ମହିଳା ଆରୋଗ୍ୟ ସମିତି ସମ୍ମଳନୀ-୨୦୨୩ ଅନୁଷ୍ଠିତ ହୋଇଯାଇଛି । ଏହାକୁ ମହାନଗର ଆୟୁକ୍ତ ପ୍ରଦୀପ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜଳନ କରି ଉଦଘାଟନ କରିଥିଲେ । ଆୟୋଜିତ ସଭାରେ ଶ୍ରୀ ସାହୁଙ୍କ ସହିତ ସମ୍ବଲପୁର ମହାନଗର ସାସ୍ଥ୍ୟ ଅଧିକାରୀ ଡା.ମହେନ୍ଦ୍ର କୁମାର ନନ୍ଦ, ଏଡିପିଏଚଓ(ଭିବିଡି) ଡା.ସୁଶିଲ କୁମାର ଦାଶ,ଏଡିପିଏଚଓ (ଲେପ୍ରସି) ଡା.ପ୍ରମୋଦ ଚନ୍ଦ୍ର ବିଶ୍ୱାଳ ଓ ସହରାଞ୍ଚଳ ଜାତୀୟ ସାସ୍ଥ୍ୟ ମିଶନର ଏଡିପିଏଚଓ ଡା.ପ୍ରଦୀପ କୁମାର ହୋତା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ସାସ୍ଥ୍ୟ ଓ ସ୍ୱଚ୍ଛତା ନେଇ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ ।କାର୍ଯ୍ୟକ୍ରମକୁ ସହରାଞ୍ଚଳ କାର୍ଯ୍ୟକ୍ରମ ପରିଚାଳକ (ସିପିଏମ) ନିକୁ ରଞ୍ଜନ ପ୍ରତିହାରୀ ସଂଯୋଜନା କରିଥିଲେ । ଏହି ଅବସର ବସ୍ତି ଅଞ୍ଚଳରେ ସାସ୍ଥ୍ୟ ଭିତ୍ତିକ ଉଲ୍ଲେଖନୀୟ ଅବଦାନ ପାଇଁ ୮୩ ଟି ମହିଳା ଆରୋଗ୍ୟ ସମିତିକୁ ୩ ହଜାର ଟଙ୍କା ସହିତ ପ୍ରମାଣ ପତ୍ର ଦେଇ ସମ୍ମାନୀତ କରାଯାଇଥିଲା । ସେହିପରି ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ପାଇଁ ୮ ଜଣ ଆଶା କର୍ମୀ,୩ ମହିଳା ସାସ୍ଥ୍ୟ କର୍ମି ଓ ୮ ଜଣ ଡାଟା ଆସିଷ୍ଟାଣ୍ଟ ,ଏକାଉଣ୍ଟେଟ୍ ଓ ଜଣେ ଫାର୍ମାସିଷ୍ଟଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ମହିଳା ଆରୋଗ୍ୟ ସମିତି ମାନଙ୍କ ଦ୍ୱାରା ପ୍ରାୟୋଜିତ ବିଭିନ୍ନ ସାସ୍ଥ୍ୟ ଭିତ୍ତିକ ସାସ୍ଥ୍ୟ ସଚେତନତା ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ ହୋଇଥିଲା । କ୍ଷୁଦ୍ର ନାଟିକା,ନୃତ୍ୟ,ଏକକ ଅଭିନୟ,ଦଳଗତ ନୃତ୍ୟ ପ୍ରଭୃତି ଦର୍ଶକଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା । ସମ୍ମିଳନୀର ବିଭିନ୍ନ କାର୍ଯ୍ୟକ୍ରମକୁ ଡିଏନ ସିଂହଦେଓ,ହେନାନି ଆନନ୍ଦ,ବନ୍ଦନା ନାୟକ,ବାଲେଶ୍ୱର ବିଶି,ବିଜୟଲକ୍ଷ୍ମୀ ନାୟକ,ରଞ୍ଜିତ ସା,ଦିଲ୍ଲିପ କୁମାର ନନ୍ଦ,ମାନସ ପୁରୋହୀତ,ସରିତା ଶର୍ମା,ଜି.ସାତୀ,ସୁପ୍ରଭାତ ନାୟକ,ବନ୍ଦିତା ପୁରୋହୀତ,ପୁର୍ଣ୍ଣମା ଭୋଇ,ପ୍ରଶାନ୍ତ ବେହେରା ଓ ଶର୍ମିଷ୍ଠା ପ୍ରଧାନ ପ୍ରମୁଖ ପରିଚାଳନା କରିଥିବା ବେଳେ ସିଟି ଡାଟା ମ୍ୟାନେଜର କଳ୍ପା ପରମା ଧନ୍ୟବାଦ ଅର୍ପଣ କରିଥିଲେ । ଏହାକୁ ସସ୍ମିତା ପଟ୍ଟନାୟକ ପରିଚାଳନା କରିଥିଲେ ।କାର୍ଯ୍ୟକ୍ରମରେ ମହାନଗର ନିଗମର ସମସ୍ତ ମହିଳା ଆରୋଗ୍ୟ ସମିତି ସଦସ୍ୟା ,ଆଶା କର୍ମି ,ମହିଳା ସାସ୍ଥ୍ୟ କର୍ମିପ୍ରମୁଖ ଯୋଗଦାନ କରିଥିଲେ ।ଶେଷରେ ସାମୁହିକ ନୃତ୍ୟ ବେଶ୍ ଆକର୍ଷଣୀୟ ଓ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।

# ଏପ୍ରିଲ୍ ୧ରୁ କଟକ କ୍ଲବର ୧୫୮ତମ ପ୍ରତିଷ୍ଠା ଉତ୍ସବ

କଟକ, (ପିପିଏସ୍) : ଓଡ଼ିଶାର ସର୍ବପୁରାତନ କ୍ଲବ କଟକ କ୍ଲବ ତା'ର ୧୫୮ ତମ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଆସନ୍ତା ଅପ୍ରେଲ ୧ ତାରିଖ ଓ ୨ ତାରିଖ ଦୁଇ ଦିନ ବ୍ୟାପୀ ପାଳନ କରିବାକୁ ଯାଉଛି । ଏକ ସାମ୍ବାଦିକ ସମ୍ମିଳନୀରେ କ୍ଲବର ସଭାପତି ଡା. ଜୟନ୍ତ ପଣ୍ଡା ଓ ସଂପାଦକ ଯଶୋବନ୍ତ ଦାସ ଦୁଇଦିନର କାର୍ଯ୍ୟକ୍ରମ ସଂପର୍କରେ ବିଶଦ ଭାବରେ ସୂଚନା ଦେଇଥିଲେ । ୧ ଅପ୍ରେଲ ଉତ୍କଳ ଦିବସରେ 'ଭଏସ ଅଫ୍ ବାରବାଟୀ'ର ଗ୍ରାଣ୍ଡ ଫିନାଲୋ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ଓଡ଼ିଶାର କୋଣ ଅନୁକୋଣରୁ ୧୦୫ ଜଣ କଣ୍ଠଶିଳ୍ପୀ ଭାଗ ନେଇଛନ୍ତି । ଏହି ତ୍ରିସ୍ତରୀୟ ଚୟନରେ ୭ ଜଣ ପ୍ରତିଯୋଗୀ ଗ୍ରାଣ୍ଡ ଫିନାଲୋରେ ଭାଗ ନେବେ । ଏହି ପ୍ରତିଯୋଗିତାକୁ ଓଡ଼ିଶାର ଜଣାଶୁଣା ସଂଗୀତକାର ଯଥା ଏ. ମହେଶ୍ୱର ରାଓ, ଗୀତା ପଟ୍ଟନାୟକ, ବିକାଶ ଦାସ, ଓମ୍ ପ୍ରକାଶ ମହାନ୍ତି, ନିତ୍ୟଶ୍ରୀରଂଜନ (ବାବୁ), ଶରତ ନାୟକ, ବୈଦ୍ୟନାଥ ଦାସ ଏବଂ ସୌମିତ୍ରୀ ପଲେଇ ବିଚାରକ ଭାବେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ବାଛିବେ । ବିଜୟୀ ପ୍ରଥମ ପ୍ରତିଯୋଗୀଙ୍କୁ "ଭଏସ ଅଫ୍ ବାରବାଟୀ" ଉପାଧି ସହ ୫୦ ହଜାର ଅର୍ଥ ରାଶୀ ପ୍ରଦାନ କରାଯିବ । ଦ୍ୱିତୀୟ ସ୍ଥାନରେ ଥିବା ପ୍ରତିଯୋଗୀଙ୍କୁ ୨୫ ହଜାର ଅର୍ଥରାଶି ପ୍ରଦାନ କରାଯିବ ବିଚାରଙ୍କ ଦ୍ୱାରା ଜଣେ ଉଦୀୟମାନ କଣ୍ଠଶିଳ୍ପୀଙ୍କୁ ୧୫ ହଜାର ଅର୍ଥରାଶି ପ୍ରଦାନ କରାଯିବ । ଏହି ପ୍ରତିଯୋଗିତା ବ୍ୟତୀତ ଓଡ଼ିଶା ଦୁଇ ଜଣ ବିଶିଷ୍ଟ ସଂଗୀତ ଶିଳ୍ପୀ ସରୂପ ନାୟକ ଏବଂ ତୃପ୍ତି ଦାସଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବ । ଦୁଇ ତାରିଖ ଅପ୍ରେଲ ଦିନ ଆଉ ଏକ ନିଆରା କାର୍ଯ୍ୟକ୍ରମ କଟକ କ୍ଲବ ପରିସରରେ ଅନୁଷ୍ଠିତ ହେବ । ତା' ହେଲା ପ୍ରଥମଥର ପାଇଁ ଓଡ଼ିଶାରେ ଥିବା ଟ୍ରାନ୍ସ ଜେଣ୍ଡରମାନଙ୍କର ଏକ ଫ୍ୟାଶନ ସୋ' ଅନୁଷ୍ଠିତ ହେବ । ଏଥିସହିତ ଆଦିବାସୀ ସଂପ୍ରଦାୟର କିଛି ଯୁବକ ଯୁବତୀ ମଧ୍ୟ ଅନ୍ୟ ଏକ ଫ୍ୟାଶନ ସୋ'ରେ ଭାଗ ନେବେ । ଏହା ବ୍ୟତୀତ ଇଣ୍ଡିଆନ ଆଇଡ଼ିଆଲରେ ଭାଗ ନେଇଥିବା ଓଡ଼ିଶାର ଦୁଇ ପ୍ରତିଭାଶାଳୀ କଣ୍ଠ ଶିଳ୍ପୀ ଶଶାଙ୍କଶେଖର ଏବଂ ସୋହିନୀ ମିଶ୍ର ମଧ୍ୟ ସଂଗୀତ ପରିବେଷଣ କରିବେ । ଏହିପରି ଦୁଇ ଦିନ ଧରି ଅନେକ ବ୍ୟକ୍ତି ବିଶେଷ ଯଥା ବିଭିନ୍ନ ଖେଳ କୁଦରେ ପାରଦର୍ଶିତା ଲାଭ କରିଥିବା ପ୍ରତିଯୋଗୀ, ପୁରୁଖା ସଭ୍ୟ, ସଭ୍ୟା ଇତ୍ୟାଦିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ ।।

# ବିଶ୍ୱ ଯକ୍ଷ୍ମା ଦିବସ ପାଳନ

ଝାରସୁଗୁଡ଼ା: ଜିଲ୍ଲା ସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ଶୋଭାଯାତ୍ରା , ସଭା ଓ ଆଲୋଚନା ଚକ୍ର ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସକାଳେ ଜିଲ୍ଲା କାର୍ଯ୍ୟାଳୟଠାରୁ ବେହେରମାଲ ଛକ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ସରୋଜ କୁମାର ସାମଲ ପତାକା ଦେଖାଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ ।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ 'ହଁ ଆମେ ଯକ୍ଷ୍ମା ମୁକ୍ତ କରିପାରିବୁ' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ପ୍ରବୀର କୁମାର ନାୟକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଯକ୍ଷ୍ମା ମୁକ୍ତ ଝାରସୁଗୁଡା ଗଠନ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ମୁଖ୍ୟ

# ଟିମ୍ ଇଣ୍ଡିଆ କୁ ଘାରିଛି ଆହତ ସମସ୍ୟା

ନୂଆଦିଲ୍ଲୀ(ଏଜେନ୍ସୀ): ଆସନ୍ତା ଅକ୍ଟୋବରରେ ଆରମ୍ଭ ହେବାକୁ ଯରାଉଛି ଦିନିକିଆ ବିଶ୍ୱକପ-୨୦୨୩ । ଏହାର ଆୟୋଜନ ଭାରତରେ ହେଉଥିବା ବେଳେ ଟିମ ଇଣ୍ଡିଆ ପାଇଁ ଚିନ୍ତା ଲଗାତାର ବଢିବାରେ ଲାଗିଛି । ଜଣକ ପରେ ଜଣେ ଭାରତୀୟ କ୍ରିକେଟ ଦଳର ବଡ ବଡ ଖେଳାଳି ଆହତ ହେଉଛନ୍ତି । ଆହତ ସମସ୍ୟା ମଧ୍ୟ ଗମ୍ଭୀର ହେଉଥିବାରୁ ବିଶ୍ୱକପ ଖେଳିବା ନେଇ ସନ୍ଦେହ ସୃଷ୍ଟି ହେଉଛି । ତେଣୁ ଏ ନେଇ ଚେତାବନୀ ଜାରି କରିଛି ବିସିସିଆଇ । ଆହତ ଖେଳାଳିମାନଙ୍କୁ ନେଇ କଠୋର ହେବା ସହ ସେନାଲ କ୍ରିକେଟ ଏକାଡେମୀ(ଏନସିଏ)କୁ ଚେତାବନୀ ଦେଇଛି ଭାରତୀୟ କ୍ରିକେଟ ବୋର୍ଡ । ଭାରତୀୟ ଖେଳାଳି ଲଗାତାର ଭାବରେ ଆହତ ହେବାକୁ ନେଇ ବିସିସିଆଇର ଚିନ୍ତା ବଢିଯାଇଛି । ତେବେ ଏନସିଏକୁ ଚେତାବନୀ ଦେଇ ବିସିସିଆଇ କହିଛି ଯେ, ଆହତ ଖେଳାଳିମାନଙ୍କ ଚିକିତ୍ସା ପାଇଁ ଆହୁରି ଭଲ ବ୍ୟବସ୍ଥା କରାଯାଉ । ଟିମ ଇଣ୍ଡିଆର ଷ୍ଟାର କ୍ରିକେଟର ଜଶପ୍ରୀତ ବୁମରାହ ଏବଂ ଶ୍ରେୟସ ଆୟରଙ୍କ ସହିତ ରଭେ ପନ୍ତଙ୍କ ଆହତ ସମସ୍ୟାକୁ ନେଇ ଏଭଳି କଠୋର ପଦକ୍ଷେପ ନେଇଛି ବିସିସିଆଇ । ଏହାସହିତ ଯଦି ଆବଶ୍ୟକ ପଡେ, ତେବେ ବିଦେଶରୁ ଡାକ୍ତର ଏବଂ ବିଶେଷଜ୍ଞଙ୍କୁ ଡକାଇବା ପାଇଁ ବୋର୍ଡ ଯୋଜନା କରୁଛି । ଏସବୁ ବ୍ୟତୀତ ବର୍ତ୍ତମାନ ରାଜ୍ୟ ସଂଘଗୁଡିକୁ ମଧ୍ୟ ସମସ୍ତ ଫିଜିଓଥେରାପିଷ୍ଟ ନିୟୋଜିତ କରିବା ସହ ଖେଳାଳିମାନଙ୍କ ରିପୋର୍ଟ ରଖାଯିବ । ଏହାପରେ ବିସିସିଆଇ କହିଛି ଯେ, ଏହା ବିଶ୍ୱକପର ବର୍ଷ ହୋଇଥିବା ବେଳେ ଦଳର ଅନେକ ବଡ ଖେଳାଳି ଆହତ ସମସ୍ୟା ଦେଇ ଗତି କରୁଛନ୍ତି । ତେଣୁ ବିଶ୍ୱକପ ପୂର୍ବରୁ କୌଣସି ସମସ୍ୟା ରଖିବାକୁ ଆମେ ଚାହୁଁନାହୁଁ ବୋଲି ବିସିସିଆଇ ମତ ରଖିଛି । ତେବେ ଟିମ ଇଣ୍ଡିଆର ଷ୍ଟାର ବ୍ୟାଟ୍ସମ୍ୟାନ ଶ୍ରେୟସ ଅୟର ବର୍ତ୍ତମାନ ସର୍ଜରୀ କରିବା ନେଇ କୌଣସି ନିଷ୍ପତ୍ତି ନେଇ ନାହାନ୍ତି । ତେବେ କିଛି ଦିନ ଅପେକ୍ଷା ପରେ ଏହି ନିଷ୍ପତ୍ତି ନେବା ଉଚିତ ହେବ ।

# ତାଇକ୍ୱୋଣ୍ଡୋ ଆସୋସିଏସନ ଅଫ୍ ଭଦ୍ରକ ଦ୍ୱାରା କଲର ବେଲ୍ଟ୍ ପରୀକ୍ଷା ଓ ପ୍ରମାଣପତ୍ର ପ୍ରଦାନ ଉତ୍ସବ

ଭଦ୍ରକ(ପିପିଏସ୍):ତାଇକ୍ୱୋଣ୍ଡୋ ଆସୋସିଏସନ ଅଫ୍ ଓଡିଶା ସହ ଅନୁବନ୍ଧିତ ଭଦ୍ରକ ଜିଲ୍ଲା ତାଇକ୍ୱୋଣ୍ଡୋ ଆସୋସିଏସନ ଆନୁକୂଲ୍ୟରେ ଏକ କଲର ବେଲ୍ଟ୍ ପରୀକ୍ଷା ଚରମାସ୍ଥିତ ହେପ୍ପି ହୋମ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୨୧ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଏହି ପରୀକ୍ଷା ସକାଳ ୭ଟା ବେଳେ ଆରମ୍ଭ ହୋଇ ଦିବା ୧୨ଘଟିକା ସମୟରେ ଶେଷ ହୋଇଥିଲା । ପରୀକ୍ଷା ପରିଚାଳନା କରିଥିଲେ ତାଓ ସାଧାରଣ ସଂପାଦକ ରବିନାରାୟଣ ପାଣିଗ୍ରାହୀ ଓ ତାଙ୍କୁ ସହଯୋଗ କରିଥିଲେ ଢେଙ୍କାନାଳ ତାଇକ୍ୱୋଣ୍ଡୋ ଆସୋସିଏସନର ପ୍ରଶିକ୍ଷକ ଜଂ. ସୌମ୍ୟକାନ୍ତ ବେଉରା, ଅନ୍ୟତମ ପ୍ରଶିକ୍ଷକ ରାଜେନ୍ଦ୍ର ବେହେରା, ବାଲେଶ୍ୱରର ଆଦ୍ୟାଶା ଦାସ, ମୟୁରଭଞ୍ଜର ବୁଧୁରାମ ସିଂ ଓ ଶରତ ମଢୁଆଳ । ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବରେ ଉର୍ତ୍ତୀନ୍ନ ହୋଇଥିବା ସମସ୍ତ ଶିକ୍ଷାର୍ଥୀଙ୍କୁ କଲର୍ ବେଲ୍ଟ୍ ସହ ତାଇକ୍ୱୋଣ୍ଡୋ ଏକାଡେମୀ ଅଫ୍ ଇଣ୍ଡିଆ ପ୍ରଦତ୍ତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । 'ତାଓ' କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ବିଜୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଯାପନ ଉତ୍ସବରେ ଅତିଥି ରୂପେ ଭଦ୍ରକର ପୂର୍ବତନ ବିଧାୟକ ନରେନ୍ ପଲାଇ, ଜ୍ୟୋତି କନ୍‌ଭେଣ୍ଟର ଅଧ୍ୟକ୍ଷ ଫାଦର ଆଲେକ୍ସ, ହେପ୍ପିହୋମ୍ ପରିଚାଳିକା ପ୍ରଜ୍ଞାପାରମିତା ପଲାଇ, 'ତାଓ' କୋଷାଧ୍ୟକ୍ଷ ତଥା କାର୍ମେଲ ସ୍କୁଲର ଅଧ୍ୟାପିକା ସଂଘମିତ୍ରା ନନ୍ଦିନୀ ଦାସ, ସତନ୍ତ୍ର ପି.ପି. ପବନ ଶର୍ମା, ସାମାଜିକ କର୍ମୀ ବିଦ୍ୟାଧର ବାରିକ୍, ଜଂ. ଉତ୍ପଳକାନ୍ତି ଦାସ, ହେପ୍ପିହୋମ୍ କ୍ରୀଡା ଅଧ୍ୟାପକ ରବିନାରାୟଣ ଓଝା ପ୍ରମୁଖ ଯୋଗଦେଇ ସଂକ୍ଷିପ୍ତ ବକ୍ତବ୍ୟ ରଖିବା ସହ ପ୍ରମାଣ ପତ୍ର ଓ ବେଲ୍ଟ୍ ପ୍ରଦାନ କରିଥିଲେ । ଏହି ଅବସରରେ ତାଇକ୍ୱୋଣ୍ଡୋ ଶିକ୍ଷାର୍ଥୀଙ୍କ ଦ୍ୱାରା କିଛି ଉଚ୍ଚମାନର ସାମରିକ କଳା ପ୍ରଦର୍ଶନ କରାଯାଇଥିଲା । ଏହି ଉତ୍ସବ ପରିଚାଳନାରେ ତାଇକ୍ୱୋଣ୍ଡୋ ଆସୋସିଏସନ ଅଫ୍ ଭଦ୍ରକର ସମ୍ପାଦକ ସଂଗ୍ରାମ ତ୍ରିପାଠୀ, ସଦସ୍ୟା ତାରିଣୀ ସାହୁ, ସଦସ୍ୟ ଧନେଶ୍ୱର ଜେନା, ଯୋଗଗୁରୁ ସୁରେଶ ନାୟକ, ହରିହର ବାରିକ୍, ଦିଲ୍ଲୀପ କୁମାର ବେହେରା, ପ୍ରେମ ଶଙ୍କର ମିଶ୍ର, ଅଭିରାମ ଜେନା, କବିତା ବେହେରା ପ୍ରମୁଖ ସକ୍ରୀୟ ଭୂମିକା ଗ୍ରହଣ କରିଥିଲେ ।

# ଦେଶ ପାଇଁ ପୁଣି ଗୌରବ ଆଣିଲେ ଷ୍ଟାର ବକ୍ସର ନିଖତ ଜରିନ୍

ନୂଆଦିଲ୍ଲୀ(ଏଜେନ୍ସୀ): ଭାରତର ଷ୍ଟାର ବକ୍ସର ନିଖତ ଜରିନ୍ ପୁଣି ଥରେ ଦେଶପାଇଁ ଗୌରବ ଆଣିଛନ୍ତି । ସେ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ସ୍ପୋର୍ଟସ କମ୍ପ୍ଲେକ୍ସରେ ଚାଲିଥିବା ମହିଳା ବିଶ୍ୱ ବକ୍ସିଂ ଚାମ୍ପିୟନସିପରେ ୫୦ କେଜି ଓଜନ ବର୍ଗରେ ସର୍ଣ୍ଣ ପଦକ ଜିତିଛନ୍ତି । ରବିବାର ଖେଳାଯାଇଥିବା ଟାଇଟଲ ମ୍ୟାଚରେ ନିଖତ୍ ଜରିନ୍ ଭିଏତନାମର ବକ୍ସର ନୁଏନ୍ ଥି ଟାମଙ୍କୁ ୫-୦ ଗୋଲରେ ପରାସ୍ତ କରିଛନ୍ତି । ନିଖତଙ୍କର ଏହା କ୍ରମାଗତ ଦ୍ୱିତୀୟ ବିଶ୍ୱ ଚାମ୍ପିୟନସିପ୍ ଟାଇଟଲ୍ । ଗତବର୍ଷ ସେ ବିଶ୍ୱ ଚାମ୍ପିୟନସିପରେ ୫୨ କେଜି ବର୍ଗରେ ସର୍ଣ୍ଣ ପଦକ ଜିତିଥିଲେ । ଏଥର ସେ ନିମ୍ନ ଓଜନ ବର୍ଗରେ ଭାଗ ନେଇ କ୍ରମାଗତ ଦ୍ୱିତୀୟ ବିଶ୍ୱ ଚାମ୍ପିୟନସିପ୍ ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି । ଗତବର୍ଷ ନିଖତ ଜରିନ୍ ବକ୍ସିଂ ବିଶ୍ୱ ଚାମ୍ପିୟନସିପରେ ସର୍ଣ୍ଣ ପଦକ ଜିତିବାରେ ପଞ୍ଚମ ଭାରତୀୟ ମହିଳା ହୋଇଥିଲେ । ଏଭଳି ସ୍ଥିତିରେ ସେ ଏମସି ମେରି କମଙ୍କ ପରେ ବିଶ୍ୱ ଚାମ୍ପିୟନସିପରେ ଗୋଟିଏରୁ ଅଧିକ ସର୍ଣ୍ଣ ଏବଂ କ୍ରମାଗତ ଦୁଇଟି ସର୍ଣ୍ଣ ଜିତିବାରେ ଦ୍ୱିତୀୟ ଭାରତୀୟ ହୋଇଛନ୍ତି । ଶନିବାରଦିନ ଭାରତୀୟ ବକ୍ସର ନୀତି ଗନହାସ୍ ୪୮ କିଲୋଗ୍ରାମ ବର୍ଗରେ ସର୍ଣ୍ଣ ଜିତି ବିଶ୍ୱ ଚାମ୍ପିଅନ ହୋଇଥିଲେ । ସେ ୫-୦ ଗୋଲରେ ମଙ୍ଗୋଲିଆର ଲୁତସେଖ । ନ ଅଲଟାନସେତସେଗଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ ।

# ସ୍ୱିଟି ବୋରା ଓ୍ୱାଙ୍ଗ ଲିନାଙ୍କୁ ହରାଇ ଜିତିଲେ ସ୍ୱର୍ଣ୍ଣ ପଦକ

ନୂଆଦିଲ୍ଲୀ(ଏଜେନ୍ସୀ): ସ୍ୱିଟି ବୋରା ଶନିବାର ନୂଆଦିଲ୍ଲୀରେ ଆଇବିଏ ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପରେ ଚୀନର ଓ୍ୱାଙ୍ଗ ଲିନାଙ୍କୁ ହରାଇ ୭୫-୮୧ କେଜି ବର୍ଗ ଫାଇନାଲରେ ସର୍ଣ୍ଣ ପଦକ ଜିତିଛନ୍ତି । ଲାଇଟ୍ ହେଭିୱେଟ୍ ବକ୍ସିଂ ମୁକାବିଲାରେ ନିଜ ଚୀନ ପ୍ରତିଦ୍ୱନ୍ଦ୍ୱୀଙ୍କ ବିରୋଧରେ ଚମତ୍କାର ପ୍ରଦର୍ଶନ କରିଥିଲେ । ସ୍ୱିଟି ୩-୨ରେ ବିଜୟୀ ହୋଇଛନ୍ତି । ଏହା ପୂର୍ବରୁ ନିତୁ ଘନଘସ୍ ମଧ୍ୟ ଗୋଲ୍ଡ ମେଡାଲ୍ ଜିତିଥିଲେ । ଶନିବାର ଭାରତକୁ ଦୁଇଟି ସର୍ଣ୍ଣ ପଦକ ମିଳିଛି । ସ୍ୱିଟି ମ୍ୟାଚର ଆରମ୍ଭ ଧୈର୍ଯ୍ୟ ସହ କରିଥିଲେ । ଏହା ପରେ ଆକ୍ରମଣାତ୍ମକ ଖେଳର ପ୍ରଦର୍ଶନ କରି ପ୍ରଥମ ରାଉଣ୍ଡକୁ ୩-୨ରେ ଜିତି ନେଇଥିଲେ । ଦ୍ୱିତୀୟ ରାଉଣ୍ଡ ମଧ୍ୟ ସ୍ୱିଟି ୩-୨ରେ ବିଜୟୀ ହୋଇଥିଲେ । ଶେଷ ରାଉଣ୍ଡରେ ଚୀନ ଖେଳାଳି ଓ୍ୱାଙ୍ଗ ଲିନା ଭଲ ପ୍ରଦର୍ଶନ କରିଥିଲେ, କିନ୍ତୁ ଭାରତୀୟ ଖେଳାଳି ମଧ୍ୟ କଡ଼ା ଜବାବ ଦେଇଥିଲେ । ୯ ବର୍ଷ ପୂର୍ବେ ସ୍ୱିଟିଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା । ଚଳିତ ଥର ଓ୍ୱାର୍ଲ୍ଡ ଚାମ୍ପିୟନଶିପର ଫାଇନାଲରେ ପ୍ରବେଶ କରିବା ପାଇଁ ବହୁ ବଡ଼ ଖେଳାଳିଙ୍କୁ ସ୍ୱିଟି ହରାଇଥିଲେ । ୨୦୧୮ର ବିଶ୍ୱ ଚାମ୍ପିୟନ ଓ୍ୱାଙ୍ଗ ଲିନାଙ୍କୁ ଏଥର କୌଣସି ସୁଯୋଗ ଦେଇ ନଥିଲେ ସ୍ୱିଟି । ଏହା ପୂର୍ବରୁ ମହିଳା ବିଶ୍ୱ ବକ୍ସିଂ ଚାମ୍ପିୟନଶିପରେ ନିତୁ ୪୫-୪୮ କେଜି ବର୍ଗରେ ମଙ୍ଗୋଲିଆର ଲୁସାଇଖାନଙ୍କୁ ପରାସ୍ତ କରି ସର୍ଣ୍ଣ ଜିତିଥିଲେ । ପ୍ରଥମ ଥର ପାଇଁ ନିତୁ ବିଶ୍ୱ ଚାମ୍ପିୟନ ହୋଇଛନ୍ତି ।

# ଆଉଟ୍ ହୋଇକି ବି ଆଉଟ୍ ହେଲେ ନାହିଁ କାରୁଣାରନେ୍

ନୂଆଦିଲ୍ଲୀ(ଏଜେନ୍ସୀ): କ୍ରିକେଟକୁ ଅନିଶ୍ଚିତତାର ଖେଳ ବୋଲି କୁହାଯାଏ । କାରଣ ଅଧିକାଂଶ ମ୍ୟାଚରେ କିଛି ନା କିଛି ଅଜବ ଘଟଣା ଘଟୁଥିବାର ଦେଖିବାକୁ ମିଳେ । ତେବେ ଏମିତି ଏକ ଅଜବ ଘଟଣା ଦେଖାଯାଇଛି ନ୍ୟୁଜିଲାଣ୍ଡ ଏବଂ ଶ୍ରୀଲଙ୍କା ମଧ୍ୟରେ ଖେଳାଯାଉଥିବା ଦିନିକିଆ ମ୍ୟାଚରେ । ବ୍ୟାଟ୍ସମ୍ୟାନ ସ୍ପଷ୍ଟ ଭାବରେ ରନ୍ ଆଉଟ ହୋଇଥିବା ଦେଖାଯାଉଥିବା ବେଳେ ଏହାକୁ ଗ୍ରହଣ କରି ନାହାନ୍ତି ଅନ୍-ଫିଲ୍ଡ ଅମ୍ପାୟାର । ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛି । ନ୍ୟୁଜିଲାଣ୍ଡ-ଶ୍ରୀଲଙ୍କା ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ଏଭଳି ଘଟଣା କ୍ୟାମେରାରେ ରେକର୍ଡ ହୋଇଛି । ଶ୍ରୀଲଙ୍କା ଦଳ ବ୍ୟାଟିଂ କରିବା ସମୟରେ ଚମିକା କରୁଣାରନଏ୍ ରନ୍ ଆଉଟ ହେଇଯାଇଥିଲେ । କିନ୍ତୁ ଅମ୍ପାୟାର ଏହାକୁ ଆଉଟ ବୋଲି ଘୋଷଣା କରିନାହାନ୍ତି । ପାଳିର ୧୮ତମ ଓଭରରେ କରୁଣାରନଏ୍ ମିଡ୍ ଅନ୍ ଦିଗରେ ଶଟ୍ ଖେଳିଥିଲେ ଏବଂ ଦ୍ୱିତୀୟ ରନ୍ ନେବା ପାଇଁ ଚେଷ୍ଟା କରୁଥିଲେ । ବଲ କଲେକ୍ଟ କରି ବ୍ୟାଟ୍ସମ୍ୟାନ କ୍ରିଜରେ ପହଞ୍ଚିବା ପୂର୍ବରୁ ଏହାକୁ ୱିକେଟରେ ଲଗାଇ ଦେଇଥିଲେ ବୋଲର । କିନ୍ତୁ ଅମ୍ପାୟାର ଏହାକୁ ରନ୍ ଆଉଟ୍ ବୋଲି ଗ୍ରହଣ କରି ନାହାନ୍ତି । କାରଣ ୱିକେଟର ବେଲ୍ ଲାଇଟ ଜଳି ନଥିଲା । ତେଣୁ ଅମ୍ପାୟାର ଏହାକୁ ଆଉଟ ଘୋଷଣା କରି ନଥିଲେ । ସେପଟେ କରୁଣାରନଏ୍ ମଧ୍ୟ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ତେବେ ବୋଲର ପ୍ରଥମ ବେଲ ହଟାଇବା ବେଳେ ଏହାର ଲାଇଟ ଜଳି ନଥିଲା, କିନ୍ତୁ ଦ୍ୱିତୀୟ ବେଲ ହଟାଇବା ପରେ ଏହାର ଲାଇଟ ଜଳିଥିବା ଦେଖାଯାଇଛି । ଏଥିପାଇଁ କାହାକୁ ଦାୟୀ କରାଯିବ ? ପ୍ରକୃତରେ କ୍ରିକେଟରେ ବ୍ୟବହୃତ ହେଉଥିବା ଏହି ବେଲ୍ ଚାର୍ଜ କରାଯାଇଥାଏ । କିନ୍ତୁ ଏହି ମ୍ୟାଚ ପୂର୍ବରୁ ଏହା ଚାର୍ଜ ହୋଇ ନଥିବାରୁ ବେଲ୍ ଜଳି ନଥିଲା । ଏହି କାରଣ ଯୋଗୁଁ ଚମିକା କରୁଣାରନଏ୍ ମ୍ୟାଚରେ ଏକ ନୂଆ ଜୀବନ ପାଇଥିଲେ । ସେପଟେ ଏହି ଘଟଣାକୁ ନ୍ୟୁଜିଲାଣ୍ଡ ଫ୍ୟାନ୍ସ ଅନ୍ୟାୟ ବୋଲି କହିଛନ୍ତି ।

ସପ୍ତାହର ଶେଷରେ ସାପ୍ତାହିକୀ ହାତରେ
ପ୍ରଜାତନ୍ତ୍ର ସାପ୍ତାହିକୀ
୨୬ମାର୍ଚ୍ଚ-୧ଅପ୍ରେଲ ୨୦୨୩

ଏଥରର ଓସ୍କାର ବିଜୟୀ

ଭାରତୀୟ ଫିଲ୍ମ ଆର୍ ଆର୍ ଆର୍‌ର ତେଲୁଗୁ ଗୀତ 'ନାଟୁ ନାଟୁ' ଏକାଡେମୀ ପୁରସ୍କାରରେ ସର୍ବଶ୍ରେଷ୍ଠ ଅରଜିନାଲ ଗୀତର ଶ୍ରେଣୀରେ ଓସ୍କାର ଜିତିକରି ଇତିହାସ ସୃଷ୍ଟି କରିଥିଲାବେଳେ ଆମେରିକାର ଲସ ଏଞ୍ଜେଲସଠାରେ ଆୟୋଜିତ ୯୫ ତମ ଓସ୍କାର ସମାରୋହରେ ପ୍ରଥମ କରି ଭାରତକୁ ୨ଟି ପୁରସ୍କାର ମିଳିଛି । ନାଟୁ ନାଟୁର ସଫଳତା ସହିତ ତାମିଲ ଭାଷାର ଡକ୍ୟୁମେଣ୍ଟାରୀ ଦ ଏଲିଫ୍ୟାଣ୍ଟ ହ୍ୱିସ୍ପର୍ସକୁ ଡକ୍ୟୁମେଣ୍ଟାରୀ ସର୍ଟ ସବଜେକ୍ଟ ଶ୍ରେଣୀରେ ଭାରତ ଲାଗି ପ୍ରଥମ ଓସ୍କାର ପୁରସ୍କାର ମିଳିଛି । କାର୍ତ୍ତିକି ଗୁଞ୍ଜାଲିବ୍ସ ଦ୍ୱାରା ନିର୍ଦ୍ଦେଶିତ ତଥା ଓଟିଟି ପ୍ଲାଟଫର୍ମରେ ପ୍ରସାରିତ ଏହି ଡକ୍ୟୁମେଣ୍ଟାରୀ ଏହି ଶ୍ରେଣୀରେ 'ହଲ୍ ଆଉଟ', ହାଓ ଟୁ ୟୁ ମେଜରମେଣ୍ଟ ଏ ଇୟର, ଦ ମାର୍ଥା ମିସେଲ ଇଫେକ୍ଟ ଏବଂ ଷ୍ଟ୍ରେଞ୍ଜର ଆର୍ଟ ଦ ଗେଟ୍‌କୁ ମାତ୍ ଦେଇ ପୁରସ୍କାର ହାସଲ କରିବାରେ ସଫଳ ହୋଇଛି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନାଟୁ ନାଟୁର ସଫଳତାକୁ ନେଇ ଟ୍ୱିଟ କରି କହିଛନ୍ତି ଏହା ଅସାଧାରଣ । ନାଟୁ ନାଟୁର ଲୋକପ୍ରିୟତା ବୈଶ୍ୱିକ । ଏହା ଏକ ଏଭଳି ଗୀତ ହେବ ଯାହାକୁ କି ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ସ୍ମରଣ କରାଯିବ ।

**ଜାତୀୟ:** ଓ୍ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲରେ ବିଜେପି ଓ ଚୀନରେ ମୋଦୀଙ୍କ ପ୍ରଶଂସା

**ସ୍ୱତନ୍ତ୍ର ପ୍ରସଙ୍ଗ:** ରାଜଧାନୀରେ 'ଟାଟୁ' ମାନିଆ

**ନାରୀ:** ସୋରିଷ ତେଲ ମାସ୍କ

**କ୍ଷୁଦ୍ରଗଳ୍ପ:** ହୁଣ୍ଡାକୁ ଗଛଭୂତ ଲାଗିଛି

**ଚଳଚ୍ଚିତ୍ର:** ରାମ ଚରଣଙ୍କୁ ଜବରଦସ୍ତ ସାଗତ,ବିବାଦରେ ଅଭିନେତା ସାକିବ ଖାନ,୩୩ ବର୍ଷରେ ପାଦ ଦେଲେ କ୍ରିଷ୍ଣାଲ୍ ଡିସୁଜା,ବିବାହ କଲେ ଟେଲି ଅଭିନେତ୍ରୀ ଦଲଜିତ୍ କୌର,ଆହତ ହେଲେ ଅଭିନେତା ଶାର୍ଲିନ ଭନୋଟ୍,ମରାଠୀ ଅଭିନେତା ଭାଲଚନ୍ଦ୍ର କୁଲକର୍ଣ୍ଣିଙ୍କ ଦେହାନ୍ତ,ଦୁର୍ଘଟଣାର ସମ୍ମୁଖୀନ ହେଲେ କାର୍ତ୍ତିକ ଆର୍ଯ୍ୟନ,ଚର୍ଚ୍ଚାରେ କେଆର୍‌କେ

**ଖେଳ:** କୋଲକାତାର ଅଧିନାୟକ ହେବେ ଯୁବ ବ୍ୟାଟ୍ସମ୍ୟାନ୍ ରିଙ୍କୁ ସିଂ,ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ହେଲେ ବରିଷ୍ଠ ଖେଳାଳି ଡେଭିଡ ୱାର୍ଣ୍ଣର,ଆଇସିସି ଟେଷ୍ଟ ରାଙ୍କିଙ୍ଗ୍‌ରେ ବିରାଟଙ୍କ ଜବରଦସ୍ତ ପ୍ରତ୍ୟାବର୍ତ୍ତନ,ସଚିନଙ୍କ ଐତିହାସିକ ରେକର୍ଡକୁ ପୂରିଲା ୧୧ବର୍ଷ,ଅଣ୍ଡରଓ୍ୱେୟାର ପିନ୍ଧି ଚର୍ଚ୍ଚାରେ ଇଂଲଣ୍ଡ ଟେଷ୍ଟ ଟିମର ଅଧିନାୟକ ବେନ ଷ୍ଟୋକ୍ସ ,ସୁସ୍ଥ ହେବା ପରେ ପାଣିରେ ଚାଲିଲେ ଋଷଭ ପନ୍ତ

ଏବଂ **ଶେଷପୃଷ୍ଠା** ରେ ଭର୍ତ୍ତୃହରି ମହତାବଙ୍କ " ଯୋଡ଼ିବା ପାଇଁ ଯାତ୍ରା: ଯାତରା ପାଇଁ ଯୋଡ଼''

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ

# ରଷଭଙ୍କ ଘରେ ପହଞ୍ଚିଲେ ଟିମ ଇଣ୍ଡିଆର ୩ ଜଣ ବିଶ୍ୱ ବିଜେତା

ନୂଆଦିଲ୍ଲୀ(ଏଜେନ୍ସୀ): ଟିମ ଇଣ୍ଡିଆର ଷ୍ଟାର ପ୍ଲେୟର ଋଷଭ ପନ୍ତ ଦୁର୍ଘଟଣାର ଶିକାର ହୋଇ ଏବେ ବି ଚିକିତ୍ସାରତ ଅଛନ୍ତି । ସର୍ଜରୀ ପରେ ବର୍ତ୍ତମାନ ସେ ଧିରେ ଧିରେ ସୁସ୍ଥ ହେଉଥିବା ବେଳେ ଖୁବଶୀଘ୍ର ଦଳକୁ କମବ୍ୟାକ କରିବେ ବୋଲି ଆଶା କରିଛନ୍ତି ଭାରତୀୟ ଫ୍ୟାନ୍ସ । ତେବେ ଏହା ମଧ୍ୟରେ ଶନିବାର ଋଷଭଙ୍କ ଘରେ ପହଞ୍ଚିଛନ୍ତି ଟିମ ଇଣ୍ଡିଆର ୩ ଜଣ ବିଶ୍ୱ ବିଜେତା । ପନ୍ତଙ୍କ ଘରେ ପହଞ୍ଚି ଋଷଭଙ୍କ ସାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଖୁବଶୀଘ୍ର ଦଳକୁ ଫେରିବା ପାଇଁ ଶୁଭେଚ୍ଛା ଜଣାଇଛନ୍ତି । ଟିମ ଇଣ୍ଡିଆର ପୂର୍ବତନ ଖେଳାଳି ସୁରେଶ ରାଇନା, ହରଭଜନ ସିଂହ ଏବଂ ଏସ. ଶ୍ରୀସନ୍ତୁ ଅଚାନକ ଋଷଭଙ୍କ ଘରେ ପହଞ୍ଚିଛନ୍ତି । ତେବେ ସୁରେଶ ରାଇନା ସମସ୍ତଙ୍କର ଏକ ଫଟୋ ଇନଷ୍ଟାଗ୍ରାମରେ ଅପଲୋଡ କରିବା ସହ ସୁନ୍ଦର ମେସେଜ ଲେଖିଛନ୍ତି । ଏହି ଫଟୋରେ ଆହତ ଋଷଭ ପନ୍ତଙ୍କ ସହ ସୁରେଶ ରାଇନା, ହରଭଜନ ସିଂ ବସିଥିବା ବେଳେ ପଛରେ ଶ୍ରୀସନ୍ତୁଙ୍କୁ ମଧ୍ୟ ଦେଖିବାକୁ ମିଳିଛି । ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ଏହି ଫଟୋକୁ ଅପଲୋଡ କରିଛନ୍ତି ସୁରେଶ ରାଇନା । ଏହା ସହିତ ସେ ଲେଖିଛନ୍ତି, ଭାଇଚାରା ହେଉଛି ସବୁକିଛି । ଯେଉଁଠି ଆମର ମନ ରହିଛି, ତାହା ହେଉଛି ପରିବାର । ଏହା ସହିତ ଖୁବଶୀଘ୍ର ସୁସ୍ଥ ହୋଇଯାଆନ୍ତୁ ବୋଲି କାମନା କରି ମେସେଜରେ ଲେଖିଛନ୍ତି ଯେ ପରିବାର, ଜୀବନ, ଭାଇଚାରା ଏବଂ ସମୟ ଉପରେ ବିଶ୍ୱାସ ରଖିଥାଅ ଭାଇ । ଆମେ ସର୍ବଦା ତୁମ ସହ ଅଛୁ । ଏହା ପୂର୍ବରୁ ପୂର୍ବତନ କ୍ରିକେଟର ଯୁବରାଜ ସିଂହ ମଧ୍ୟ ଋଷଭଙ୍କ ପାଖରେ ପହଞ୍ଚିଥିଲେ । ସେ ମଧ୍ୟ ପନ୍ତଙ୍କ ସୁସ୍ଥ କାମନା କରି ସେ କହିଥିଲେ ଯେ, ଧିରେ ଧିରେ ସୁସ୍ଥ ହେଉଥିବା ଋଷଭ ପନ୍ତ ଖୁବଶୀଘ୍ର ପିଟ ହୋଇ ପୁଣି ଥରେ କମାଲ କରିବାକୁ ମଇଦାନକୁ ଓହ୍ଲାଇବେ । ଦୁର୍ଘଟଣାରେ ଆହତ ହୋଇ ଋଷଭ ପନ୍ତ ଚଳତବର୍ଷର ଆଇପିଏଲ ସହ ବିଶ୍ୱ ଟେଷ୍ଟ ଚମ୍ପିଆନସିପରୁ ମଧ୍ୟ ବାଦ୍ ପଡିଛନ୍ତି । ଏହାସହ ତାଙ୍କର ଦିନିକିଆ ବିଶ୍ୱକପ ଖେଳିବା ନେଇ ମଧ୍ୟ ଆଶଙ୍କା ଲାଗି